ବର୍ଷ-୨୫, ସଂଖ୍ୟା-୨୯୨
ଭୁବନେଶ୍ୱର
୦୩, ନଭେମ୍ବର, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 292
Bhubaneswar
03, November, 2025 Monday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ୫୨ ବର୍ଷ ପ୍ରତୀକ୍ଷାର ଅନ୍ତ : ବିଶ୍ୱକପ୍ ଜିତିଲେ ଭାରତୀୟ ବେଟି

## କ୍ରିକେଟ୍ ଜଗତକୁ ମିଳିଲା ନୂଆ ଚାମ୍ପିଅନ

## ସେଫାଳି 'ମ୍ୟାନ୍ ଅଫ୍ ଦି ମ୍ୟାଚ', ଦୀପ୍ତି ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି'

## ଭାରତ ୨୯୮/୭, ଦକ୍ଷିଣ ଆଫ୍ରିକା ୨୪୬

ନଭି ମୁମ୍ବାଇ,୨।୧୧ : ଦୀର୍ଘ ୫୨ ବର୍ଷ ଅପେକ୍ଷାର ଅନ୍ତ ଘଟିଛି । ପ୍ରଥମ ଥର ମହିଳା ବିଶ୍ୱକପ୍ ଟ୍ରଫି ଜିତିଛି ଟିମ୍ ଇଣ୍ଡିଆ ୨୦୨୫ ବିଶ୍ୱକପରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ଚାମ୍ପିଅନ ହୋଇଛି ଭାରତ । ଏହା ସହ ମହିଳା କ୍ରିକେଟ୍ ଜଗତକୁ ମିଳିଛି ନୂଆ। ବିଜେତା ଫାଇନାଲ୍ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ କରିଥିଲା ୨୯୮ ରନ । ଜବାବରେ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନରେ ଅଲଆଉଟ୍ ହୋଇଛି । ଭାରତ ଟ୍ରଫି ଜିତିବା ସହ ଅଧିନାୟକ ହରମନପ୍ରୀତ କୌର ଭାରତର ପୂର୍ବତନ ଅଧିନାୟକ କପିଲ ଦେବ ଓ ମହେନ୍ଦ୍ର ସିଂ ଧୋନୀଙ୍କ କ୍ଲବରେ ସାମିଲ ହୋଇଛନ୍ତି ।କାରଣ ଦୁଇ ଅଧିନାୟକଙ୍କ ନେତୃତ୍ୱରେ ଭାରତୀୟ ପୁରୁଷ ଦଳ ଟ୍ରଫି ଜିତିଥିଲା ଆଉ ଏବେ ହରମନପ୍ରୀତ ଭାରତୀୟ ମହିଳା ଦଳକୁ ବିଶ୍ ଚାମ୍ପିଅନ କରାଇଛନ୍ତି ।

ମହିଳା ବିଶ୍ୱକପ ୧୯୭୩ରେ ଆରମ୍ଭ ହୋଇଥିଲା । ମାତ୍ର ଭାରତୀୟ ଦଳ ଏ ପର୍ଯ୍ୟନ୍ତ ଟ୍ରଫି ଜିତି ପାରି ନ ଥିଲା ।ଶେଷରେ ହରମପ୍ରୀତ କୌରଙ୍କ ନେତୃତ୍ୱରେ ଦଳ ଇତିହାସ ରଚିଛି ।ଟିମ୍ ଇଣ୍ଡିଆ ପୂର୍ବରୁ ୨୦୦୫ ଏବଂ ୨୦୧୭ରେ ଫାଇନାଲ୍ ଖେଳିଥିଲେ ହେଁ ରନର୍ସଅପରେ ସନ୍ତୁଷ୍ଟ ହେବାକୁ ପଡିଥିଲା। କିନ୍ତୁ ୨୦୨୫ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଇତିହାସରେ ନୂଆ ଅଧ୍ୟାୟ ଲେଖିଛି ।

୨୯୯ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦକ୍ଷିଣ ଆଫ୍ରିକାର ଆରମ୍ଭ ଭଲ ଥିଲା ଓପନିଂରେ ୫୧ ରନ ଯୋଡିଥିଲେ ଓପନର। ତେବେ ତଜମିନ ବ୍ରିଟ୍ସ(୨୩ ରନ)ଙ୍କୁ ରନ ଆଉଟ୍ କରି ଅମନଜୋତ କୌର ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ୧୦ ଓଭର ପରେ ଦକ୍ଷିଣ ଆଫ୍ରିକାର ସ୍କୋର ଥିଲା ୫୧ ରନରେ ଏକ ୱିକେଟ୍ ୬୨ ରନ ସ୍କୋରରେ ଶ୍ରୀଚରଣୀ ଦ. ଆଫ୍ରିକାକୁ ଦ୍ୱିତୀୟ ଝଟକା ଦେଇଥିଲେ। ଅନେକେ ବଶ ଖାତା ଖୋଲି ପାରି ନ ଥିଲେ। ୧୮ ଓଭରରେ ଆଫ୍ରିକା ୧୦୦ ଅତିକ୍ରମ କରିଥିଲା ମାତ୍ର ୧୧୪ ରନ ସ୍କୋରରେ ଶେଫାଳି ଭାଗିଦାରୀ ଭାଙ୍ଗି ଲୁସଙ୍କୁ ପାଭିଲିୟନ ପଠାଇଥିଲେ। ଲୁସ ୨୫ ରନ କରିଥିଲେ ହେଁ ବଡ ଇନିଂସ ଖେଳି ପାରି ନ ଥିଲେ। ୨୩ତମ ଓଭରରେ ଶେଫାଳି ପୁଣି ମାରିଜାନ(୪ ରନ)ଙ୍କୁ ଆଉଟ୍ କରି ଭାରତକୁ ବଡ ସଫଳତା ଦେଇଥିଲେ ଏବଂ ଭାରତର ସ୍ଥିତି ମଜବୁତ କରିଥିଲେ । ଅନ୍ୟପଟେ ଅଧିନାୟକ ଲୌରା କ୍ରିଜରେ ଅନ୍ୟ ପାଶ୍ୱରେ ଇନିଂସ ସମ୍ଭାଳିଥିଲେ।

୩୦ତମ ଓଭରରେ ଦୀପ୍ତି ଶର୍ମା ଦକ୍ଷିଣ ଆଫ୍ରିକାକୁ ପ□ମ ଝଟକା ଦେଇଥିଲେ ଜାଫଟା ୧୬ ରନ କରି ଆଉଟ୍ ହୋଇଥିଲେ। ଏଥିସହ ୧୪୮ ରନ ଭିତରେ ଦକ୍ଷିଣ ଆଫ୍ରିକା ୫ ବ୍ୟାଟରଙ୍କୁ ହରାଇଥିଲା ।ଏହା ପରେ ୪୦ତମ ଓଭରରେ ଦକ୍ଷିଣ ଆଫ୍ରିକାକୁ ବଡ ଝଟକା ଦେଇଥିଲେ ଦୀପ୍ତି ଶର୍ମା ଏନେରୀ ଡର୍କସନ ୩୫ ରନ କରି ଆଉଟ୍ ହୋଇଥିଲେ। ତେବେ ଭାରତକୁ ସବୁଠୁ ବଡ ସଫଳତା ମିଳିଥିଲା ୪୨ତମ ଓଭରରେ ଶତକୀୟ ଇନିଂସ ଖେଳିଥିବା ଅଧିନାୟକ ଲୌରାଙ୍କୁ ଆଉଟ୍ କରିଥିଲେ ଦୀପ୍ତି ଲୌରା ୧୦୧ ରନ କରି ପାଭିଲିୟନ ଫେରିଥିଲେ । ସେହି ଓଭରରେ କ୍ଲୋଏ ଟ୍ରାୟୋନଙ୍କୁ ପାଭିଲିୟନ ପଠାଇ ଭାରତକୁ ବିଜୟ ସୁନିଶ୍ଚିତ କରିଥିଲେ ଦୀପ୍ତି ।ଏହା ସହ ଦକ୍ଷିଣ ଆଫ୍ରିକା ୨୪୬ ରନରେ ଅଲଆଉଟ୍ ହୋଇଥିଲ। ଏହି ମ୍ୟାଚରେ ଦୀପ୍ତି ଶର୍ମା ୫ ୱିକେଟ୍ ନେଇ ଭାରତ ବିଜୟରେ ହିରୋ ସାଜିଥିଲେ। ବ୍ୟାଟିଂରେ ବି ସେ ୫୮ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଶେଫାଳି ବର୍ମା ଏବଂ ସ୍ମୃତି ମନ୍ଧାନାଙ୍କ ସହ ଭଲ ଆରମ୍ଭ କରିଥିଲା ଉଭୟ ୧୦୪ ରନର ଓପନିଂ ପାର୍ଟନରସିପ୍ କରିଥିଲେ। ସ୍ମୃତି ୫୮ ବଲରୁ ୪୫ ରନ କରିଥିଲେ। ଏହି ମ୍ୟାଚରେ ଶେଫାଳି ବର୍ମାଙ୍କ ପାଖରେ ଶତକ ହାସଲ କରିବାର ସୁଯୋଗ ଥିଲା, କିନ୍ତୁ ସେ ଏହାକୁ ହାତଛଡ଼ା କରିଥିଲେ। ସେ ୭୮ ବଲରୁ ୭ ଚୌକା ଏବଂ ଦୁଇଟି ଛକା ମାରି ୮୭ ରନ କରିଥିଲେ। ସେମିଫାଇନାଲ ମ୍ୟାଚରେ ଶତକ ହାସଲ କରିଥିବା ଜେମିମା ୩୭ ବଲରୁ କେବଳ ୨୪ ରନ କରିପାରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୨୯ ବଲରୁ ୨୦ ରନ କରିବା ପରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଅମନଜୋତ ୧୪ ବଲରୁ ୧୨ ରନ କରିଥିଲେ। ରିଚା ଘୋଷ ୩୪ ରନ କରିଥିଲେ। ଦୀପ୍ତି ଶର୍ମା ୫୮ ରନ କରି ରନ ଆଉଟ ହୋଇଥିଲେ। ଆଉ ଭାରତ ୨୯୮ ରନର ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆଇବୋଙ୍ଗା ଖାକା ତିନୋଟି ୱିକେଟ ନେଇଥିଲେ।




# ଏସ୍‌ଆଇ ଡିଲ୍‌ର ଗୁମର ଖୋଲିଲେ ଶଙ୍କର

## ପରୀକ୍ଷା ବାତିଲ ପାଇଁ ଷଡଯନ୍ତ୍ର ହୋଇଥିଲା

## ଲୁଚିନଥିଲି, ଆଇନଗତ ଭାବେ ଲଢୁଥିଲି

## ପାସପୋର୍ଟ, ଫର୍ଚ୍ୟୁନର ଓ ଦୁଇଟି ଆଇଫୋନ୍ ଜବତ



ଭୁବନେଶ୍ୱର,୨।୧୧(ମହାଭାରତ): ଓଡିଶା ପୋଲିସର କ୍ରାଇମବ୍ରାଞ୍ଚଦ୍ୱାରା ଏସଆଇ (ସବ୍-ଇନସ୍ପେକ୍ଟର) ନିଯୁକ୍ତି ପରୀକ୍ଷା ଘୋଟାଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ ହେବା ପରେ ନୂଆ ନୂଆ ତଥ୍ୟ ପଦାକୁ ଆସୁଛି, ଯାହାକି ଚହଳ ସୃଷ୍ଟି କରିଛି। ଭୁବନେଶ୍ୱରରେ ପହଂଚିବା ପରେ ଶଙ୍କର କହିଛନ୍ତି, ପୋଲିସ୍ ଏସଆଇ ନିଯୁକ୍ତି କେଲେଙ୍କାରୀରେ ହଜାରେ କୋଟିର ଡିଲ୍ ହୋଇଥିଲା। ପରୀକ୍ଷା ବାତିଲ ପାଇଁ ଷଡଯନ୍ତ୍ର ହୋଇଥିଲା। ଷଡ଼ଯନ୍ତ୍ରକାରିଙ୍କ ସବୁ ତଥ୍ୟ ସରକାରକୁ ଦେବି। ଗିରଫ ସମସ୍ତ ୧୨୪ ଜଣଙ୍କ ଜନ୍ମକୁଣ୍ଡଳୀ ବାହାର କରନ୍ତୁ ବୋଲି ମଧ ସେ କହିଛନ୍ତି। "ମୁଁ ଲୁଚିନଥିଲି, ଆଇନଗତ ଭାବେ ଲଢୁଥିଲି। ହାଇକୋର୍ଟରେ ଫାଇଲ୍ କରାଯାଇଥିଲା, ସୁପ୍ରିମକୋର୍ଟରେ ଫାଇଲ୍ କରିଥିଲି। ହାଇକୋର୍ଟଙ୍କୁ ଆଗୁଆ ଜାମିନ ମାଗିଥିଲି। ସମୟ ଦେଇଥିଲେ, ଗୋଟିଏ ମାସ ପରେ ଆସି ହାଜର ହୋଇଥାନ୍ତି। ପନ୍ନୀ ଦୀପ୍ତିମୟୀ ସାହୁଙ୍କ ନାଁରେ କୌଣସି କେସ୍ ନାହିଁ।"

ଶଙ୍କରଙ୍କଠାରୁ ପାସପୋର୍ଟ, ଗୋଟିଏ ଫର୍ଚ୍ୟୁନର ଏସୟୁଭି ଏବଂ ଦୁଇଟି ଆଇଫୋନ୍ ଜବତ ହୋଇଥିବା ନେଇ ଔପଚାରିକ ସୂଚନା ମିଳିଛି । ଏହି ସୂଚନା କ୍ରାଇମବ୍ରାଂଚ ରବିବାର ଜାରି କରିଥିବା ଏକ ପ୍ରେସ ବିଜ୍ଞପ୍ତିରେ ଦିଆଯାଇଛି। କ୍ରାଇମବ୍ରାଂଚର ସିଆଇଡି ଦଳ ଏକ ବଡ଼ ସଫଳତା ହାସଲ କରି ୩୨ ବର୍ଷ ବୟସର ଶଙ୍କର ପୃଷ୍ଟିଙ୍କୁ ଗିରଫ କରିଛି। ସେ ପଂଚାନନ ପୃଷ୍ଟିଙ୍କ ପୁଅ ଓ ଜଗନ୍ନାଥପୁର ଜଙ୍କସନ, ଏସବିଆଇ ରୋଡ୍, ଡିଫେନ୍ସ କଲୋନୀ (ଜେ-ଲାଇନ୍), ଥାନା ଚମକହାଣ୍ଡି, ଜିଲ୍ଲା ଗଞ୍ଜାମର ବାସିନ୍ଦା ଅଟନ୍ତି। ଶଙ୍କର ପୃଷ୍ଟି, ପଂଚସଫ୍ଟ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍, ପଟିଆ, ଭୁବନେଶ୍ୱରର ନିର୍ଦ୍ଦେଶକ ଅଟନ୍ତି ଏବଂ ସେ ତାଙ୍କ ସହଯୋଗୀ — ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା ଓରଫ ରିଙ୍କୁ, ଅରବିନ୍ଦ ଦାସ, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କ ସହ ମିଶି ଏହି ବଡ଼ ନିଯୁକ୍ତି ଘୋଟାଲା କରିଥିଲେ। କ୍ରାଇମବ୍ରାଂଚ ଅନୁସାରେ, ଡିଏସପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ ଏକ ବିଶେଷ ଦଳ ଶଙ୍କର ପୃଷ୍ଟିଙ୍କ ଗତିବିଧି ଉପରେ କିଛି ସପ୍ତାହ ଧରି ନଜର ରଖିଥିଲା। ଅଭିଯୁକ୍ତ ଲଗାତାର ଭାବେ ନିଜ ଠିକଣା ପରିବର୍ତ୍ତନ କରୁଥିଲେ ଯାହାଦ୍ୱାରା ସେ ଗିରଫ ହେବାରୁ ବର୍ତ୍ତିପରିବ, କିନ୍ତୁ ଶେଷରେ ଦଳ ତାଙ୍କୁ ଉତ୍ତରାଖଣ୍ଡର ଭାରତ-ନେପାଳ ସୀମା ନିକଟରେ ଟ୍ରାକ୍ କରି ଗିରଫ କରିଛି। ତାଙ୍କୁ ସ୍ଥାନୀୟ ଆଦାଲତରେ ହାଜର କରାଯାଇଥିଲା ଏବଂ ଆଗକୁ ପଚରାଉଚରା ପାଇଁ ଟ୍ରାଂଜିଟ୍ ରିମାଣ୍ଡରେ ଓଡ଼ିଶାକୁ ଆଣାଯାଇଛି। ତଦନ୍ତ ସମୟରେ, କ୍ରାଇମବ୍ରାଂଚ ତାଠାରୁ ଟୋୟୋଟା ଫର୍ଚ୍ୟୁନର (ରେଜିଷ୍ଟ୍ରେସନ୍ ନମ୍ବର ଓଡି୦୭ଏୟୁ୯୭୭୭), ଦୁଇଟି ଆଇଫୋନ୍, ଗୋଟିଏ ଲାଭା ମୋବାଇଲ୍ ଫୋନ୍, ଭାରତ ସରକାର ଜାରି ପାସପୋର୍ଟ ଓ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି। ଅଧିକାରୀମାନେ କହିଛନ୍ତି ଯେ, ଏହି ଜବତ ସାମଗ୍ରୀମାନଙ୍କୁ ଭାବରେ ଯାଂଚ କରାଯାଉଛି ଯାହାଦ୍ୱାରା ନିଯୁକ୍ତି ପରୀକ୍ଷା ଘୋଟାଲାର ସମଗ୍ର ନେଟୱର୍କ ଓ ଷଡଯନ୍ତ୍ରର ଗଭୀରତା ପର୍ଯ୍ୟନ୍ତ ପହଂଚିବା ସମ୍ଭବ ହେବ।

# ପାଉଁରୁଟି ପାଇଁ ଷଣ୍ଢକୁ ହତ୍ୟା

ହୀରାକୁଦ : ଏବେ ଚାଲିଛି କାର୍ତ୍ତିକ ମାସ ଧର୍ମ ମାସ। ଷଣ୍ଢ ହେଉଛନ୍ତି ଭଗବାନ ଶିବଙ୍କର ବାହାନ। ଶିବ ମନ୍ଦିରରେ ଭଗବାନ ମହାଦେବଙ୍କୁ ଦର୍ଶନ କରିବା ପୂର୍ବରୁ ଭକ୍ତମାନେ ପ୍ରଥମେ ବୃଷଭଙ୍କ ସ୍ପର୍ଶ କରିବା ସହିତ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥାନ୍ତି। ଧାର୍ମିକ ମନୋଭାବ ରଖୁଥିବା ବ୍ୟକ୍ତିମାନେ ରାସ୍ତାକଡ଼ରେ ବୁଲୁଥିବା ଷଣ୍ଢମାନଙ୍କୁ ଖାଇବା ଓ ପାଣି ପିଇବାକୁ ମଧ ଦେଇଥାନ୍ତି। ଆଧାତ୍ମିକ ବିଶ୍ୱାସ ଅନୁସାରେ ଗାଈ ଏବଂ ଷଣ୍ଢଙ୍କୁ ଖାଦ୍ୟ ଖୁଆଇଲେ ଭଗବାନ ସେହି ବ୍ୟକ୍ତିଙ୍କ ଉପରେ ସନ୍ତୁଷ୍ଟ ହୋଇ ଦୋଷ କ୍ଷୟ କରିଥାନ୍ତି ବୋଲି ମଧ ବିଶ୍ୱାସ ରହିଛି। ତେବେ ସମ୍ବଲପୁର ଉପକଣ୍ଠ ହୀରାକୁଦ ସହରରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଏକ ଦୋକାନରୁ ବୁଲା ଷଣ୍ଢ ବ୍ରେଡ୍ ଖାଇ ଦେବାରୁ ମାଲିକ ଉତ୍ତେଜିତ ହୋଇଛନ୍ତି। ଏକ ଧାରୁଆ ଛୁରୀରେ ଷଣ୍ଢକୁ ଆକ୍ରମଣ କରିଛନ୍ତି, ଯେଉଁଥିରେ ତାର ମୃତ୍ୟୁ ଘଟିଛି ।ଅଭିଯୁକ୍ତ ହେଲେ ଶିବ ମହାନ୍ତି (୫୫)। ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଛି।

ସୂଚନା ଅନୁସାରେ ହୀରାକୁଦ ଥାନା ଅଧୀନ ସ୍ଥାନୀୟ ଦୈନିକ ବଜାରରେ ଶିବ ମହାନ୍ତି ଏକ ରାସନ ଦୋକାନ ପରିଚାଳନା କରୁଛନ୍ତି। ଏହି ଦୋକାନ ରାସ୍ତାକଡ଼ରେ ରହିଛି। ଅନ୍ୟ ଦିନ ଭଳି ଶିବ ମହାନ୍ତି (୫୫) ଆଜି ଦୋକାନ ଖୋଲିଥିଲେ। ଦୋକାନ ବାହାରେ ମଧ ସେ ବିଭିନ୍ନ ଜିନିଷ ରଖିଥିଲେ। ଅପରାହ୍ନ ପ୍ରାୟ ୧୨ଟାରେ ରାସ୍ତାକଡ଼ରେ ବୁଲୁଥିବା ଏକ ଷଣ୍ଢ ଆସିଥିଲା ଏବଂ ଦେକାନରୁ ବ୍ରେଡ୍ ନେଇ ଖାଇଥିଲା। ଫଳରେ ଦୋକାନ ମାଲିକ ରାଗି ଯାଇଥିଲେ ।ଭଗବାନ ରୂପୀ ବୁଲା ଷଣ୍ଢ ବ୍ରେଡ୍ ନେଇ ଖାଇଦେଲା ପରେ ଦୋକାନୀ ଶିବର ମୁଣ୍ଡକୁ ପିତ୍ତ ଚଢ଼ିଯାଇଥିଲା। ସେ ହିତାହିତ ଜ୍ଞାନ ଭୁଲି ଯାଇଥିଲା। ରାଗରେ ଜର୍ଜରିତ ହୋଇ ଦୋକାନରେ ରଖିଥିବା ଏକ ଧାରୁଆ। ଛୁରୀରେ ଷଣ୍ଢକୁ ଆକ୍ରମଣ କରିଥିଲେ। ଆକ୍ରମଣ ଶିକାର ହେଲା ପରେ ଷଣ୍ଢଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ହିଁ ପଡ଼ି ଯାଇଥିଲା।

# ରାଜସ୍ଥାନର ଭୟଙ୍କର ଦୁର୍ଘଟଣା, ୧୫ ମୃତ

ଜୟପୁର,୨।୧୧: ରାଜସ୍ଥାନର ଯୋଧପୁରରେ ରବିବାର ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି ।



ଯୋଧପୁର ଜିଲ୍ଲାର ଫାଲୋଡି ଉପଖଣ୍ଡର ମାଟୋଡା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଟ୍ରାଭେଲର ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରେଲରକୁ ପଛପଟୁ ଧକ୍କା ଦେଇଥିଲା। ଯାତ୍ରୀମାନେ ବିକାନେର ଜିଲ୍ଲାର କୋଲାୟତ ଦର୍ଶନ କରି ଯୋଧପୁରର ସୁରସାଗର ଫେରୁଥିଲେ। ଟ୍ରାଭେଲରଟି କୋଲାୟତରୁ ଫେରୁଥିଲା ଏବଂ ଯୋଧପୁର ଅଭିମୁଖେ ଯାଉଥିଲା ମାଟୋଡା ନିକଟରେ ରାସ୍ତାକଡ଼ରେ ଛିଆ ହୋଇଥିବା ଏକ ଟ୍ରେଲରକୁ ଡ୍ରାଇଭର ଦେଖିପାରି ନଥିଲେ। ଦ୍ରୁତ ଗତିରେ ଟ୍ରେଲରକୁ ଧକ୍କା ଦେଇଥିଲା ଟ୍ରାଭେଲର ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରାଭେଲରଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଚୁରମାର ହୋଇଯାଇଛି । ଘଟଣାସ୍ଥଳରେ ଅନେକ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ ମିଳିଥିବା ସୂଚନା ଅନୁସାରେ, ୧୫ ଯାତ୍ରୀଙ୍କ ମୃତ୍ୟୁ ହୋଇଛି ଏପରିକି ଆଗକୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି ।

# ୭ରେ ନୂଆପଡ଼ାରେ ହାଇଭୋଲେଟଜ ପ୍ରଚାର

ଭୁବନେଶ୍ୱର/ନୂଆପଡ଼ା,୨।୧୧(ମହାଭାରତ): ନୂଆପଡ଼ା ଉପନିର୍ବାଚନର ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶାସକ ବିଜେପି ସହ ବିରୋଧୀ ବିଜେଡି ଓ କଂଗ୍ରେସର ତୁଙ୍ଗ ନେତାମାନେ ପ୍ରଚାରକୁ ଆହୁରି ଜୋରଦାର କରିଛନ୍ତି। ଭୋଟରଙ୍କ ନିକଟରେ ପହଞ୍ଚିବା ସମସ୍ତେ ଯଥାସମ୍ଭବ ଚେଷ୍ଟା କରୁଛନ୍ତି। ନିର୍ବାଚନମଣ୍ଡଳୀର ଘରେ ଘରେ ପହଞ୍ଚି ଭୋଟରଙ୍କ ନିକଟତର ହେବା ପାଇଁ ନେତାମାନେ ଦିନରାତି ଏକ କରିଦେଇଛନ୍ତି। ଏପରିସ୍ଥଳରେ ଆଗାମୀ ଦିନରେ ରାଜ୍ୟ ତଥା ଦେଶର ବଡ଼ ନେତାଙ୍କୁ ଦେଖିବାକୁ ମିଳିବ, ଯାହା ଏହି ଲଢ଼େଇକୁ ଅଧିକ ରୋଚକ କରିଛି। ଏହିପରିପ୍ରେକ୍ଷୀରେ ଆସନ୍ତା ୭ ତାରିଖରେ ସବୁଠୁ ହାଇଭୋଲ୍‌ଟେଜ ପ୍ରଚାର ଦେଖିବାକୁ ମିଳିବ। ଆସନ୍ତା ୭ ତାରିଖରେ ନୂଆପଡାରେ ହାଇଭୋଲଟେଜ ପ୍ରଚାର । ବିଜେପି ପ୍ରାର୍ଥି ଜୟ ଢୋଲକିଆଙ୍କ ପାଇଁ ପ୍ରଚାର ମୈଦାନକୁ ଦ୍ୱିତୀୟ ଥର ପାଇଁ ଓହ୍ଲାଇବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।ବିଜେଡି ପ୍ରାର୍ଥିନି ସ୍ନେହାଙ୍ଗିନ ଛୁରିଆଙ୍କ ପାଇଁ ଦ୍ୱିତୀୟ ଥର ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇ ବିଶାଳ ରୋଡ଼ ଶୋ କରିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେହିପରି କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଭୋଟ ମାଗିବାକୁ ସେହିଦିନ ନୂଆପଡ଼ା ଉପ ନିର୍ବାଚନ ପ୍ରଚାର ମୈଦାନକୁ ଓହ୍ଲାଇବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ୍ ରେଡ୍ଡୀ। ଆଜି କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ ଓ ବୈଜୟନ୍ତ ପଣ୍ଡା ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର ଜୋରଦାର କରିଛନ୍ତି ।ନୂଆପଡା ଜାମପାଣି ଂଚାୟତରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମଙ୍କ ମାରାଥନ ପ୍ରଚାର। ବନଞ୍ଜାରା ସମାଜର ସଭାରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ ମାଗିଥିବା ବେଳେ ବନଞ୍ଜାରା ସମାଜର ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି । ଜାମପାଲ୍ଲୀରେ ବିଜେପି ପକ୍ଷରୁ ଆଦିବାସୀ ବାଞ୍ଜାରା ସମାଜ ସମ୍ମିଳନୀ କରାଯାଇଛି ।ଏଥିରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପଂଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟନନ୍ଦ ଗଣ୍ଡ ଓ ସାଂସଦ ପ୍ରଦୀ ପୁରୋହିତ ଯୋଗ ଦେଇଛନ୍ତି ।ନୂଆପଡ଼ାରେ ଜୟ ଢୋଲକିଆଙ୍କୁ ଜିତାଇବା। ମୁଁ କେନ୍ଦ୍ରମନ୍ତ୍ରୀ ହୋଇପାରେ। ହେଲେ ମୁଁ ଆପଣଙ୍କ ପରି ଜଣେ ଆଦିବାସୀ ଲୋକ। ଆଦିବାସୀଙ୍କୁ ବିଜେପି ଦଳ ଅଧିକ କ୍ଷମତା ଦେଇଛି। ନବୀନ ବାବୁଙ୍କୁ ରାଜ୍ୟବାସୀ ବହୁତ ଦିନ ଧରି କ୍ଷମତା ଦେଲେ। ଆଉ ନୁହେଁ। ସେ ଯେତେଥର ଆସିଲେ ମଧ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଜୁଏଲ ଓରାମ କହିଛନ୍ତି।

ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ବୈଜୟନ୍ତ ପଣ୍ଡା ପ୍ରଚାର ଅବସରରେ କହିଛନ୍ତି ଯେ, ଶ୍ରିମ ଓଡିଶା ମୋ ରକ୍ତରେ ଅଛି। ଏଠି ମୋ ମାମୁଁ ଘର। ଜୟ ହେଉଛି ମୋ ସାନ ଭାଇ ।ସାନ ଭାଇ ପାଇଁ ଭୋଟ ମାଗିବାକୁ ଆସିଛି ।କଂଗ୍ରେସ ଦଳ କେବଳ ମିଛ ପ୍ରତିଶ୍ରୁତି ଦିଏ। ପଡୋଶୀ ଛତିଶଗଡ଼ ବାସିନ୍ଦାଙ୍କୁ କଂଗ୍ରେସର ଦୁଇ ବର୍ଷ ପୂର୍ବର କୁଶାସନ ସମ୍ପର୍କରେ ପଚାରିଲେ ସେମାନେ ତାଙ୍କ ମିଛ ସମ୍ପର୍କରେ ଭଲ ଭାବେ କହି ପାରିବେ । ନୂଆପଡ଼ାବାସୀଙ୍କ ଭବିଷ୍ୟତର ସ୍ୱପ୍ନ ପୁରଣ ପାଇଁ ମୋଦୀଙ୍କ ସହ ରହିବାକୁ ହେବ। ଏହି ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସନ୍ତୋଷ ଖଟୁଆ, ରାଜ୍ୟ ଉପସଭା ନେତ୍ରି କୁସୁମ ଟେଟେ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ବରିଷ୍ଠ ନେତା ପ୍ରସନ୍ନ ପାଢ଼ୀ, ପୂର୍ବତନ ସାଂସଦ ପ୍ରଭାସ ସିଂହ, ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆପଡ଼ାରେ ଆସନ୍ତା ନଭେମ୍ବର ୧୧ ତାରିଖରେ ଉପର୍ନିବାଚନ ଅନୁଷ୍ଠିତ ହେବ। ବିଜେଡିର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ (ସେପ୍ଟେମ୍ବର ୮) ହେତୁ ଏହି ଆସନ ଖାଲି ପଡ଼ିଥିଲା ଢୋଲକିଆ। ୨୦୨୪ ସମେତ ଚାରି ଥର ଏହି ଆସନରୁ ଜିତିଥିଲେ ୨୦୨୪ ବିଧାନସଭା ର୍ନିବାଚନରେ ସ୍ୱର୍ଗତ ଢୋଲକିଆ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ପ୍ରାୟ ୧୧,୦୦୦ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ସେତେବେଳେ ଭାଜପା ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ତୃତୀୟ ସ୍ଥାନରେ ଥିଲେ




# ଇସ୍ରୋର ସଫଳତା

ଶ୍ରୀହରିକୋଟା,୨।୧୧(ମହାଭାରତ); ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ରବିବାର ଶ୍ରୀହରିକୋଟା ସ୍ଥିତ ମହାକାଶ କେନ୍ଦ୍ରରୁ ଦେଶର ସବୁଠୁ ଓଜନିଆ। ଯୋଗାଯୋଗ ଉପଗ୍ରହ ସିଏମଏସ୍--୦୩କୁ ସଫଳତାର ସହ ଉତକ୍ଷେପଣ କରିଛି। ଏହି ଉପଗ୍ରହକୁ ଭାରତୀୟ ମାଟିରୁ ଜିଓସିଙ୍କ୍ରୋନସ୍ ଟ୍ରାନ୍ସଫର କକ୍ଷପଥ (ଜିଟିଓ)କୁ ନିଆଯାଉଥିବା ସବୁଠୁ ଭାରୀ ଉପଗ୍ରହ ବୋଲି କୁହାଯାଉଛି।

୨୪ ଘଣ୍ଟିଆ। କାଉଣ୍ଟଡାଉନ୍ ଶେଷ ହେବା ପରେ ଅପରାହ୍ନ ୫.୨୬ ମିନିଟରେ ୪୩.୫ ମିଟର ଉଚ୍ଚତା ବିଶିଷ୍ଟ ରକେଟ୍ ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ୍ ପ୍ୟାଡରୁ ମହାକାଶକୁ ଉଡ଼ାଣ ଭରିଥିଲା। ସିଏମଏସ୍--୦୩ ଉପଗ୍ରହଟି ଏଲ୍‌ଭିଏମ୩-ଏମ୫ ରକେଟ୍ ମାଧ୍ୟମରେ ଉତକ୍ଷେପଣ କରାଯାଇଛି।

ଇସ୍ରୋର ସୂଚନା ଅନୁଯାୟୀ, ପ୍ରାୟ ୧୬-୨୦ ମିନିଟ୍ ଉଡ଼ାଣ ପରେ ଉପଗ୍ରହଟି ପୃଥିବୀଠାରୁ ପ୍ରାୟ ୧୮୦ କିଲୋମିଟର ଉଚ୍ଚତାରେ ରକେଟ୍ ଠାରୁ ଅଲଗା ହୋଇଥିଲା ।-ସିଏମଏସ୍-୦୩ ହେଉଛି ଏକ ମଲ୍ଟି-ବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ, ଯାହା ଭାରତୀୟ ସ୍ଥଳଭାଗ ସମେତ ବିସ୍ତୃତ ସାମୁଦ୍ରିକ ଅଞ୍ଚଳରେ ଯୋଗାଯୋଗ ସେବା ଯୋଗାଇବ ।ଏହା ପୂର୍ବରୁ ଇସ୍ରୋ ଭାରୀ ଉପଗ୍ରହ ଉତକ୍ଷେପଣ ପାଇଁ ଫ୍ରେଞ୍ଚ ଗୁଇନାର କୌରୁ ଲଞ୍ଚ୍ ବେସ୍ ବ୍ୟବହାର କରୁଥିଲା। ୨୦୧୮ ଡିସେମ୍ବରରେ ଇସ୍ରୋ ସେଠାରୁ ପ୍ରାୟ ୫,୮୫୪ କିଲୋଗ୍ରାମ ଓଜନରଜିସାଟ୍-୧୧ ଯୋଗାଯୋଗ ଉପଗ୍ରହ ଉତକ୍ଷେପଣ କରିଥିଲା। ତେବେ, ସିଏମଏସ୍-୦୩ ହେଉଛି ଭାରତୀୟ ମାଟିରୁ ଜିଟିଓ କୁ ଯାଇଥିବା ସବୁଠୁ ଭାରୀ ଉପଗ୍ରହ।

ଭାରତୀୟ ମାଟିରୁ ଜିଓସିଙ୍କ୍ରୋନାସ୍ ଟ୍ରାନ୍ସଫର ଅରବିଟ୍‌କୁ ଉତକ୍ଷେପଣ କରାଯାଇଥିବା ଏହା ସବୁଠାରୁ ଓଜନିଅ। କମ୍ୟୁନିକେସନ ସାଟେଲାଇଟ୍ ଏହି ଉପଗ୍ରହ ମୁଖ୍ୟତଃ ଭାରତୀୟ ନୌସେନା ପାଇଁ ର୍ନିମିତ ହୋଇଛି । ଏହା ଜାହଜ, ବୁଡ଼ା ଜାହଜ ଏବଂ ବିମାନଗୁଡ଼ିକୁ ସୁରକ୍ଷିତ ତଥା ଉନ୍ନତ ଯୋଗାଯୋଗ ସେବା ଯୋଗାଇବ ସାମୁଦ୍ରିକ ଏବଂ ରଣନୈତିକ ସଂଯୋଗ ବୃଦ୍ଧିରେ ଏହା ଭୂମିକା ରହିବ ଏହି ମିଶନ ଦ୍ୱାରା ଭାରତର ମହାକାଶଭିତ୍ତିକ ସାମିରିକ ଓ ବେସାମରିକ ବ୍ୟବସ୍ଥା ମଜଭୁତ ହେବ ଭବିଷ୍ୟତରେ ହେବାକୁ ଥିବା ଗଗନଯାନ ମିଶନ ପାଇଁ ମଧ ସହାୟକ ହେବ ।



# ପିଡିଏସ୍ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ବୃଦ୍ଧି

ଭୁବନେଶ୍ୱର,୨।୧୧(ମହାଭାରତ): ପିଡିଏସ୍ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ବୃଦ୍ଧି କଲେ ସରକାର । ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ସରକାର। ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ରାଜ୍ୟର ସମସ୍ତ ପି.ଡ଼ି.ଏସ ହିତାଧିକାରୀଙ୍କ ଆଧାର ଭିତ୍ତିକ ଇ-କେ.ୱାଇ.ସି ପ୍ରକ୍ରିୟା ଜାରି ରହିଛି। ଏହା ସମସ୍ତ ୧୧,୮୨୭ ଗୋଟି ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ ଗୋଟି ବ୍ଲକ ଓ ୬୪ ଗୋଟି ପୌରାଂଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ର ଗୁଡ଼ିକରେ ଜାରି ରହିଛି ଓ ଏବେ ସୁଦ୍ଧା ଇ-କେ.ୱାଇ.ସି କରାଇ ନ ପାରିଥିବା ହିତାଧିକାରୀ ମାନଙ୍କୁ ପ୍ରତ୍ୟେକ ମାସର ପି.ଡ଼ି.ଏସ ସାମଗ୍ରୀ ପୂର୍ବଭଳି ପ୍ରଦାନ କରାଯାଉଅଛି ଓ କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେ.ୱାଇ.ସି ହୋଇନଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଂଚିତ କରାଯାଇନାହିଁ ଓ ଏହି ପ୍ରକ୍ରିୟା ଆସନ୍ତା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ଓ ଏର୍ଯ୍ୟନ୍ତ କୌଣସି କାରଣରୁ ଇ-କେ.ୱାଇ.ସି କରାଇ ନ ପାରିଥିବା ହିତାଧିକାରୀ ମାନେ ଡିସେମ୍ବର ୩୧ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ ବା ରାସନ କାର୍ଡ଼ ପରିଚାଳନା କେନ୍ଦ୍ରକୁ ଯାଇ ନିଜ ଆଧାର ଯୁକ୍ତ ଇ-କେ.ୱାଇ.ସି କରାଇ ପାରିବେ ।

# ସ୍ୱାଦିଷ୍ଟ କଫି

ଆବଶ୍ୟକ ସାମଗ୍ରୀ: କଫି ଆବଶ୍ୟକ ପରିମାଣରେ କଦଳୀ ୧ଟି, କ୍ଷୀର ୧କପ, ଡ଼ାଲଚିନି ଗୁଣ୍ଡ ୧ ଚାମଚ, ଚିନି ଆବଶ୍ୟକ ପରିମାଣରେ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କଦଳୀ ଓ ଚିନିକୁ ଭଲ ଭାବେ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇ ବସାଇ ଏହି ପ୍ରସ୍ତୁତ ପେଷ୍ଟକୁ ସେଥିରେ ପକାଇ ଗୋଳାନ୍ତୁ। କିଛି ସମୟ ଗୋଳାଇବା ପରେ ଏଥିରେ କ୍ଷୀର ପକାଇ ପୁଣି ଗୋଳାନ୍ତୁ। କିଛି ସମୟ ଫୁଟିବା ପରେ ଏଥିରେ ଡ଼ାଲଚିନି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ଭଲ ଭାବେ ପେଷି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ର ଗ୍ୟାସରେ ବସାଇ କ୍ଷୀର, ଚିନି, କଫି ପାଉଡ଼ର ପକାଇ ଫୁଟାଇ ଦିଅନ୍ତୁ। କଫି ପ୍ରସ୍ତୁତ ହେବା ପରେ ଏହାକୁ ଏକ କାଚ ଗ୍ଲାସକୁ କାଢି ପ୍ରସ୍ତୁତ ମିଶ୍ରଣକୁ ଏହାଉପରେ ରଖନ୍ତୁ।ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ କଫି।



ଖବର

# ୬୦ବର୍ଷରେ ପାଦ ରଖିଲେ ବଲିଉଡର କିଙ୍ଗ୍ ଖାନ






ବଲିଉଡର କିଙ୍ଗ ଖାନଙ୍କର ଆଜି ୬୦ତମ ଜନ୍ମଦିନ । ପ୍ରତିବର୍ଷ ଭଳି ଏ ବର୍ଷ ମଧ ଶାହରୁଖ ଖାନଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବାକୁ ତାଙ୍କ ଘର ମନ୍ନତ ଆଗରେ ହଜାର ହଜାର ଫ୍ୟାନ୍ସଙ୍କୁ ଏକାଠି ହୋଇଥିବାର ଦେଖିବାକୁ ମିଳିଛି । ଶାହରୁଖ ଖାନଙ୍କୁ ବାଲକୋନୀରେ ନଦେଖି ତାଙ୍କ ପ୍ରଶଂସକମାନେ ନିରାଶ ହୋଇଛନ୍ତି । ଏହି ସମୟର ଏକ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି । ଯେଉଁଥିରେ ପ୍ରଶଂସକମାନେ ଶାହରୁଖ ଖାନଙ୍କର ଫଟୋ ବ୍ୟାନର ଧରି ଫିଲ୍ମ ଷ୍ଟାଇଲରେ ଗୀତ ଗାଇ ତାଙ୍କୁ ଶୁଭେଚ୍ଛା ଜଣାଉଥିବାର ଦେଖିବାକୁ ମିଳିଛି । ପ୍ରତିବର୍ଷ ଅପେକ୍ଷା ଶାହରୁଖ ଖାନଙ୍କ ଏହି ବର୍ଷର ଜନ୍ମଦିନରେ ଫରକ ଥିଲା । କିଙ୍ଗ ଖାନଙ୍କ ଘର ମନ୍ନତ ସାମ୍ନାରେ ଫ୍ୟାନ୍ସଙ୍କ ଭିଡ଼ ଥିଲା କିନ୍ତୁ ଶାହରୁଖ ଖାନ ନଥିଲେ । ଶାହରୁଖ ଖାନଙ୍କ ଘର ମନ୍ନତର କନ୍ସଟ୍ରକ୍ସନ କାମ ଚାଲିଥିବାରୁ ଏହି ବର୍ଷର ଜନ୍ମଦିନ ସେ ତାଙ୍କର ଆଲିବାଗରେ ଥିବା ଫାର୍ମହାଉସରେ ପାଳନ କରିଥିଲେ । ଅନ୍ୟପଟେ ତାଙ୍କ ଘର ସାମ୍ନାରେ ଭିଡ଼ ହୋଇଥିବାରୁ ଟ୍ରାଫିକ ଜାମ୍ ହୋଇଥିଲା । ଯାହାକୁ ରୋକିବାକୁ ମୁମ୍ବାଇ ପୋଲିସ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଯାହା ଶାହରୁଖ ଖାନଙ୍କ ଫ୍ୟାନ୍ସଙ୍କ ପାଇଁ ନିରାଶଜନକ ଥିଲା ।

# ଦୀପ ଓ କର୍ପୂର ଆଳତି



ପ୍ରାଚୀନ କାଳରୁ ଆମ ଦେଶରେ ଅନେକ ପରମ୍ପରା ରହିଆସିଛି। ଯାହାକୁ ଏବେ ବି ପାଳନ କରାଯାଏ। ଯେପରି ଦେଶୀ ଘିଅରେ ଦୀପ ଜାଳିବା ଏବଂ କର୍ପୂରରେ ଦେବାଦେବୀଙ୍କୁ ଆଳତି କରିବା ପ୍ରଥା ପ୍ରଚଳନ ହୋଇଆସୁଛି। ଧାର୍ମିକ ମାନ୍ୟତା ଅନୁସାରେ ଆରତୀ କଲେ ଦେବାଦେବୀ ପ୍ରସନ୍ନ ହୋଇ ବରଦାନ ଦେଇଥାନ୍ତି। ସାଧକର ମନୋକାମନା ପୂର୍ଣ୍ଣ ହୋଇଥାଏ। ଏଥିସହ ଦେବଦୋଷ ଏବଂ ପିତୃଦୋଷ ଲାଘବ ହୁଏ। ତେଣୁ କର୍ପୂର ଆରତୀ ଶୁଭ। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ କର୍ପୂର ଜାଳିବା ଭଲ। ଏହା ଦ୍ୱାରା ବାତାବରଣରେ ଶୁଦ୍ଧତା ଆସିଥାଏ। ଅନେକ ଜୀବାଣୁ-କୀଟାଣୁ ନଷ୍ଟ ହୋଇଯାଇଥାନ୍ତି। ଶରୀର ଉପରେ ରୋଗର ଆକ୍ରମଣ ସହଜରେ ହୋଇପାରିନଥାଏ। ଏହିପରି ଅନେକ କିଛି। ତେଣୁ କର୍ପୁରରେ ଆରତୀ କରିବା ଅନେକ ଶୁଭଫଳ ଦେଇଥାଏ।

# ପାଦ ଫଟାର ଉପଚାର



ଶୀତଦିନେ କେତେଜଣଙ୍କର ପାଦ ଫଟା ସମସ୍ୟା ବଢ଼ିଯାଏ। ଥଣ୍ଡା ପାଗ କାରଣରୁ ଅନେକଙ୍କର ପାଦ ଫାଟି ରକ୍ତ ମଧ ବାହାରେଫ ଏଇ ଦିନେ ପାଦ ଓ ଗୋଇଠି ଫଟାର ଘରୋଇ ଉପଚାର କରିବା ଭଲ।

- ଖିର ୨ଚାମଚରେ ଅଧ ଚାମଚ ମହୁ ମିଶାଇ ପାଦ ଫଟାରେ ତୁଳା ସାହାଯ୍ୟରେ ଲଗାଇବେ। ୧୦-୧୫ଦିନ ରାତିରେ ଶୋଇବା ପୂର୍ବରୁ ଏଭଳି କଲେ ଆରାମ ମିଳେ।

- ନଡ଼ିଆ। ତେଲ ଓ ଅଲିଭ ତେଲ ପାଦ ପାଇଁ ଭଲ ମଏଶ୍ଚରାଇଜର୍ ଭଳି କାମ କରେ। ଗାଧୋଇବା ସମୟରେ ପାଦକୁ ପ୍ୟୁମିକ୍ ଷ୍ଟୋନ୍ରେ ଭଲରେ ଘଷି ମଇଳା ବାହାର କରନ୍ତୁ। ଶୋଇବା ସମୟରେ ତେଲକୁ ଉଷୁମ କରି ଲଗାଇବେ। ପାଦ ଫଟା ସମସ୍ୟା ଦୂରେଇଯିବ।

- ଚାଉଳକୁ ଗୁଣ୍ଡ କରି ସେଥିରୁ ୧ଚାମଚ ଓ ମହୁ ଅଧ ଚାମଚ ମିଶାଇ ପାଦ ଉପର-ତଳେ ଲଗାଇ ଶୁଖିବା ପରେ ଧୁଅନ୍ତୁ। ଏହା ପାଦ ପାଇଁ ଭଲ ସ୍କ୍ରବ୍ ଭଳି କାମ କରିଥାଏ।

- ଗ୍ଲିସେରିନ୍ ଯେପରି ତ୍ୱଚା ପାଇଁ ମଏଶ୍ଚରାଇଜର୍ ଭଳି କାମ କରେ, ପାଦରେ ମଧ ଏହା ପ୍ୟାକ୍ ପରି କାମ କରେ। ଗ୍ଲିସେରିନକୁ ତୁଳାରେ ନେଇ ପାଦରେ ଲଗାଇବେ। ଶୋଇବା ସମୟରେ ଏହି କାମ କରିବା ଉଚିତ।

- ଉଷୁମ ପାଣିରେ ନିୟମିତ ପାଦ ସଫା କରିବା ଭଲ। ପାଦରେ ଭଲ ମଏଶ୍ଚରାଇଜର୍ ଲଗାଇଲେ ଫଟା ସମସ୍ୟା ଦୂର ହୋଇଯାଏ।



# ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ। ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ।

**ମାନସିକ ସନ୍ତୁଳନ:**

ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ। ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି।

**ଥକ୍କାପଣ ଦୂର କରିଥାଏ :**

ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ। ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ।

**ଶ୍ୱାସ ରୋଗ:**

ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ। ହସ୍ତରେ ସୁନା, ରୂପା , କାଚ ଆଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ।

**ହରମୋନ ସନ୍ତୁଳନ କରିଥାଏ :**

ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ।

**ରକ୍ତ ପ୍ରବାହ :**

ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୂଚାରୁ ରୂପେ କରିଥାଏ।



# ଶୀତ ଦିନରେ ରସୁଣ ଖାଇବା ହିତାକାରୀ

ଶୀତ ଦିନ ଆରମ୍ଭ ହୋଇଯାଇଛି। ଶୀତ ଦିନରେ ଥଣ୍ଡା କାଶ ଏକ ସାଧାରଣ ସମସ୍ୟା। ସେଥିପାଇଁ ଏହି ଋତୁରେ ନିଜକୁ ସୁରକ୍ଷିତ ରଖିବାକୁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ।



ଶୀତ ଦିନରେ ରସୁଣ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ରସୁଣ ଖାଇବା ଦ୍ୱାରା ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ ଓ ଥଣ୍ଡା, କାଶ, ସଂକ୍ରମଣ ଭଳି ରୋଗ ଦୂର ହୋଇଥାଏ। ଡାକ୍ତର କୁହନ୍ତି ଯେ ରସୁଣ ଖାଇବା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ମଧ ଭଲ ରହେ। ରସୁଣ ଶରୀରକୁ ଗରମ ରଖିଥାଏ। ସେଥିପାଇଁ ଶୀତ ଦିନରେ ରସୁଣ ଖାଇବା ଉଚିତ। ରସୁଣ ସେବନ ଦ୍ୱାରା କେଉଁ କେଉଁ ଶାରୀରିକ ସମସ୍ୟା ଦୂର ହୋଇଥାଏ ଜାଣନ୍ତୁ :

**ଥଣ୍ଡା-କାଶ -** ଶୀତ ଦିନରେ ଅଧିକାଂଶ ଲୋକଙ୍କୁ ଥଣ୍ଡା କାଶ ହୋଇଥାଏ। କିନ୍ତୁ ରସୁଣ ସେବନ ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ରସୁଣ ଦ୍ୱାରା ପ୍ରତିରୋଧକ କ୍ଷମତା ମଜବୁତ ହୋଇଥାଏ। କଂଚା ରସୁଣ ଅତ୍ୟନ୍ତ ସ୍ୱାସ୍ଥ୍ୟକର।

**ମଧୁମେହ:** ଶୀତ ଦିନରେ ମଧୁମେହ ନିୟନ୍ତ୍ରଣ କରିବାକୁ ରସୁଣ ସବୁଠାରୁ ଉତମ। ରସୁଣ ଏମିତି ଅନେକ ଗୁଣ ଅଛି ଯାହା ବ୍ଲଡ଼ ସୁଗାର ମାତ୍ରାକୁ ସନ୍ତୁଳିତ କରିଥାଏ। ରସୁଣ ସେବନ ଦ୍ୱାରା ଡାଏବେଟିସ ନିୟନ୍ତ୍ରଣରେ ରହେ।

**ଉଚ୍ଚ ରକ୍ତଚାପ:** ରସୁଣରେ ପୋଟାସିୟମ ମାତ୍ରା ଅଧିକ ରହିଥାଏ ଯାହା ଶରୀରରେ ରକ୍ତ ସଂଚାଳନକୁ ନିୟନ୍ତ୍ରଣ କରିଥାଏ। ଯାହାଫଳରେ ରକ୍ତଚାପ ନିୟନ୍ତ୍ରଣରେ ରହେ ଓ ଉଚ୍ଚ ରକ୍ତଚାପ ସମସ୍ୟାରୁ ମୁକ୍ତି ମିଳିଥାଏ। ଶୀତ ଦିନରେ ପ୍ରତିଦିନ ରସୁଣ ଖାଇବା ଉଚିତ।

**ଦାନ୍ତ ବିନ୍ଧା:** ରସୁଣରେ ଆଂଟି ବ୍ୟାକ୍ଟେରିଆଲ ତତ୍ୱରହିଛି ଯାହା ଦାନ୍ତ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ରସୁଣ ଖାଇବା ଦ୍ୱାରା ଦାନ୍ତ ବିନ୍ଧାରୁ ଆଶ୍ୱସ୍ତି ମିଳିଥାଏ। ରସୁଣକୁ ଲବଙ୍ଗ ସହ ଛେଚି ବିନ୍ଧା ହେଉଥିବା ଜାଗାରେ ଲଗାଇଲେ ତୁରନ୍ତ ଆରାମ ମିଳିଥାଏ।

**ଗର୍ଭାବସ୍ଥାରେ ଲାଭଦାୟକ -** ଗର୍ଭାବସ୍ଥା ସମୟରେ ନିୟମିତ ରସୁଣ ସେବନ କରିବା ଉଚିତ। ଏହା ଉଭୟ ଗର୍ଭସ୍ଥ ମହିଳା ଓ ଶିଶୁ ପାଇଁ ଲାଭଦାୟକ। ଏହା ଗର୍ଭସ୍ଥଶିଶୁର ଓଜନ ବଢାଇବାରେ ସାହାଯ୍ୟ କରେ।

ନଗରନକ୍ସା
ମହାନଗରର ନିଜ ଭାଷା



# ପ୍ରଦୂଷଣ ନିୟନ୍ତ୍ରଣ ସଂପର୍କିତ ପରିଚାଳନା କମିଟି ବୈଠକ




**ଭୁବନେଶ୍ୱର,୨।୧୧ (ମହାଭାରତ):** ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ସଂପର୍କିତ ୬ଷ୍ଠ ପରିଚାଳନା କମିଟି ବୈଠକ ଗତକାଲି ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ତରଫରୁ ଆହୂତ ଏହି ବୈଠକରେ ରାଜ୍ୟ ସ୍ତରରେ ଏବଂ ଜିଲ୍ଲାସ୍ତରରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ତଦାରଖ ବ୍ୟବସ୍ଥାକୁ ଅଧିକ ପ୍ରଭାବୀ କରିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଛନ୍ତି। ଲାକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କୃଷି ଓ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ କମିଟିର ସଦସ୍ୟ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଶିକ୍ଷା, ଜଳ ସଂପଦ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବୈଠକରରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ(ଏନସିଏପି)ର ଅଗ୍ରଗତି ସଂପର୍କରେ ଆଲୋଚନା ସହ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ(ଏସସିଏପି)ର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଏନସିଏପି ଅଧୀନରେ ବାୟୁ ଗୁଣବତ୍ତାରେ ପିଏମ୧୦ ଓ ପିଏମ୨.୫ର ମାତ୍ରାକୁ ନିରନ୍ତରତା ଭିତ୍ତିରେ କମାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ରାଜ୍ୟରେ ଏନସିଏପି କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା ଏଥି ସହିତ ରାଜ୍ୟର ଯେଉଁସବୁ ସହରଗୁଡ଼ିକ (ଏସସିଏପି)ରେ ଅନ୍ତର୍ଭୁକ୍ତ ହୋଇନାହାଁନ୍ତି, ସେଭଳି ପ୍ରଦୂଷଣ ମାତ୍ରା ଅଧିକ ରହୁଥିବା ଅନ୍ୟ ୧୨ଟି ସହରକୁ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି)ରେ ଅନ୍ତର୍ଭୁକ୍ତ କରାଯାଇଛି।

୨୦୨୫ ରୁ ୨୦୩୦ ମସିହା ସୁଦ୍ଧା ଏସ୍‌ସିଏପି କାର୍ଯ୍ୟକାରୀ ହେବା ନିମନ୍ତେ ୨୦୨୫-୨୬ ରୁ ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ଏ ସମସ୍ତ ସହରଗୁଡ଼ିକ ପାଇଁ ମୋଟ ୧୫୦ କୋଟି ଟଙ୍କା ବ୍ୟୟର ଆବଶ୍ୟକତା ଓ ସଂପର୍କରେ ଆର୍ଥିକ ମଂଜୁରୀ ନିମନ୍ତେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଉଭୟ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଏବଂ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ ଅଧିକ ତଥ୍ୟ ଭିତ୍ତିକ ଏବଂ ଉପଯୁକ୍ତ ଭାବେ ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ଓ ଜିଲ୍ଲାସ୍ତରରେ କାର୍ଯ୍ୟକ୍ରମ ତଦାରଖ ବ୍ୟବସ୍ଥାକୁ ଅଧିକ ପ୍ରଭାବୀ କରୁବାକୁ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ ସଂପୃକ୍ତ ବିଭାଗମାନଙ୍କ ସହିତ ଆଲୋଚନା ସହିତ ସଂସ୍ଥାଗତ ପରିଚାଳନାକୁ ସୁବ୍ୟବସ୍ଥିତ କରବା ଏବଂ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନଙ୍କ ସହିତ ସମନ୍ୱୟ କରି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦୋଇଛନ୍ତି।

# ଭିସି ମାଧ୍ୟମରେ ମାନବାଧିକାର ଆୟୋଗଙ୍କ ମାମଲାର ଶୁଣାଣି

**ଭୁବନେଶ୍ୱର,୨।୧୧ (ମହାଭାରତ):** ଓଡ଼ିଶା ମାନବାଧିକାର କମିଶନଙ୍କ କାର୍ଯ୍ୟାଧାରା ସହଜ ଓ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ କମିଶନ ସୋମବାର ଠାରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ୩ ଗୋଟି କେଶର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମିଶନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀଙ୍କ ଅଦାଲତରେ ମୋଟ ୮୮ଟି ମାମଲା ତାଲିକାଭୁକ୍ତ ହୋଇଥିଲା ବେଳେ ତନ୍ମଧ୍ୟରୁ ଢେଙ୍କାନାଳ ଜିଲ୍ଲାର ୨ଟି ମାମଲା ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଣାଣି ହୋଇଥିଲା। ସାମାଜିକ କର୍ମୀ ଏବଂ ଅଧିବକ୍ତା ରାଜୀବ କୁମାର ପଟ୍ଟନାୟକ ଅଭିଯୋଗକାରୀ ଭାବେ ଆଜିର ଶୁଣାଣିରେ ଅଂଶଗ୍ରହଣ କରିଥିଲେ। ସେହିପରି ଅଧ୍ୟକ୍ଷ ଏବଂ ସଦସ୍ୟ ଅସିମ ଅମିତାଭ ଦାଶଙ୍କ ଡିଭିଜନ ବେଂଚ ୧ରେ ତାଲିକାଭୁକ୍ତ ମୋଟ ୨ଟି ମାମଲାରୁ କଟକ ଜିଲ୍ଲାର ୧ଟି ମାମଲାର ଶୁଣାଣି ଆଭାସି ମାଧ୍ୟମରେ କରା ଯାଇଥିଲା।

# ୮୮ତମ ସଂସ୍କୃତି ଚର୍ଚ୍ଚା ସମାରୋହ

**ଭୁବନେଶ୍ୱର,୨।୧୧ (ମହାଭାରତ):** ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୮ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ପ୍ରାକ୍ତନ ପ୍ରଫେସର ଇତିହାସ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ପ୍ରାକ୍ତନ କୁଳପତି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରଫେସର ଅମିୟ କୁମାର ପଟ୍ଟନାୟକ । ସଂପାନରେ ମୁଖ୍ୟ ଅତିଥି ଭାବରେ ଯୋଗ ଦାନ କରିଥିଲେ ସ୍ୱତନ୍ତ୍ର ଶାସନ ସଚିବ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦେବ ପ୍ରସାଦ ଦାଶ । ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ବନାନୀ ମହାପାତ୍ର। ସମ୍ମାନର ମୁଖ୍ୟବକ୍ତା ପ୍ରଫେସର ଅମିୟ କୁମାର ପଟ୍ଟନାୟକ ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପରମ୍ପରା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ନୌବାଣିଜ୍ୟ ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ



ବିଭବର ପରିଚୟ। ଶହ ଶହ ବର୍ଷ ଧରି ଓଡ଼ିଶାର ଅର୍ଥନୀତିକୁ ଏହା ସମୃଦ୍ଧ କରି ଆସିଅଛି। ମୁଖ୍ୟ ଅତିଥି ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ କହିଥିଲେ ଯେ କାର୍ତ୍ତିକ ପୂର୍ଣ୍ଣିମା ଅନ୍ୟମାନଙ୍କ ପାଇଁ ଏକ ପର୍ବ ହୋଇପାରେ ହେଲେ ଓଡ଼ିଆ ମାନଙ୍କ ପାଇଁ ଏହା ଏକ ସ୍ୱାଭିମାନର ପ୍ରତୀକ।

# ତମାଖୁ ସେବନ ବିରୁଦ୍ଧରେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟକୁ ମାର୍ଗଦର୍ଶନ ଜାରି କରାଯାଉ

**ଭୁବନେଶ୍ୱର,୨।୧୧ (ମହାଭାରତ):** ଦିନକୁ ଦିନ ଶିକ୍ଷାନୁଷ୍ଠାନର କ୍ୟାମ୍ପସ ଗୁଡିକରେ ବଢିବାରେ ଲାଗିଛି ନିଶା କରବାର। ଯାହା ପାଇଁ ନିଶାରେ ଗ୍ରସ୍ତ ହେଉଛନ୍ତି ଯୁବପିଢୀ। କ୍ୟାମ୍ପସ ଗୁଡିକାରେ ବଢିବାରେ ଲାଗିଛି ଅସାମାଜିକ କାର୍ଯ୍ୟକଳାପ। ଏହାରି ଭିତରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି କି, ଆମ ଯୁବପିଢ଼ିଙ୍କ ମଧ୍ୟରେ ତମାଖୁ ସେବନର ବ୍ୟାପକ ହେବା ଆମର ଚିନ୍ତାର ବିଷୟ। ଯାହା ଆମ ଦେଶର ସାର୍ବଜନୀନ ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ତମାଖୁ ସେବନ ବିରୁଦ୍ଧରେ ଭାରତ ସରକାରଙ୍କ ପ୍ରତିବଦ୍ଧତା ଏବଂ ତମାଖୁ ମୁକ୍ତ ପିଢ଼ିର ଦୃଷ୍ଟିକୋଣକୁ ଅନୁସରଣ କରି, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହଯୋଗୀ ମନ୍ତ୍ରଣାଳୟମାନଙ୍କ ସହଯୋଗରେ ପୂର୍ବରୁ ୦୨ ଅକ୍ଟୋବର ୨୦୨୫ ରେ ତମାଖୁ ମୁକ୍ତି ଯୁବ ଅଭିଯାନ ଆରମ୍ଭ କରିଥିଲା। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଯୁବପିଢ଼ି ଏବଂ ପିଲାମାନଙ୍କୁ ତମାଖୁ ସେବନ ବିରୁଦ୍ଧରେ ସଚେତନ କରିବା ଏବଂ ସ୍କୁଲ/କଲେଜ/ବିଶ୍ୱବିଦ୍ୟାଳୟ/ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚାର ପ୍ରସାର କରିବା। ଏହାକୁ ସଠିକ ଭାବରେ ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆବଶ୍ୟକ ମାର୍ଗଦର୍ଶନ ଜାରି କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଏହା ସହିତ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡା ଏବଂ କ୍ରୀଡା କାର୍ଯ୍ୟକଳାପକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରିବାକୁ ଅନୁରୋଧ କରାଯାଇଛି।

# ଆନ୍ତଃରାଜ୍ୟ ସୀମା ପ୍ରସ୍ତୁତିର ସମୀକ୍ଷା କଲେ ନିର୍ବାଚନ କମିଶନର

**ଭୁବନେଶ୍ୱର,୨।୧୧ (ମହାଭାରତ):** ଭାରତ ନିର୍ବାଚନ ଆୟୋଗ ଗୁରୁବାର ବିହାରରେ ଆନ୍ତଃରାଜ୍ୟ ସୀମା ସମସ୍ୟା ଉପରେ ଏକ ସମନ୍ୱୟ ବୈଠକ କରିଛନ୍ତି, ଯେଉଁଥିରେ ବିହାର, ଝାଡ଼ଖଣ୍ଡ, ଉତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର ମୁଖ୍ୟ ସଚିବ, ଡିଜିପି ଏବଂ ପ୍ରମୁଖ ଶାସନ ସଚିବ (ଗୃହ) ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଏବଂ ସମସ୍ତ ପ୍ରବର୍ତନ ସଂସ୍ଥାର ଅଧିକାରୀମାନେ ସାମିଲ ଥିଲେ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ସହିତ, ବିହାର ଏବଂ ଏହାର ପଡ଼ୋଶୀ ରାଜ୍ୟଗୁଡ଼ିକରେ ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିଛନ୍ତି। ଅସ୍ତ୍ରଶସ୍ତ୍ର, ଅସାମାଜିକ ତତ୍ତ୍ୱ, ମଦ, ନିଶାଦ୍ରବ୍ୟ ଏବଂ ମାଗଣା ସାମଗ୍ରୀ ଯେମିତି ଆନ୍ତଃରାଜ୍ୟ ଏବଂ ନେପାଳ ସୀମା ଦେଇ ନଆସେ ତା ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୀମାନ୍ତବର୍ତୀ ଜିଲ୍ଲାରେ ଶାନ୍ତି ଏବଂ ଶୃଙ୍ଖଳା ବଜାୟ ରଖିବା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ବୈଠକ ସମୟରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ମୁକ୍ତ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ପ୍ରଲୋଭନମୁକ୍ତ ନିର୍ବାଚନ ପାଇଁ ଆୟୋଗର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେବା ସହ ସମସ୍ତ ଅଂଶୀଦାରଙ୍କୁ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ବଜାୟ ରଖିବା ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ କରିଛନ୍ତି।

ନିର୍ବାଚନ ଦିନ ଭୋଟରମାନଙ୍କ ପାଇଁ ସୁଖଦ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ଆୟୋଗ ଭୋଟର-ସୁବିଧା ନିର୍ଦ୍ଦେଶାବଳୀର ଅନୁପାଳନ ଉପରେ ମଧ୍ୟ ସମୀକ୍ଷା କରିଥିଲେ। ମୁଖ୍ୟ ସଚିବ ଏବଂ ଡିଜିପି, କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ମୁଖ୍ୟଙ୍କୁ, ବିହାର ବିଧାନସଭା, ୨୦୨୫ ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଏବଂ ପ୍ରଲୋଭନମୁକ୍ତ କରିବା ପାଇଁ ସମସ୍ତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଝାଡ଼ଖଣ୍ଡ, ଉତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ଏବଂ ସଶସ୍ତ୍ର ସୀମା ବଳର ଡିଜିଙ୍କୁ ଆନ୍ତଃରାଜ୍ୟ ପୋଷ୍ଟଗୁଡ଼ିକରେ ଯାଞ୍ଚ ବୃଦ୍ଧି କରି ବିହାର ସୀମାବର୍ତୀ ଅଞ୍ଚଳଗୁଡ଼ିକରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନାର୍କୋଟିକ୍ସ ନିୟନ୍ତ୍ରଣ ବ୍ୟୁରୋ , ଆୟକର ବିଭାଗ, କେନ୍ଦ୍ରୀୟ ସାମଗ୍ରୀ ଏବଂ ସେବା କର ଏବଂ ଡ଼ିଆରଆଇ ସମେତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ନିର୍ବାଚନ ପୂର୍ବର ପଦକ୍ଷେପକୁ ତୀବ୍ର କରିବା ସହିତ ଜବତ କାର୍ଯ୍ୟକୁ ମଧ୍ୟ ତୀବ୍ର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ ଶିବିର



**ଭୁବନେଶ୍ୱର,୨।୧୧ (ମହାଭାରତ):** ସେଞ୍ଚୁରିଆନ୍ ୟୁନିଭର୍ସିଟି ଠାରେ ସୋମବାର ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏସପିଇଏଫଏଲ ଟ୍ରେଡକୁ ନେଇ ଏକ ୫ ଦିବସୀୟ ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଉଦଘାଟିତ ହୋଇଯାଇଛି। ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତା ହାସଲ କରିବା ଦିଗରେ ପ୍ରେରଣା ପ୍ରଦାନ କରିବା ସହିତ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିବ ବୋଲି ମତ ପ୍ରକାଶ କରିଛନ୍ତି ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ। ସେହିପରି ସେଞ୍ଚୁରିଆନ୍ ୟୁନିଭର୍ସିଟିର କୁଳପତି ପ୍ରଫେସର ଡାଃ ସୁପ୍ରିୟା ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କୁ ଧନ୍ଦାମୂଳକ ଶିକ୍ଷାର ଆବଶ୍ୟକତା ତଥା ଭବିଷ୍ୟତ ଗଠନ ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ. ବିଜୟଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଲିସ ପଠାଇ ଭୟଭୀତ କରୁଛି ବିଜେପି ସରକାର

**ଭୁବନେଶ୍ୱର,୨।୧୧ (ମହାଭାରତ):** ନୂଆପଡା ଉପନିର୍ବାଚନ ପରିପେକ୍ଷୀରେ ସମସ୍ତ ରାଜନୈତିକ ଦଳ ସମସ୍ତ ଶକ୍ତି ବିନିଯୋଗ କରି ପ୍ରଚାର ପ୍ରସାର କରୁଛନ୍ତି ଏବଂ ନିଜ ବିଜୟକୁ ନେଇ ଆଶାବାଦୀ ଅଛନ୍ତି । ତେବେ ଘାସିରାମ ମାଝୀ ମାଟିର ପୁଅ ତାଙ୍କ ପ୍ରତି ଜନତାଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିଛି । ଲୋକପ୍ରିୟତା କ୍ରମଶଃ ବୃଦ୍ଧି ପାଉଛି । ଯାହା ବିଜେପି ପାଇଁ ମୁଣ୍ଡବଥା ସୃଷ୍ଟି କରିଛି । ନୂଆପଡା କଂଗ୍ରେସ ଭବନ ଭିତରକୁ ରେଡ ଆଳରେ ପଶି କଂଗ୍ରେସ କର୍ମକର୍ତାଙ୍କୁ ଭୟଭୀତ କରିବାର ଅପଚେଷ୍ଟା କରିଛି । ପୁଲିସ କେବେ ବିଜେପି କିମ୍ବା ବିଜେଡି ଅଫିସକୁ ଯାଇ ଅନୁସନ୍ଧାନ କରିଛି କି ? ଯଦି କରିନି ତେବେ କଂଗ୍ରେସ ଅଫିସକୁ ପଶିଲା କାହିଁକି ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଡ଼ ଲଲାଟେନ୍ଦୁ ମହାପାତ୍ର ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି ଗତ ଅକ୍ଟୋବର ୧୬/୧୭ ତାରିଖରେ ପୁଲିସ ୯୦ ଲକ୍ଷ ଟଙ୍କା ଜବତ କଲା । କାହିଁକି ଏବଂ ଏହା କାହାର ଟଙ୍କା ଆଜି ଯାଏ ପୁଲିସ କିମ୍ବା ଇଡି ପ୍ରକାଶ କରି ପାରିଲା ନାହିଁ । ଜଣେ ବ୍ୟବସାୟୀ ୨୦ ଲକ୍ଷ ଟଙ୍କାର ରସିଦ ଦେଖାଇ ନେଇଗଲେ। ସେତେବେଳେକୁ ଏହି ଟଙ୍କା କଂଗ୍ରେସ ଓ ପିସିସି ସଭାପତି ଭକ୍ତ ଦାସଙ୍କ ବୋଲି ଘୋର ଅପ୍ରଚାର କରା ଯାଇଥିଲା। ଯାହା ଶୁଣିବାକୁ ମିଳୁଛି ନରେଶ ଅଗ୍ରୱାଲ ନାମକ ବୋଲି ଜଣେ ବ୍ୟକ୍ତି ଯିଏ କି ଜଣେ ବିଜେପି ସାଂସଦଙ୍କ ଘନିଷ୍ଠ ସହଯୋଗୀ ଏହା ତାଙ୍କର ଅର୍ଥ ଥିଲା। ତେଣୁ ବାକିଆ ୭୦ ଲକ୍ଷ ଟଙ୍କାର ହିସାବ ନଦେଇ କାହିଁକି ଘଣ୍ଟ ଘୋଡେଇ ଦେଲା ପୋଲିସ ? ଉପନିର୍ବାଚନରେ ବିଜେପି ଟଙ୍କା ନେଣ




ଦେଣ କରୁ ଥିବାବେଳେ କଂଗ୍ରେସ କାର୍ଯ୍ୟାଳୟ ପୁଲିସ ରେଡ କରୁଛି । କଂଗ୍ରେସ ଲୋକପ୍ରିୟତାରେ ଆଗେଇ ଯାଇଛି, ଅକୁଣ୍ଠ ଜନ ସମର୍ଥନ ମିଳୁଛି ଏବଂ ନୂଆପଡ଼ାରେ 'ଏକ ହି ନାମ ଘାସିରାମ' କଥା ଶୁଣି ବିଜେପି ଛାନିଆ ହୋଇ ପୁଲିସ ବାହିନୀ ଏବଂ ପ୍ରଶାସନକୁ ଉପଯୋଗ କରି କଳ, ବଳ ଓ କୌଶଳରେ ନିର୍ବାଚନ ଲଢ଼ିବାକୁ ବିଜେପି ଯୋଜନା କରୁଛି। କଂଗ୍ରେସ ଗଣତନ୍ତ୍ରରେ ବିଶ୍ୱାସ କରେ ଆଜି ଆମ ସର୍ବୋଚ୍ଚ ନେତା ଗଣତନ୍ତ୍ର ବଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ସତର୍କତା ସଚେତନତା

**ଭୁବନେଶ୍ୱର,୨।୧୧ (ମହାଭାରତ):** ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ-୨୦୨୫ ର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଆଜି ରେଳମଣ୍ଡଳ କନଫରେନ୍ସ ହଲରେ 'ସତର୍କତା - ଆମର ସାମୁହିକ ଦାୟିତ୍ୱ' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ପ୍ରସିଦ୍ଧ ସାମାଜିକ କର୍ମୀ, ବିଶିଷ୍ଟ ନାଗରିକ ସମାଜ ନେତା ତଥା ଓଡ଼ିଶାର ପୂର୍ବତନ ରାଜ୍ୟ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ ଏହି ଅବସରରେ ଅତିଥି ବକ୍ତା ଭାବରେ ଯୋଗଦେଇଥିଲେ।

ଶ୍ରୀ ଜଗଦାନନ୍ଦଙ୍କ ପ୍ରେରଣାଦାୟକ ଅଭିଭାଷଣରେ 'ସତର୍କତାରୁ କାର୍ଯ୍ୟକୁ ପରିବର୍ତନ' ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ । ସତର୍କତାର ତିନୋଟି ସ୍ତମ୍ଭ - ପ୍ରସ୍ତୁତି, ଅଂଶଗ୍ରହଣ ଏବଂ ଉଦ୍ଦେଶ୍ୟ ଉପରେ ସେ ଆଲୋକପାତ କରିଥିଲେ । ସେ ସମସ୍ତଙ୍କୁ ସତର୍କତାକୁ ଜୀବନର ଏକ ଉପାୟ ଭାବରେ ଦେଖିବାକୁ ଉପଦେଶ ଦେଇ କହିଛନ୍ତି ଯେ ସତର୍କତାପ ଧରିବାରେ ନୁହେଁ ବରଂ ପ୍ରକୃତ ସତର୍କତା ସୃଷ୍ଟି କରିବାରେ ଥାଏ ଯାହା ଆନ୍ତରିକ ପ୍ରେରଣା ଦ୍ୱାରା ପରିଚାଳିତ । ସେ ବିସ୍ତାରିତ ଭାବରେ କହିଥିଲେ ଯେ ସତର୍କତା ସର୍ବଦା ସଚ୍ଚୋଟତା, ଅଭ୍ୟାସ ଏବଂ ସହଭାଗୀ ଦାୟିତ୍ୱକୁ ମୂର୍ତିମନ୍ତ କରିଥାଏ । ସତର୍କତା ଏବଂ ଦାୟିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଭାବରେ ସେ ହ୍ୱିସଲ୍ ବ୍ଲୋଅର୍ ଆଇନକୁ ଉଲ୍ଲେଖ କରି ବିଭିନ୍ନ ଉଦାହରଣ ଦେଇଥିଲେ। ସେ ସମସ୍ତ ରେଳ କର୍ମଚାରୀଙ୍କୁ ସଚ୍ଚୋଟତା ଏବଂ ଉଦ୍ଦେଶ୍ୟ ସହିତ ପରିଚାଳିତ ହେବ, ସଚ୍ଚୋଟତା ଏବଂ ଆଗ୍ରହ ସହିତ କାମ କରିବା ସହ ବିଶ୍ୱାସ ଏବଂ ନୈତିକ ମୂଲ୍ୟବୋଧ ଉପରେ ଆଧାରିତ ଏକ ଇକୋସିଷ୍ଟମ ଗଠନ କରିବାକୁ ଆହ୍ୱାନ କରିଥିଲେ । ଶ୍ରୀ ଜଗଦାନନ୍ଦ ମଧ୍ୟ ନୈତିକ ନେତୃତ୍ୱ ଏବଂ ନୈତିକ ଦିଗଦର୍ଶିକାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖି କହିଥିଲେ ଯେ ପ୍ରତ୍ୟେକ କର୍ମଚାରୀ ପ୍ରଥମେ ଦେଶର ନାଗରିକ ହେବା ମନେ ରଖିବା ଉଚିତ ଏବଂ ସରକାରୀ ପ୍ରତିଷ୍ଠାନର ବିଶ୍ୱସନୀୟତା ଏବଂ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧ ହେବ ଦରକାର । ସେ ତାଙ୍କ ମନ୍ତବ୍ୟରେ କହିଥିଲେ ଯେ 'ସତର୍କତା ଭୟ ବିଷୟରେ ନୁହେଁ ପ ଏହା ସ୍ୱାଧୀନତା ବିଷୟରେ ଯାହା ମର୍ଯ୍ୟାଦା, ସଚ୍ଚୋଟତା ଏବଂ ଦାୟିତ୍ୱ ସହିତ କାମ କରିବାର ସ୍ୱାଧୀନତା ହେବ ଦରକାର' । ଶେଷରେ ସେ କହିଥିଲେ ଯେ ସତର୍କତା ସଚେତନତା ସପ୍ତାହ ହେଉଛି ସଚ୍ଚୋଟତା ଏବଂ ବିଶ୍ୱାସ ଓ ଦାୟିତ୍ୱର ସହ ଭବିଷ୍ୟତ ଗଠନ କରିବାର ଏକ ସୁଯୋଗ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା ଏବଂ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ମଣ୍ଡଳ କାର୍ମିକ ଅଧିକାରୀ ଶ୍ରୀ ପ୍ରମୋଦ କୁମାର ବେହେରା ଅତିଥିଙ୍କୁ ସ୍ୱାଗତ କରିବା ସହ ସତର୍କତା ସଚେତନତା ସପ୍ତାହ ପାଳନ ସମ୍ବନ୍ଧରେ କହିଥିଲେ।

# ଲେଖକ ସାମ୍ମୁଖ୍ୟ ଓଡ଼ିଶାର କାର୍ଯ୍ୟନିର୍ବାହୀ ବୈଠକ

**ଭୁବନେଶ୍ୱର,୨।୧୧ (ମହାଭାରତ):** ଲେଖକ ସାମ୍ମୁଖ୍ୟ ଓଡ଼ିଶାର କାର୍ଯ୍ୟନିର୍ବାହୀ କମିଟିର ଏକ ସଭା ସ୍ଥାନୀୟ ଗୋକୁଳ ପ୍ଲାଜା ସଭାଗୃହରେ ସଭାପତି ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର



ଉପଦେଷ୍ଟା ମଣ୍ଡଳୀ ଓ କାର୍ଯ୍ୟକାରୀ ସଦସ୍ୟମାନେ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ଓଡ଼ିଆ ଭାଷା ସାହିତ୍ୟକୁ ନିଜର ଲେଖନୀ ମାଧ୍ୟମରେ ସମୃଦ୍ଧ କରିଥିବା ବରିଷ୍ଠ ସାହିତ୍ୟିକ ସୁରେନ୍ଦ୍ର ନାଥ ଦାସ, ରାଜେନ୍ଦ୍ର କିଶୋର ପଣ୍ଡା ଏବଂ ଶଙ୍କର ପରିଡାଙ୍କ ବିୟୋଗ ଓଡ଼ିଆ ଭାଷା ସାହିତ୍ୟରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଆଲୋଚନା କରାଯାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ପରେ ସାମ୍ମୁଖ୍ୟର ସାହିତ୍ୟ ଉତ୍ସବ ଆସନ୍ତା ନଭେମ୍ବର ମାସରେ ପୁରୀ ଠାରେ ଏବଂ ଡିସେମ୍ବର ମାସରେ ଖୋର୍ଦ୍ଧା ଠାରେ ହେବାପାଇଁ ସ୍ଥିର ହେବା ସହ ଏଇ ଅନୁଷ୍ଠାନର ବାର୍ଷିକ ଉତ୍ସବ ଆସନ୍ତା ୨୦୨୬ ମସିହା ଜାନୁଆରୀ ମାସରେ ହେବାପାଇଁ ସ୍ଥିର ହେଲା। ଏଥିପାଇଁ ସାମ୍ମୁଖ୍ୟର ମୁଖପତ୍ର ସାମ୍ମୁଖ୍ୟ ପ୍ରକାଶ ପାଇଁ ନଭେମ୍ବର ମାସ ୩୦ ତାରିଖ ସୁଦ୍ଧା ସ୍ୱାଧୀନତା ପରବର୍ତ୍ତୀ ଦିବଙ୍ଗତ ସାହିତ୍ୟ ସାଧକ ବିଷୟ ଉପରେ ୧୦୦୦ ଶବ୍ଦ ବିଶିଷ୍ଟ ପ୍ରବନ୍ଧ ଡ଼ିଟିପି କରି ନିମ୍ନ ମେଲ୍ ରେ bimalasingh33gmail.comରେ ପଠାଇବାକୁ ସ୍ଥିର କରାଗଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟମାନଙ୍କୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ଯୁଗ୍ମ ସମ୍ପାଦିକା ମିନତୀ ମିଶ୍ର ଜଗନ୍ନାଥ ଭଜନ ଗାନ କରିବା ପରେ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ ହସ୍ପିଟାଲ ପକ୍ଷରୁ ପିଙ୍କ ଅକ୍ଟୋବର କ୍ୟାମ୍ପେନ୍ ଉଦ୍‌ଯାପିତ

**ଭୁବନେଶ୍ୱର,୨।୧୧ (ମହାଭାରତ):** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨ ଫୁଲନଖରାରେ ଦୀର୍ଘ ଏକ ମାସ ଧରି ଜାରି ରହିଥିବା ପିଙ୍କ ଅକ୍ଟୋବର କ୍ୟାମ୍ପେନ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜି, କମ୍ୟୁନିଟି ମେଡିସିନ୍, ଏଣ୍ଡୋକ୍ରାଇନ୍ ସର୍ଜରୀ ବିଭାଗ ଏବଂ ଆସୋସିଏସନ୍ ଅଫ୍ ବ୍ରେଷ୍ଟ୍ ସର୍ଜନସ୍ ଅଫ୍ ଇଣ୍ଡିଆ (ଏବିଏସ୍ଆଇ)ର ମିଳିତ ଆନୁକୂଲ୍ୟରେ ଏହି ପିଙ୍କ୍ ଅକ୍ଟୋବର କ୍ୟାମ୍ପେନ୍‌ର ଆୟୋଜନ କରାଯାଇଥିଲା।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଚଳିତ ବର୍ଷର ପ୍ରସଙ୍ଗ 'ଏଭ୍‌ରି ଷ୍ଟୋରୀ ଇଜ୍ ୟୁନିକ୍ ଆଣ୍ଡ ଏଭ୍‌ରି ଜର୍ନି ମ୍ୟାଟର୍‌ସ' ଉପରେ ଆଲୋକପାତ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ଯୋଗ ଦେଇ କହିଥିଲେ ଯେ ବର୍ତ୍ତମାନ ସମୟରେ ସ୍ତନ କର୍କଟ ରୋଗ ଏକ ମୁଖ୍ୟ ସମସ୍ୟା ରୂପେ ଦେଖାଦେଇଛି। ସାଧାରଣତଃ ମହିଳାମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ପ୍ରକାର କର୍କଟ ସମସ୍ୟା ମଧ୍ୟରେ ଏହାର ସ୍ଥାନ ଦ୍ୱିତୀୟ। ଏହା ଏକ ମାରାତ୍ମକ ରୋଗ ହୋଇଥିବାବେଳେ ଏଥିରେ ମୃତ୍ୟୁହାରର ସଂଖ୍ୟା ମଧ୍ୟ ଅଧିକ।

ଏକ ମାସ ବ୍ୟାପି ଚାଲିଥିବା ଏହି କ୍ୟାମ୍ପେନ୍ ପରିପ୍ରେକ୍ଷୀରେ ହସ୍ପିଟାଲ୍ ପରିସରରେ ବିଭିନ୍ନ ପ୍ରକାର ସଚେନତନତା ମୂଳକ କାର୍ଯ୍ୟକ୍ରମ ସହିତ ଏହାର ଆଖପାଖ ଅଂଚଳର ଲୋକମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନେ କିଭଳି ଏହି ବ୍ୟାଧିକୁ ନେଇ ଭୟଭୀତ ନ ହୋଇ ଏହାର ଲକ୍ଷଣ ବିଷୟରେ ଜାଣିବା ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ସହ ପ୍ରାରମ୍ଭିକ ଅବସ୍ଥାରୁ ଚିକିତ୍ସା ଆରମ୍ଭ କରିବେ ସେ ସମ୍ପର୍କରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ପ୍ରଫେସର ସ୍ୱାଇଁ କହିଥିଲେ। ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ତାପସୀ ପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସ୍ତନ କର୍କଟର ଲକ୍ଷଣ, ଚିକିତ୍ସା ଓ ଲୋକମାନଙ୍କ ମନରେ ଥିବା ଭୟାବହତାକୁ କିଭଳି ଦୂର କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ।



ଏହି ଅବସରରେ ହସ୍ପିଟାଲ୍‌ର ଆଡିସ୍‌ନାଲ୍ ଡିନ୍ ପ୍ରଫେସର (ଡାକ୍ତର) ରାଜେଶ କୁମାର ସେଠୀ, ସର୍ଜିକାଲ୍ ଅଙ୍କୋଲୋଜି ବିଭାଗର ମୁଖ୍ୟ ଡାକ୍ତର ପଦ୍ମାଳୟା ଦେବୀ, ଗାଇନୋକୋଲୋଜିକାଲ୍ ଅଙ୍କୋଲୋଜି ବିଭାଗର ମୁଖ୍ୟ ଡାକ୍ତର ଜିତା ପରିଜା ମଧ୍ୟ ବକ୍ତବ୍ୟ ପ୍ରଦାନ ରଖିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ସର୍ଜିକାଲ୍ ଅଙ୍କୋଲଜି ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଗାରିମା ସରାଓଗି ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିବା ବେଳେ ଆସୋସିଏଟ୍ ପ୍ରଫେସର (ଡାକ୍ତର) ପ୍ରତୀକ୍ ଗୌତମ ଏକ ଅନ୍‌ଲାଇନ୍ କୁଇଜ୍ ପରିଚାଳନା କରିଥିଲେ। ଶେଷରେ ଆସୋସିଏଟ୍ ପ୍ରଫେସର (ଡାକ୍ତର) ତୁଷାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖବରକାଗଜ ବିତରକ ସଂଘ ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୨।୧୧ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ ଖବରକାଗଜ ବିତରକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ନୀଳାଦ୍ରିବିହାର ସ୍ଥିତ ଦୁର୍ଗା ପଡିଆ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କହିଥିଲେ ଖବରକାଗଜ ବିତରକମାନଙ୍କ ପାଇଁ ସକାଳୁ ସକାଳୁ ଆମ୍ଭେମାନେ ଦେଶ ବିଦେଶର ଖବର ପଢି ପାରୁଛୁ। ସେମାନେ ହେଉଛନ୍ତି ଖବର ପ୍ରସାରଣର ମୁଖ୍ୟ କର୍ଣ୍ଣଧାର। ସମ୍ମାନିତ ଅତିଥି ଭାବେ ପ୍ରମେୟ ଖବର କାଗଜର ଡିଜିଏମ ଗଜେନ୍ଦ୍ର ଦାସ ଯୋଗଦେଇ କହିଥିଲେ ବର୍ତ୍ତମାନ ଟିଭି ଉ ସୋସିଆଲ୍ ମିଡିଆ ବଢିଥିଲେ ମଧ୍ୟ ଖବର କାଗଜ ସବୁବେଳେ ଲୋକମାନଙ୍କର ପ୍ରିୟ ଭାଜନ ହୋଇ ରହିଛି ଓ ଆଗାମୀ ଦିନରେ ରହିବ। ଖରା, ବର୍ଷା, ଶୀତ ଓ ମହାମାରୀ ସମୟରେ ବିତରକ ଭାଇମାନେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କ ପାଖରେ ଖବର କାଗଜ ପହଞ୍ଚାଉଛନ୍ତି। ଲୋକମାନେ ଘରେ ବସି ଦେଶ, ବିଦେଶ ଓ ନିଜ ଅଞ୍ଚଳର ଖବର ପଢିପାରୁଛନ୍ତି। ବିତରକ ମାନେ ଖବର କାଗଜର ମେରୁଦଣ୍ଡ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଧରିତ୍ରୀର ନିର୍ଦ୍ଦେଶକ ବରଦା ପ୍ରସନ୍ନ ମହାନ୍ତି, ପ୍ରସାରଣ ବିଭାଗ ମୁଖ୍ୟ ଭରତ ଦାସ, ଚନ୍ଦ୍ରଶେଖର ମଣ୍ଡଳ ସଭାପତି ନଗେନ ବିଶୋଇ, ବିଜେପି ନେତା ବ୍ରହ୍ମାନନ୍ଦ ସାହୁ, ବସନ୍ତ ତ୍ରିପାଠୀ, ସଂଘର ସଭାପତି ସୁରେଶ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବିତରକ ମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ସେମାନଙ୍କର ଓ ପରିବାରର ମଙ୍ଗଳ କାମନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅରୁଣ କୁମାର ଦେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେ ଅଭିଭାଷଣ ରଖି ବିତରକ ମାନଙ୍କର ତିନୋଟି ଦାବି ଯଥା ବିତରକ ମାନଙ୍କୁ ରାଶନ କାର୍ଡ, ସ୍ୱାସ୍ଥ୍ୟ କାର୍ଡ ଏବଂ ସଂଘ ଗୃହ ପାଇଁ ଜାଗା କିମ୍ବା ଘର ଯୋଗାଇ ଦିଆଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ।

## ଟ୍ରମ୍ପଙ୍କ ଶାନ୍ତି ବାର୍ତ୍ତା

ପ୍ରତ୍ୟକ୍ଷ ଯୁଦ୍ଧରେ ଯେତିକି ଲୋକ ପ୍ରାଣ ହରାଇଛନ୍ତି, ତାଠାରୁ ଅଧବକ ଅନାହାର ଏବଂ ଚିକିତ୍ସା ଅଭାବରୁ ପ୍ରାଣ ହରାଇଛନ୍ତି। ଏବେ ଶାନ୍ତି ଚୁକ୍ତି ପରେ ଗାଜା ଛାଡ଼ିଥିବା ଅନେକ ବ୍ୟକ୍ତି ପୁଣି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଶାନ୍ତି ଚୁକ୍ତି ମୁତାବକ ହମାସ ୨୦ଜଣ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରିଛି। ଆଉ କେହି ଜୀବିତ ପଣବନ୍ଦୀ ହମାସ କବଜାରେ ନାହାଁନ୍ତି। ପ୍ରତିବଦଳରେ ଇସ୍ରାଏଲ ପ୍ରାୟ ୨୦୦୦ ଯୁଦ୍ଧ ବନ୍ଦୀଙ୍କୁ ମୁକ୍ତ କରିବାକୁ ରାଜି ହୋଇଛି। ଏହି ଶାନ୍ତି ଚୁକ୍ତି ଲାଗି ଅନେକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶ୍ରେୟ ଦେଉଛନ୍ତି। ଏଥିରେ କିଛି ସନ୍ଦେହ ନାହିଁ। ଟ୍ରମ୍ପ ପ୍ରଥମ ଥର ଲାଗି ଜଣେ ବିଶ୍ୱନେତା ଭଳି କାମ କରିଛନ୍ତି। ଗତ ବର୍ଷ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ବେଳେ ଟ୍ରମ୍ପ କ୍ଷମତାକୁ ଆସିଲେ ଇସ୍ରାଏଲ-ହମାସ ଲଢ଼େଇ ବନ୍ଦ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଳମ୍ବରେ ହେଉ ପଛେ ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତାଙ୍କ ଧମକ ଏବଂ ନିର୍ଦ୍ଦେଶ ଆଗରେ ହମାସ ମୁଣ୍ଡ ନୁଆଁଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଟ୍ରମ୍ପଙ୍କ କଥାରେ ରାଜି ହେଲେ। ତେବେ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବା ବ୍ୟତିତ ଉଭୟଙ୍କ ନିକଟରେ ଅନ୍ୟ କିଛି ବିକଳ୍ପ ନଥିଲା। ଦୁଇ ବର୍ଷର ଲଢ଼େଇରେ ହମାସର ଅନେକ ଟପ ନେତା ପ୍ରାଣ ହରାଇଛନ୍ତି। ଇସ୍ରାଏଲ ସେନା ସେମାନଙ୍କୁ ଲୁଚିଥିବା ସ୍ଥାନରୁ ଖୋଜି ଖୋଜି ହତ୍ୟା କରିଛି। ଗତ ମାସରେ ହମାସର ଜଣେ ଟପ ନେତା କାଟାରର ଦୋହାରେ ଲୁଚି ଥିଲେ। ଇସ୍ରାଏଲ ସେନା ଏହାକୁ ଟାର୍ଗେଟ କରି ଡ୍ରୋନ ଆକ୍ରମଣ କରିଥିଲା। ହମାସ ନେତା ଅଳ୍ପକେ ବର୍ତ୍ତିଗଲେ ସତ୍ୟ, ମାତ୍ର ଏହି ଘଟଣା ପରେ ହମାସର ବୁଦ୍ଧି ହଜିଯାଇଥିଲା। ବିଶ୍ୱର ଯେ କୌଣସି ସ୍ଥାନରେ ଲୁଚିଲେ ମଧ୍ୟ ସେମାନଙ୍କୁ ଆଉ ନିସ୍ତାର ନାହିଁ ବୋଲି ସେମାନେ ଅନୁଭବକ କଲେ। ତେଣୁ ସେମାନେ ଇସ୍ରାଏଲ ସହ ଶାନ୍ତି ଚୁକ୍ତି ଲାଗି ବାଧ୍ୟ ହେଲେ। ଏଥିଲାଗି ଟ୍ରମ୍ପ ନୋବେଲ ପୁରସ୍କାର ପାଇବକୁ ଆଶା ବାନ୍ଧିଛନ୍ତି। ପାକିସ୍ତାନ ଓ ଇସ୍ରାଏଲ ଭଳି ଆମେରିକାର ଗୋଡ଼ାଣିଆ ଦେଶମାନେ ଏହାକୁ ଅତି ନିର୍ଲଜ ଭାବେ ସମର୍ଥନ କରିଛନ୍ତି। ହମାସ ସହ ଶାନ୍ତି ଚୁକ୍ତି ଲାଗି ଇସ୍ରାଏଲ ମଧ୍ୟ ବାଧ୍ୟ ହୋଇଥିଲା। ଦୁଇ ବର୍ଷର ଯୁଦ୍ଧରେ ଇସ୍ରାଏଲ ଅନେକ କ୍ଷତିର ସମ୍ମୁଖୀନ ହୋଇଛି। ଏହାର ଚାରିପଟେ ଅନ୍ୟ ଇସଲାମିକ ରାଷ୍ଟ୍ର ସହ ଇସ୍ରାଏଲକୁ ଲଢ଼ିବାକୁ ପଡ଼ିଛି। ସାରା ବିଶ୍ୱରେ ଇସ୍ରାଏଲ ବିରୋଧରେ ଜନମତ ସୃଷ୍ଟି ହୋଇଥିଲା। ତେଣୁ ଇସ୍ରାଏଲ ଆଉ କାଳବିଳମ୍ବ ନକରି ଶନ୍ତି ଚୁକ୍ତିରେ ସ୍ୱାକ୍ଷର କରିବା ଶ୍ରେୟସ୍କାର ହେବ ବୋଲି ବିଚାର କଲା। ଇଜିପ୍ଟରେ ଗାଜା ଶାନ୍ତି ଆଲୋଚନାରେ ଏହା ଟ୍ରମ୍ପଙ୍କ ସବୁ ସର୍ତ୍ତକୁ ଗ୍ରହଣ କରି ନେଲା। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଏହାର ସ୍ଥାୟୀ ସମାଧାନ ହେବା ଉଚିତ। ଇସ୍ରାଏଲ ଓ ପାଲେଷ୍ଟୋଇନ ମଧ୍ୟରେ ଦୀର୍ଘ ବର୍ଷ ହେବ ଯେଉଁ ବିବାଦ ଲାଗି ରହିଛି ତାହା ଏତେ ସହଜରେ ଦୂର ହୋଇଯିବ ବୋଲି ବିଶ୍ୱାସ କରି ହେଉନାହିଁ।

# ଜୈବିକ ଖତ ଓ ସଞ୍ଚିତ ବିହନ

॥ ବିପିନ ବିହାରୀ ରାଉତ ॥

“ ଏବେ ଏମିତି ଦୁଃସ୍ଥିତି ଯେପରି ନଆସେ ସେ ଦିଗରେ କାର୍ଯ୍ୟ ମଧ ଆରମ୍ଭ ହୋଇଯାଇଛି। ଏହାର ଏକ ନମୁନା ଭାବେ ସାଲବାର୍ଡ଼ ବିହନ ବ୍ୟାଙ୍କକୁ ନିଆଯାଇପାରିବ। ଏହା ଏକ ଅନନ୍ୟ ଜମାଖାନା। ଯେଉଁଥିରେ ଶହ ଶହ ପ୍ରକାର କିସମର ବିହନ ଗଚ୍ଛିତ ରଖାଯାଇଛି। ଏହି ବ୍ୟାଙ୍କଟି ଆଣ୍ଟାର୍କଟିକା ଅଞ୍ଚଳରେ ସ୍ଥାପିତ କରାଯାଇଛି। ଏହାର ମିଶନ ହେଲା ଉଦ୍ଭିଦଜଗତର ବୈଚିତ୍ର୍ୟକୁ ଶତାବ୍ଦୀ ଶତାବ୍ଦୀ ଲାଗି ସୁରକ୍ଷିତ ରଖିବା। ଆଜିକାଲି ଘରେ ଯେତେବେଳେ ଆମର ଜେଜେମା ଜେଜେବାପାଙ୍କ ଭଳି ବୟସ୍କ ବ୍ୟକ୍ତିମାନେ ସୁପରମାର୍କେଟରୁ କିଣାଯାଇଥିବା ଫଳ ଖାଉଛନ୍ତି ନକାରାତ୍ମକ ମନ୍ତବ୍ୟ ଦେଉଥିବା ଲକ୍ଷ୍ୟ କରାଯାଏ।

ରାଜ୍ୟକୁ ରାସାୟନିକ ସାର ଯୋଗାଣ ପର୍ଯ୍ୟାପ୍ତ ହେଉ ନଥିବାରୁ ବ୍ୟବହାର କମିବାରେ ଲାଗିଲାଣି। ଗତ ତିନି ବର୍ଷ ମଧରେ ପ୍ରାୟ ୧ ଲକ୍ଷ ମେଟ୍ରିକ ଟନ୍ ସାର ବ୍ୟବହାର ହ୍ରାସ ପାଇଥିବା ଜଣାଯାଇଛି। ସାର ପାଇଁ ରାଜ୍ୟରେ କୃଷି ଉତ୍ପାଦନ କେତେକାଂଶରେ ପ୍ରଭାବିତ ହେଉଛି। ଏପରି ସ୍ଥିତିରେ ରାଜ୍ୟ ସରକାର ଜୈବିକ ଖତ ପ୍ରୟୋଗକୁ ଅଧିକ ପ୍ରୋତ୍ସାହିତ କରିବା ଦରକାର। ସାର ଚାହିଦାକୁ ମେଣ୍ଟାଇବା ସକାଶେ ଜୈବିକ ଖତ ପ୍ରସ୍ତୁତି ଓ ଯୋଗାଣକୁ ବ୍ୟବସ୍ଥିତ କରାଯାଇ ପାରିଲେ କୃଷି ଉତ୍ପାଦନର ଅଭାବକୁ ପୂରଣ କରାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ମିଳିଥିବା ସୂଚନା ଅନୁଯାୟୀ ୨୦୧୯-୨୦ବର୍ଷରେ ଓଡ଼ିଶାର ଚାଷୀମାନେ ୧୧,୫୨,୯୫୭ ମେଟ୍ରିକ ଟନ୍ ସାର ବ୍ୟବହାର କରିଥିବା ବେଳେ ୨୦୨୦-୨୧ବର୍ଷରେ ଏହା ୧୧,୨୯,୦୫୯ ମେଟ୍ରିକ ଟନ୍‌କୁ ହ୍ରାସ ପାଇଥିଲା। ତେବେ ୨୦୨୧-୨୨ ଫେବୃଆରୀ ଶେଷ ସୁଦ୍ଧା ଏହି ପରିମାଣ ୧୦ଲକ୍ଷ ୭୮ ହଜାର ମେଟ୍ରିକ ଟନ୍‌ରୁ ସାମାନ୍ୟ ଅଧିକ ରହିଥିଲା। କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ଆଗୁଆ ଥିବା ରାଜ୍ୟ ଗୁଡ଼ିକ ତୁଳନାରେ ଓଡ଼ିଶାରେ କମ ରାସାୟନିକ ସାର ବ୍ୟବହାର ହେଉଛି। ଓଡ଼ିଶାରେ ଆଶାନୁରୂପ ଜୈବିକ ସାର ବ୍ୟବହାର ହୋଇପାରୁନାହିଁ। ୨୦୧୯-୨୦ ବର୍ଷରେ ରାସାୟନିକ ସାର ତୁଳନାରେ ରାଜ୍ୟରେ ମାତ୍ର ୦.୧୮ପ୍ରତିଶତ ଜୈବିକ ସାର ବ୍ୟବହାର ହୋଇଥିଲା। ଏଥିରେ ୯୯୫ ମେଟ୍ରିକ ଟନ୍ କଠିନଗୁଣ୍ଡ ଜୈବିକ ସାର ଓ ୧,୧୩୮ କିଲୋଲିଟର ତରଳ ଜୈବିକ ସାରା ଥିଲା। ସେହିଭଳି ୨୦୨୦-୨୧ ବର୍ଷରେ ଉଭୟ କଠିନ ଓ ତରଳ ଜୈବିକ ସାର ବ୍ୟବହାରର ପରିମାଣ ଯଥାକ୍ରମେ ୯୭୫ ଟନ୍ ଓ ୧୭୧୯ କିଲୋଲିଟର ଥିଲା। ଏହା ରାସାୟନିକ ସାର ତୁଳନାରେ ମାତ୍ର ୦.୨୪ ପ୍ରତିଶତ ରହିଥିଲା। ୨୦୨୧-୨୨ ବର୍ଷରେ ଯଦିଓ କଠିନ ଓ ତରଳ ଜୈବିକ ସାର ବ୍ୟବହାର ପରିମାଣ ବୃଦ୍ଧିପାଇ ଯଥାକ୍ରମେ ୧୪୦୪ ଟନ୍ ଓ ୫୮୯୮ କିଲୋଲିଟରରେ ପହଞ୍ଚିଛି, ତାହା ରାସାୟନିକ ସାର ତୁଳନାରେ ମାତ୍ର ୧ ପ୍ରତିଶତ। ମାଟି ଏକ ସଜୀବ ପଦାର୍ଥ। ଏହାର ପୂର୍ଣ୍ଣ ଉର୍ବରତା ପାଇଁ ଯବକ୍ଷାରଜାନ, ଫସ୍‌ଫରସ, କ୍ୟାଲସିୟମ, ସଲ୍‌ଫର, ଲୌହ, ମାଙ୍ଗାନିଜ, ଜିଙ୍କ, ଗନ୍ଧକ, କପର, ମିଲିମିନିୟମ, କ୍ଲୋରିନର ଆବଶ୍ୟକତା ରହିଛି। ଗଛ ପାଇଁ ଏସବୁ ନିହାତି ଆବଶ୍ୟକ। ପୂର୍ଣ୍ଣ ପୌଷ୍ଟିକତା ଥିବା ମାଟିରୁ ଉତ୍ପାଦିତ ଶସ୍ୟ ଶରୀରର ସମସ୍ତ ଆବଶ୍ୟକତା ମେଣ୍ଟାଇଥାଏ। ପୂର୍ବକାଳରେ ଏସବୁ ଗୋବର ଖତ, ଧନିଚା ଚାଷ ଓ ଅନ୍ୟାନ୍ୟ ଜୈବିକ କତରୁ ମିଳିପାରୁ ଥିଲା। ସବୁଜ ବିପ୍ଳବ ଆରମ୍ଭ ହେବା ପରଠାରୁ ଆର୍ଥାତ୍ ୮୦ ଦଶକରୁ ଅଧିକ ଉତ୍ପାଦନ ପାଇଁ ଜମିବାଡ଼ିରେ ପ୍ରଚୁର ମାତ୍ରାରେ ରାସାୟନିକ ସାର ପ୍ରୟୋଗ ଚାଲିଛି। ଏହାର ଭୟାନକ ପ୍ରଭାବ ଏବେ ମାନବ ସ୍ୱାସ୍ଥ୍ୟ ଉପରେ ପଡ଼ିଲାଣି।

ମଣିଷର ତ୍ରୁଟିପୂର୍ଣ୍ଣ କ୍ରିୟାକଳାପ ପ୍ରଭାବରେ ପରିବେଶ ପରିବର୍ତ୍ତିତ ହେଉଛି। ପ୍ରକୃତି ନିର୍ଯାତିତ ହେଉଛି। ଅନେକ ପ୍ରକାର ଜୀବଜନ୍ତୁ, ବୃକ୍ଷଲତା ଲୋପ ପାଇଗଲେଣି। ପୁଣି ଅନେକେ ଲୋପପ୍ରାୟ। ଶହ ଶହ ପ୍ରକାରର ଗଛଲତାକୁ ନେଇ ଏହି ସୁନ୍ଦର ପୃଥିବୀରେ ହୁଏତ ଦିନ ଆସିବ କେବଳ ନିର୍ଦ୍ଦିଷ୍ଟ କେତେ ପ୍ରକାର ଖାଦ୍ୟଶସ୍ୟ, ଫଳମୂଳ ମିଳୁଥିବ। ଆମେ ମଣିଷ ସେଇଆକୁ ଖାଇ ଖାଇ ବିରକ୍ତ ବିବ୍ରତ ହୋଇପଡ଼ିବା। ହୁଏତ ସେସବୁ ଆମର ସ୍ୱାସ୍ଥ୍ୟକୁ ମଧ ବିଗାଡ଼ିଦେବ। ଏଥିଯୋଗୁଁ ଆଗକୁ ବିବିଧତାଭାର ପୃଥିବୀର ଇକୋସିଷ୍ଟମ ସମ୍ପୂର୍ଣ୍ଣ ଭୁଶୁଡ଼ି ଯିବା ସହିତ ପୃଥିବୀ ଜୀବଜଗତ ପାଇଁ ବାସୋପଯୋଗୀ ହୋଇ ରହିନପାରେ। ଏହି ଚିନ୍ତା ପରିବେଶପ୍ରେମୀ, ବୈଜ୍ଞାନିକ, ବୁଦ୍ଧିଜୀବୀମାନଙ୍କୁ ବ୍ୟଥିତ କରୁଛି। ଏପରିକି ଜୀବଜଗତର ସତ୍ତା ରହିବ କି ନା ତାହା ନେଇ ପ୍ରଶ୍ନ ଉଠିଲାଣି।

ଏବେ ଏମିତି ଦୁଃସ୍ଥିତି ଯେପରି ନଆସେ ସେ ଦିଗରେ କାର୍ଯ୍ୟ ମଧ ଆରମ୍ଭ ହୋଇଯାଇଛି। ଏହାର ଏକ ନମୁନା ଭାବେ ସାଲବାର୍ଡ଼ ବିହନ ବ୍ୟାଙ୍କକୁ ନିଆଯାଇପାରିବ। ଏହା ଏକ ଅନନ୍ୟ ଜମାଖାନା। ଯେଉଁଥିରେ ଶହ ଶହ ପ୍ରକାର କିସମର ବିହନ ଗଚ୍ଛିତ ରଖାଯାଇଛି। ଏହି ବ୍ୟାଙ୍କଟି ଆଣ୍ଟାର୍କଟିକା ଅଞ୍ଚଳରେ ସ୍ଥାପିତ କରାଯାଇଛି। ଏହାର ମିଶନ ହେଲା ଉଦ୍ଭିଦଜଗତର ବୈଚିତ୍ର୍ୟକୁ ଶତାବ୍ଦୀ ଶତାବ୍ଦୀ ଲାଗି ସୁରକ୍ଷିତ ରଖିବା। ଆଜିକାଲି ଘରେ ଯେତେବେଳେ ଆମର ଜେଜେମା ଜେଜେବାପାଙ୍କ ଭଳି ବୟସ୍କ ବ୍ୟକ୍ତିମାନେ ସୁପରମାର୍କେଟରୁ କିଣାଯାଇଥିବା ଫଳ ଖାଉଛନ୍ତି ନକାରାତ୍ମକ ମନ୍ତବ୍ୟ ଦେଉଥିବା ଲକ୍ଷ୍ୟ କରାଯାଏ। ଯେପରି କଦଳୀ ଆଉ ଆଗ ପରି ଭଲ ଲାଗୁନାହିଁ। ତେବେ ସେମାନଙ୍କର ଏହି ମନ୍ତବ୍ୟ ଅବାନ୍ତର ନୁହେଁ। କାରଣ ପ୍ରକୃତ ପକ୍ଷେ ଫଳମୂଳ ଗୁଡ଼ିକର ସ୍ୱାଦ, ପ୍ରକାର ଭେଦ, ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। କାରଣ ଆଜିକାଲି ଯେଉଁ ଫଳ ପନିପରିବା ଖାଦ୍ୟଶସ୍ୟ ଆସୁଛି, ସେ ସବୁ ବିଭିନ୍ନ ପ୍ରକାର କଲଟିଭାରରୁ ଜାତ। କଲଟିଭାର ଆମେ ସେଇଆକୁ କହିବା ଯାହାକୁ ବୈଜ୍ଞାନିକ ଉପାୟରେ ବିକଶିତ ଆବଶ୍ୟକ ଗୁଣଥିବା ସ୍ୱତନ୍ତ୍ର ନାମଯୁକ୍ତ ଚାଷ ଉପଯୋଗୀ ଉଦ୍ଭିଦ। ଉଦାହରଣ ସ୍ୱରୂପ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଗ୍ରସ ମିସେଲ ନାମକ ଏକ ପ୍ରକାର କଲଟିଭାର କଦଳୀ ବିଶ୍ୱ ଖାଉଟି ବଜାରରେ ସ୍ଥାନ ପାଇଥିଲା। ବିଶେଷକରି ଉତ୍ତର ଆମେରିକା ଏବଂ ଇଉରୋପୀୟ ରାଷ୍ଟ୍ରଗୁଡ଼ିକରେ ଗ୍ରସ ମିସେଲ ରାଜ ଚାଲିଲା। କିନ୍ତୁ ଏହି କଦଳୀ ଚାଷ ୧୯୫୦ ବେଳକୁ ପ୍ରାୟ ଲୋପ ପାଇଯାଇଥିଲା। ଏହାର କାରଣ ଥିଲା ପାନାମା ଡିଜିଜ୍ ନାମରେ କୁଖ୍ୟାତ ଫଙ୍ଗସ୍ ବା ଫିମ୍ପି ସଂକ୍ରମଣର ଶିକାର ହେଲା ଗ୍ରସ୍ ମିସେଲ୍। ଏହି ଫିମ୍ପି ଗଛର ମୂଳକୁ ସଂକ୍ରମଣ କରିବା ଦ୍ୱାରା ତାହା ନଷ୍ଟ ହୋଇଯାଉଥିଲା। ଗ୍ରସ୍ ମିସେଲ୍ ଧ୍ୱଂସମୁଖରେ ପଡ଼ିବା ସହିତ ତା ସ୍ଥାନ ନେଲା କାଭେଣ୍ଡିସ୍ କଲଟିଭାର୍। ଏହି କଦଳୀ ଗ୍ରସ୍ ଠାରୁ ଅଧିକ ରୋଗ ପ୍ରତିରୋଧକ୍ଷମ ହୋଇଥିଲେ ହେଁ ସ୍ୱାଦରେ ନ୍ୟୂନ। ଜନସଂଖ୍ୟା ବୃଦ୍ଧି ସହିତ ଖାଦ୍ୟର ଆବଶ୍ୟକତା ବଢ଼ି ଚାଲିଛି। ଏଣୁ ଆଧୁନିକ କୃଷି ବିଜ୍ଞାନୀମାନେ ଏବେ ସର୍ବାଧିକ ଉତ୍ପାଦନକ୍ଷମ ଫସଲ ଉପରେ ସବୁଠୁ ଜୋର ଦେଉଛନ୍ତି। ଏହାଦ୍ୱାରା ଆର୍ଥିକ ଲାଭ ଅଧିକ ହେଉଥିବା ଦୃଷ୍ଟିରୁ କୃଷକ, ବ୍ୟବସାୟୀ, ଖାଉଟି ସମସ୍ତେ ଆପଣେଇ ନେଉଛନ୍ତି। ଏଣୁ କମ ସଂଖ୍ୟକ କଲିଭାର୍‌କୁ ବିଶ୍ୱବ୍ୟାପୀ ଚାଷ ପାଇଁ ପ୍ରଯତ୍ନ କରାଯାଉଛି। ବିଭିନ୍ନ କିସମର ସ୍ଥାନୀୟ ଅଞ୍ଚଳର ଫଳମୂଳ ବା ଖାଦ୍ୟଶସ୍ୟ ସ୍ଥାନ ଏମାନେ ମାଡ଼ିବସୁଛନ୍ତି। ତେବେ କଲ୍‌ଟିଭାର ଉପଯୋଗ ପଛରେ ଏକ ଭୟାନକ ବିପତ୍ତିର ସମ୍ଭାବନା ଦେଖାଦେଇଛି। ଯେହେତୁ କେତେକ ହାତଗଣତି କିସମର କଲ୍‌ଟିଭାରକୁ ବିଶ୍ୱବ୍ୟାପୀ ଚାଷ ଲାଗି ଚୟନ କରାଯାଉଛି ସେଥିପାଇଁ ପ୍ରତ୍ୟେକ ଅମଳକ୍ଷମ ଫସଲ ମନୋନୀତ କଲ୍‌ଟିଭାରର କ୍ଲୋନ। ଏହାଦ୍ୱାରା ଉଦ୍ଭିଦଜଗତରେ ଜିନଗତ ବିସମତା କମି ଯାଉଛି। ଯଦ୍ଦ୍ୱାରା କେବେ ଯଦି କୌଣସି ସଂକ୍ରାମକ ଫିମ୍ପି ରୋଗ ନୂଆ ରୂପରେ ଫସଲକୁ ଆକ୍ରମଣ କଲା, ତେବେ ସାରା ବିଶ୍ୱରୁ ସେହି ଫସଲ କିଛି ମାସ ମଧରେ ସମ୍ପୂର୍ଣ୍ଣ ଲୋପ ପାଇଯିବ। ଏପରି ଧ୍ୱଂସ ମୁଖରୁ କୃଷିକ୍ଷେତ୍ରକୁ ରକ୍ଷା କରିବା ଲାଗି ଆନ୍ତର୍ଜାତିକସ୍ତରୀୟ ଉଦ୍ୟମ ଜରିଆରେ ବିଶ୍ୱର ବିଭିନ୍ନ ସ୍ଥାନରେ ଗ୍ରୀନ୍ ଜିନ୍ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଛି। ଯେଉଁସବୁଥିରେ ବିଭିନ୍ନ କିସମର ଉଦ୍ଭିଦ ଚାଷଯୋଗ୍ୟର ଜିନ ନମୁନା ସଂରକ୍ଷିତ ରଖାଯାଇଛି। ତେବେ ପ୍ରଖ୍ୟାତ୍ ସାଲ୍‌ବାର୍ଡ଼ ସିଡ ବ୍ୟାଙ୍କର ବିଶେଷତ୍ୱ ହେଲା ଏହା ଆମର ରିଜର୍ଭ ବ୍ୟାଙ୍କ ପରି କାମ କରେ। ଏହି ବ୍ୟାଙ୍କରେ କୃଷିଜାତ ଫସଲର ୧.୫ ନିୟୁତ ପ୍ରକାର ବିହନ ନମୁନା ସଂରକ୍ଷିତ କରାଯାଇପାରିଛି। ବ୍ୟାଙ୍କର କ୍ଷମତା ଅନୁଯାୟୀ ୪.୫ ନିୟୁତ ପ୍ରକାର ମଞ୍ଜି ବା ବିହନ ସଂରକ୍ଷିତ ରହିପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ବିଶ୍ୱ ସାରା ଗ୍ରୀନ୍ ବ୍ୟାଙ୍କରେ ସଂଚିତ ମଞ୍ଜିର ଡୁପ୍ଲିକେଟ୍‌କୁ ସାଲବାର୍ଡ଼ ବ୍ୟାଙ୍କରେ ରଖାଯାଇଛି। ସୁନା ଯେପରି ବ୍ୟାଙ୍କରେ ସଂରକ୍ଷିତ ରଖାଯାଏ ସେହିପରି, ଏହି ବ୍ୟାଙ୍କରେ ଜମାକାରୀ ମାନଙ୍କୁ ବ୍ୟକ୍ତିଗତ ବାକ୍ସ ଯୋଗାଇ ଦିଆଯାଇଛି। ସେମାନେ ଏହି ବାକ୍ସରେ ନିଜ ନିଜର ସ୍ୱତନ୍ତ୍ର କିସମର ବିହନ ସଂଚୟ କରିବେ ଏବଂ ଏହାର ପରିଚାଳନା ମଧ ନିଜେ କରିବେ। ବ୍ୟାଙ୍କରେ ପଇସା ପଡ଼େନାହିଁ। ଏଥିରେ ସଂଚିତ ବିହନରୁ ଏବେ ଠାରୁ ୨୦ ହଜାର ବର୍ଷ ମଧରେ ଯେକୌଣସି ସ୍ଥାନରେ ଫସଲ ଉତ୍ପାଦନ କରାଯାଇପାରିବ। ଆମେ ହାତପାହାନ୍ତାରେ ଜୈବିକ ଖତ ସୃଷ୍ଟି କରିପାରିବା। ଘରେ ବ୍ୟବହାର ପରେ ପନିପରିବା ବା ଫଳଚୋପା, ଠାକୁରଙ୍କ ପୂଜାଫୁଲ ଏପରିକି ଅଇଁଠା ଖାଦ୍ୟପଦାର୍ଥ ମଧ ଜୈବିକ ଖତରେ ପରିଣତ ହୋଇପାରିବ ଏ ନେଇ ସରକାରଙ୍କ ପକ୍ଷରୁ ସହାୟତା ବ୍ୟବସ୍ଥା ମଧ ରହିଛି। ଏ ନେଇ ଆମ୍ଭ ମାନଙ୍କ ଭିତରେ ଆନ୍ତରିକତା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

# ଭଗବାନ ପର୍ଶୁରାମ ପ୍ରକଟିତ ହୁଅନ୍ତୁ

॥ ଗୋପାଳ ମହାପାତ୍ର ॥

ସପ୍ତଚୀରଂଜିତ ତାଲିକାରେ ପର୍ଶୁରାମଙ୍କ ନାମ ରହିଛି ସେ କିନ୍ତୁ ଜଣେ ବିଷ୍ଣୁଙ୍କର ଜଣେ ଅବତାର। ସେ ବ୍ରାହ୍ମଣ କୁଳରେ ଜନ୍ମ ହୋଇ କ୍ଷତ୍ରୀୟ ସଂହାରକୁ ବାହାରି ୨୧ଥର ଭୂମିରେ ତତ୍କାଳ ରାଜାଶକ୍ତି ମାନଙ୍କୁ ନିଷ୍କ୍ରିୟ କରିଥିଲେ। ଯେଉଁ ଭୂମିକୁ ସେ କ୍ଷତ୍ରୀୟ ରାଜଶକ୍ତିକୁ ଫାର୍ଶା ଦ୍ୱାରା ହାନି କରୁଥିଲେ ସେ ସ୍ଥାନକୁ ଦିବ୍ୟ ବ୍ରାହ୍ମଣ କଶ୍ୟପଙ୍କୁ ଦାନ କରୁଥିଲେ। ପର୍ଶୁରାମଙ୍କ ହାତରେ ଥିବା ଦିବ୍ୟ ପରଶୁ (ଫାର୍ସା) ଧ୍ୱଂସର ଅଧିକାରୀ ଦେବତା ରୁଦ୍ରଙ୍କୁ ଶାନ୍ତି କରି ପ୍ରାପ୍ତ ହୋଇଥିଲେ। ଫାର୍ସାର ଅନ୍ୟ ନାମ ଟଙ୍କ ଆମ ଓଡ଼ିଶାରେ ଏକାମ୍ରକାନନ ଭୂବନେଶ୍ୱରରେ ଅଛି ଟଙ୍କପାଣି ରୋଡ଼। ଏହି ଏକାମ୍ରବନ ପ୍ରଭୁ ତ୍ରିଭୁବନେଶ୍ୱର ଲିଙ୍ଗରାଜ କ୍ଷେତ୍ର। ହୁଏତ ଏହି ତ୍ରିଭୁବନେଶ୍ୱର ଏଇଠାରେ ତପସ୍ୟାରେ ପର୍ଶୁରାମ ଠାରେ ସନ୍ତୋଷ ହୋଇ ଏଇ ଟଙ୍କ ତାଙ୍କୁ ପ୍ରଦାନ କରିଥିଲେ। ଧ୍ୱଂସକାରୀ ଦେବତାଙ୍କର ଶକ୍ତି ଏହି ଟଙ୍କ ଫାର୍ସାରେ ନିହିତ ଥିବାରୁ ଅନ୍ୟାୟ ଅନିତିର ଶସନର ସେ ଅବସାନ ପାଇଁ ଯୁକ୍ତିଯୁକ୍ତ ପାତ୍ର ପର୍ଶୁରାମଙ୍କୁ ତ୍ରିଭୁବନେଶ୍ୱର ରୁଦ୍ର ପ୍ରଦାନ କରିଥିଲେ।

ଦିବ୍ୟଯଜ୍ଞର ଚରୁ ବଦଳରୁ ଏକ ବିଚିତ୍ର ସ୍ତର ଦୁଇ ମାଆଙ୍କ ଠାରୁ ଦୁଇ ସନ୍ତାନ ଜନ୍ମ ଲାଭ କରିଥିଲେ। ବ୍ରାହ୍ମଣ ପାଇଁ ଉଦ୍ଦିଷ୍ଟ ଚରୁ କ୍ଷତ୍ରୀୟ ନାରୀ ଭକ୍ଷଣ କରିଥିଲେ ଯାହା ବିଶ୍ୱାମିତ୍ରଙ୍କ ଜନ୍ମର କାରଣ ଆଉ କ୍ଷତ୍ରୀୟ ଉଦ୍ଦିଷ୍ଟ ଚରୁ ବ୍ରାହ୍ମଣ ପତ୍ନୀ ଖାଇ ଗର୍ଭବତୀ ହୋଇ ପର୍ଶୁରାମ ଜନ୍ମ ନେଇଥିଲେ ପରେ ବିଶ୍ୱାମିତ୍ର କ୍ଷତ୍ରୀୟ ଘରେ ଜନ୍ମ ହେଲେ। ପର୍ଶୁରାମ ତାଙ୍କ ଜୀବନ କାଳରେ ରାଜ ଅନ୍ୟାୟ ସହ୍ୟ କରିବାରେ ନଥିଲେ ଦେଶରେ ଅନେକ ଆଞ୍ଚଳିକ ଦେଶୀୟ ରାଜା ତତ୍କାଳ ଶାସନ କ୍ଷେତ୍ରରେ ଥିଲେ ଏମାନେ ମନୋଜ୍ଞ ଶାସନ ଚଳାଇ କେବଳ ନିଜକୁ ଭଲରେ ରଖିବା ପାଇଁ ପ୍ରଜାଙ୍କର ଦୁଃଖ ନବୁଝି ଅନ୍ୟାୟ କର ବସାଇ ପିଟୁଣୀଟାକ୍ସ ଆଦାୟ କରିବା ପାଇଁ ଅକଥନୀୟ ଅତ୍ୟାଚାର କରୁଥିଲେ। ରାଜଶକ୍ତି ଆଗରେ ପ୍ରଜାମାନେ ତ୍ରାହି ତ୍ରାହି ଡାକୁଥିଲେ। ପର୍ଶୁରାମ ଫାର୍ସ ଉଠାଇ ରାଜ ସଂହାରରେ ମନ ଦେଲେ ଏପରି ବଂଶାନୁକ୍ରମିକ ରାଜ ଶାସନକୁ ମଧ ଉତ୍ପାଟନ ନିଜକୁ କ୍ଷତ୍ରୀୟର ଉଚ୍ଚାରଣ କରିଚାଲିଥିଲେ। ହାତରେ ଅସ୍ତ୍ରଧରି ନିରୀହ ପ୍ରଜାଙ୍କୁ ହତ୍ୟା ଅକାରଣରେ ଛୋଟ ଛୋଟ ରାଜ ବିରୁଦ୍ଧ ଆଚରଣରେ ଗୁରୁତର ଦଣ୍ଡବିଧାନ କରିବା ଚାଲିଥିଲା। ରାଜାକୁ ମାରିଦେଲେ ରାଜ ସଂହାର କଲେ ରାଜାର ସୈନ୍ୟବଳ ହାନି କରିଦେଲେ ଯେ ପ୍ରଜା ଏ ଖୁସିରେ ରହିବେ ଏକଥା ତାଙ୍କୁ ଜଣା ପଡ଼ିବାରୁ ପର୍ଶୁରାମ ଖୋଜି ଖୋଜି ଦୁଷ୍ଟ ରାଜାଙ୍କ ପରିଚୟରେ ନିପାତ କରିଦେଲେ। ନିୟମ ରହିଛି ଯେ ରାଜାକୁ ପରାସ୍ତ ବା ଅନ୍ତ କରିବ ସେ ରାଜ୍ୟର ଅଧିକାରୀ ହେବ, ସେ ଯଦି ଚାହେଁ ତେବେ ରାଜ୍ୟଭାର ଅନ୍ୟକୁ ଅର୍ପଣ କରିପାରନ୍ତି। ଏଡା ଯୋଗ୍ୟକୁ ଅର୍ପଣ କରିବା ଚିନ୍ତନରେ କଶ୍ୟପ ଋଷିଙ୍କୁ ବାଛି ଦାନସୂତ୍ରରେ ବିଜୟ ଭୂମିକୁ ଦେଇଥିଲେ। ଏମିତି ୨୧ଥର ସେ ରାଜା ଖୋଜି ଖୋଜି ଯୁଦ୍ଧ ପାଇଁ ଆହ୍ୱାନ ଦେଇ ତାଙ୍କର ଅବସାନ ଘଟାଇ ଚାଲିଥିଲେ।

ରାଜାମାନେ ଜାଣିଲେ ପର୍ଶୁରାମଙ୍କ ମୁକାବିଲା ଅସମ୍ଭବ। ଅନେକ ତାଙ୍କର ଦେହଛପା ଦେଲେ, ଅନେକ ତାଙ୍କର ପୁତ୍ର ମାନଙ୍କୁ ଲୁଚାଇ ଦେଲେ ବିଶ୍ୱସ୍ତ ଘରେ ଛାଡ଼ି ଦେଲେ, ଋଷି ଆଶ୍ରମରେ ପିଲାଙ୍କୁ ଚାଲିଲେ ଏମିତି ଯୁଦ୍ଧ ଆହ୍ୱାନ ବେଳେ ଦଶରଥ ଭୀତ ହୋଇ ରାଣୀହଂସପୁର ଦେଇ ଚାଲିଗଲେ ସେ ଆତ୍ମ ପ୍ରକାଶ କରୁଥିଲେ ଯୁଦ୍ଧବାତିରଙ୍କୁ ପର୍ଶୁରାମ କ୍ଷତ୍ରୀୟ ବୋଲି ଛାଡ଼ି ଚାଲିଯାଉଥିଲେ। କ୍ଷତ୍ରୀୟ ଯୁଦ୍ଧରେ ପ୍ରାଣ ଗଲେବି ଯୁଦ୍ଧକୁ ଡରେ ନାହିଁ। କ୍ଷତ୍ରୀୟ ଦୁର୍ବଳକୁ ରକ୍ଷା ପାଇଁ ଅସ୍ତ୍ର ଉଠାନ୍ତି ସିନା ବୃଥା ରକ୍ତପାତକୁ ଅସ୍ତ୍ର କେବେ ଉଠାନ୍ତି ନାହିଁ। ପ୍ରଜା ରକ୍ଷଣ ରାଜଧର୍ମ। ଏଇ ରାଜଧର୍ମ ହାନିର ପରିସ୍ଥିତି ପାଇଁ ପର୍ଶୁରାମ ଅବତାର ଉଦ୍ଦିଷ୍ଟ। ଶିବ ଉପାସକ ପର୍ଶୁରାମଙ୍କ ଚିନ୍ତନରେ ରାଜଧର୍ମା ରକ୍ଷା ହିଁ ରାଜାଙ୍କର ମୂଳ କର୍ତ୍ତବ୍ୟ। ରାଜଧର୍ମ ସେତେବେଳେ ତଚ୍ଛନ୍ନ ସର୍ବତ୍ର ହେଉଥିଲା। ପ୍ରଜାନୁଭଂଜକ ଶ୍ରୀରାମଙ୍କ ସହିତ ତାଙ୍କର ମୁକାବିଲା ସୀତା ବିବାହ ପର୍ବ ପରେ ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ହୋଇଥିଲା। ଲକ୍ଷ୍ମଣଙ୍କ ସହିତ ଗୁରୁତର ବାକ ବିତଣ୍ଡା ହେବାପରେ ପରୀକ୍ଷାରେ ଶ୍ରୀରାମ ଏପରି ଉତ୍ତର ଦେଲେ ଯାହା ପର୍ଶୁରାମ ଅବତାର କର୍ତ୍ତବ୍ୟ ସରିଛି ଏପରି ଭାବି ସେ ତତ ସମୟରୁ ମହେନ୍ଦ୍ର ପର୍ବତକୁ ତପସ୍ୟାକୁ ଚାଲିଗଲେ। ପର୍ଶୁରାମ ଶିବଙ୍କ କର ଓ ନିଜର ଘୋର ଇଚ୍ଛାଶକ୍ତିରେ ମୁକାବିଲା କରିବା ସେ କ୍ଷତ୍ରୀୟ ସଂହାର ଇତି କରିବା ସହିତ ତାଙ୍କର ଦୂରଗମନ ଶକ୍ତିଟିକୁ ସେ ଶ୍ରୀରାମଙ୍କ ଠାରୁ ମାଗି ନେଇଥିଲେ। ଦାନ ଭୂମିରେ ରାତ୍ରୀ ଯାପନ ମନା ଏଇ ନିୟମରେ ସେ ତଦାପ୍ରହାରୀ ଦୋଷରୁ ମୁକ୍ତ ପାଇଁ ଏହି ଦୂରଗମନ ବିଦ୍ୟା ଆବଶ୍ୟକ କରିଥିଲେ। ଏହାଥିଲା ତାଙ୍କର ନିତ୍ୟ ଦର୍ଶନରେ ଲାଗିବା ଏକ ବିଶେଷ ଅଂଶ। ଦିନରେ ମହେନ୍ଦ୍ରରେ ତପସ୍ୟା ଆଦିକର୍ମ, ରାତ୍ରୀରେ ସମୁଦ୍ରରେ ଶୟନ, ସମୁଦ୍ର କେଉଁ ରାଜାଙ୍କର ମାଲିକାନା ନୁହେଁ। ଦିନେ ରାଜା ପ୍ରତାପରୁଦ୍ର ଦେବ ଶ୍ରୀଜଗନ୍ନାଥ ଦାଶଙ୍କ ବିଷୟରେ ଏକ ଗୁଜବ ଶୁଣି ତାଙ୍କୁ ରାଜ୍ୟରେ ନରହିବା କହିଥିଲେ, ଅଭିମାନୀ ଶ୍ରୀଜଗନ୍ନାଥ ଦାଶ ପ୍ରଭୁଙ୍କୁ ଚନ୍ଦନ ସେବାକାରୀ, ସେ ରାଜଧାନୀ ପୁରୀରେ ସହରର ରାଜ ଅଧିକଅତ ଭୂମିରେ ନରହି ମହୋଦଧି କୂଳରେ ପହଞ୍ଚି ତାଙ୍କୁ ସମୁଦ୍ରଙ୍କୁ ନିବେଦନ କରିବାକୁ ପଡ଼ିଥିଲା। ତାଙ୍କର ପ୍ରାର୍ଥନାରେ ସମୁଦ୍ର ତଟରୁ ସାତଲହଡ଼ିର ସୀମା ଯାଏ ପଛକୁ ଘୁଞ୍ଚି ଯାଇଥିଲା। ସେହି ଭୂମିରେ ଦାଶ ମହାଶୟ ପରିତ୍ୟକ୍ତ ଅଭଡ଼ା କୁଡୁଆର ବାଇହାଣ୍ଡିକୁ ଖଞ୍ଜି ଏକ ପର୍ବତ ଗୁମ୍ଫାପରି କୁଟୀର ନିର୍ମାଣ କରି ବାସ କରିଥିଲେ। ଏ ଭୂମି ସାଗର ରାଜାଙ୍କର ଦଖଲରେ ଥିଲା, ଯାହା ପ୍ରତାପ ରୁଦ୍ରଙ୍କ ନଥିଲା। ଏପରି ପର୍ଶୁରାମ ସେହି ସାଗର ତଟରେ ହିଁ ସାଗର ଲହଡ଼ି ଘୁଞ୍ଚି ଯିବା ସ୍ଥାନରେ ପ୍ରତ୍ୟେକ ରାତ୍ରୀ ବାସ କରୁଥିଲେ। ଓ ପରଦିନ ମହେନ୍ଦ୍ର ପର୍ବତକୁ ଦିନରେ ମହେନ୍ଦ୍ର ପର୍ବତକୁ ଫେରି ଯାଉଥିଲେ। ତାହା ଏବେ ବି ଚାଲିଛି କାରଣ ସେ ଚୀରଂଜିବୀ ଅଛନ୍ତି।

ଜଳାଧାର ବଣ୍ଟନ ପ୍ରକ୍ରିୟା ଏବେ ବି ରାଜ କାନୁନରେ ଅଭଙ୍ଗ ରହିଛି। ଜଳଧାର ଅଭଙ୍ଗ ଭାବରେ ଭାଇ ଭାଗରେ ରହିଛି। ପୋଖରୀ, କୂପରେ ସବୁ ଭାଇ ଭଉଣୀଙ୍କ ସମାନ ଅଧିକାର ରହିଛି। ତେବେ ରାଜ୍ୟ ରାଜ୍ୟ ଦେଶ ଦେଶ ମଧ୍ୟରେ ଜଳ ବିବାଦକୁ ସାଗର ମହାସାଗର ଦୁଇ ଦେଶ ମଧ୍ୟରେ ବଣ୍ଟନରେ କଳିତର୍କ ଲାଗି ଚାଲିଛି। ଯାହା ପୂର୍ବେ ନଥିଲା କଳିତର୍କ ଯୁଦ୍ଧର ରୂପ ନେଇ ଯାଉଛି। ମାମଲା ଲାଗିରହି ଜଳ ଏକ ମହାଭାରତ ଓ ଅନ୍ୟ ଚାରି ଭୂତ ପରି ରହେ। ଅକାଶ, ଜଳ, ମାଟି ଏବେ ବି କଳିର ଉତ୍ସ। କେବଳ ପବନ, ନିଆଁ ବଣ୍ଟା ଯାଇପାରିନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ବିଜ୍ଞାନ ଅଭିଶାପ ନ ହେଉ

॥ ଇଂ. ପ୍ରକାଶ ଚନ୍ଦ୍ର ଭୂୟାଁ ॥

ମଣିଷ ଜୀବନକୁ ସରସ, ସୁନ୍ଦର ଏବଂ ଉପଭୋଗ୍ୟ କରାଉଛି ବିଜ୍ଞାନର ନୂଆ ନୂଆ ଉଦ୍ଭାବନ ଆଉ ଗବେଷଣା। ବିଜ୍ଞାନ ମଣିଷକୁ ଦେଉଛି ଅୟସ ଆରାମର ଜୀବନ। ଆପଣ ଆପଣଙ୍କ ଘର ଭିତରେ ଆଖି ବୁଲାଇ ଆଣନ୍ତୁ ଦେଖିପାରିବେ ବିଜ୍ଞାନ କ'ଣ ନଦେଇଛି। ଛାତକୁ ଅନାନ୍ତୁ ସେଠି ସିଲିଂ ଫ୍ୟାନ ଝୁଲୁଛି। କାନ୍ଥରେ ଲାଗିଛି ଏସି ଗ୍ରୀଷ୍ମର ଅତ୍ୟାଚାରରୁ ଆପଣଙ୍କୁ ରକ୍ଷା କରୁଛନ୍ତି ଏମାନେ। ଏସବୁ ବିଜ୍ଞାନ ଦାନ ନୁହେଁ? ରୋଷେଇ ଘରକୁ ଯାଆନ୍ତୁ ଗ୍ୟାସରେ ରୋଷେଇ ହେଉଛି। ମାଇକ୍ରୋଓଭେନରେ ଚଟାପଟ ଗରମ କରିହେଉଛି ଫ୍ରିଜର ଥଣ୍ଡା ଖାଦ୍ୟକୁ। ଫ୍ରିଜ ତଟକା ରଖୁଛି ପନିପରିବାକୁ। ମସଲା ବାଟି ଦେଉଛି ଗ୍ରାଇଣ୍ଡର, ଘର ଓଳାଇ ଦେଉଛି ଭ୍ୟାକୁମ କ୍ଲିନର, ଲୁଗା କାଚି ଦେଉଛି ୱାସିଂମେସିନ। ଟିଭି ଏବଂ ସ୍ମାର୍ଟଫୋନ ତ ଏବେ ମନୋରଞ୍ଜନର ଗନ୍ତାଘର। ସମ୍ପର୍କର ସେତୁ ମୋବାଇଲ। ଯିବା ଆସିବା ପାଇଁ ଶୀତତାପ ନିୟନ୍ତ୍ରିତ କାର ରହିଛି, ତେଣୁ ବିଜ୍ଞାନକୁ ପ୍ରଶଂସା ନକରିବାର ଉପାୟ ହିଁ ନାହିଁ। ତଥାପି ବେଳେ ବେଳେ ବିଜ୍ଞାନର ଉଦ୍ଭାବନକୁ ନିନ୍ଦିବାକୁ ବି ଇଚ୍ଛା ହେଉଛି। ବିଜ୍ଞାନ ଜୀବନକୁ ଦୁର୍ବିସହ କରିତୋଳୁଛି ଅନେକ ସମୟରେ।

ଅନଲାଇନ ଏବଂ କ୍ୟାସଲେସ ନେଣଦେଣ ସୁଯୋଗ ଦେଇଛି ବିଜ୍ଞାନ। ସହଜ ହୋଇଛି ବ୍ୟାଙ୍କିଙ୍ଗ ସେବା। ସେଇ ମାଧ୍ୟମ ପୁଣି ବେଳେ ବେଳେ କାଳ ସାଜୁଛି ଆମ ପାଇଁ। ଟିକେ ଅସାବଧାନ ହେଲେ ସାଇବର ଅପରାଧୀମାନେ ଖାଲି କରି ଦେଉଛନ୍ତି ବ୍ୟାଙ୍କ ଆକାଉଣ୍ଟ। ଏସି ଘରେ ସବୁବେଳେ ରହିବା ଫଳରେ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଦେଖାଦେଉଛି ବୋଲି କହୁଛନ୍ତି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ। ଶାରୀରିକ ଶ୍ରମର ଅଭାବରେ ଡାଏବେଟିସ ଭଳି ରୋଗ କବଳିତ କରୁଛି ମଣିଷଙ୍କୁ। ଏବେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଅପବ୍ୟବହାର ଜୀବନକୁ ଆହୁରି ଦୁର୍ବିସହ କରିତୋଳିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ଉଦ୍ଭାବନ ଏବଂ ଏହାର ଅପବ୍ୟବହାର ବିପଦ ସୃଷ୍ଟି କରିଛି। ଅନ୍ୟର ସ୍ୱରକୁ ଅବିକଳ ନକଲ କରାଯାଇପାରୁଛି ଏଆଇ ସାହାଯ୍ୟରେ। ବିଭିନ୍ନ ପ୍ରକାର ନକଲି ଭିଡ଼ିଓ ଏବଂ ଫଟୋ ଏଡ଼ିଟିଂ କରାଯାଇ ଚର୍ଚ୍ଚିତ ବ୍ୟକ୍ତିଙ୍କୁ ଅପମାନିତ ଏବଂ ଲଜ୍ଜିତ ମଧ କରାଯାଉଛି ଏ ମାଧ୍ୟମ ବ୍ୟବହାର କରି। ସେଲିବ୍ରେଟିମାନଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। ନିକଟରେ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ବିକୃତ କରାଯିବା ଘଟଣାରେ ବର୍ଷିଆନ ଅଭିନେତା ଅମିତାଭ ବଚ୍ଚନଙ୍କ ସମେତ ଅନେକ ଚିନ୍ତା ପ୍ରକଟ କରିଛନ୍ତି। ତେବେ ଏତିକିରେ କଥା ସରିନି ନିକଟ ଅତିଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ଡିପ୍ ଫେକ ଭିଡ଼ିଓ ସମଗ୍ର ଭାରତବାସୀଙ୍କୁ ଏକ ଦ୍ୱନ୍ଦ ଭିତରେ ଠେଲି ଦେଇ ହଇଚଇ ସୃଷ୍ଟି କରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରାଯାଇ ଯେଉଁଭଳି ଅପଦସ୍ତ ଏବଂ ବ୍ଲାକମେଲିଂ କରାଯାଉଛି ଏହା ଚିନ୍ତାର କାରଣ ପାଲଟିଛି। ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ପାଇଁ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଭାଗରୁ ଏକ ଉପଦେଶାବଳୀ ଜାରି କରାଯାଇଛି। ଏଭଳି ଅପରାଧ ପାଇଁ ରହିଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଏଥିରେ କୁହାଯାଇଛି। ଏଥିରେ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬ (ଘ) ସମ୍ପର୍କରେ ଉଲ୍ଲେଖ ରହିଛି। କମ୍ପ୍ୟୁଟର ସମ୍ବଳ ବ୍ୟବହାର କରି ଯଦି ଜଣକୁ ଭିନ୍ନ ରୂପ ଦିଆଯାଏ ତାହେଲେ ତାଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଇଣ୍ଟରନେଟରେ ରଶ୍ମିକା ମନ୍ଦାନାଙ୍କ ଯେଉଁ ଭିଡ଼ିଓ ଟ୍ରେଣ୍ଡ ହୋଇଥିଲା ସେଥିରେ ବ୍ରିଟିଶ ଇଣ୍ଡିଆନ ଇନଫ୍ଲୁଏନ୍ସର ଜାରା ପଟେଲଙ୍କ ଶରୀରରେ ମନ୍ଦାନାଙ୍କ ମୁଣ୍ଡ ଯୋଡ଼ା ଯାଇଥିଲା। ଡିପଫେକ ପ୍ରଯୁକ୍ତି ବ୍ୟବହାର କରି ଉକ୍ତ ଭିଡ଼ିଓ ପ୍ରସ୍ତୁତ କରାଯାଇଛି ବୋଲି ଜଣାଯାଇଛି। ପ୍ରଶ୍ନ ଉଠୁଛି ଏଭଳି ଅପରାଧ ପାଇଁ ଦଣ୍ଡ ବ୍ୟବସ୍ଥାକୁ କେତେ କଡ଼ାକଡ଼ି କରାଯାଇପାରିବ ଏବଂ ଅପରାଧୀଙ୍କ ଧରାଯାଇପାରିବ। ଦେଶରେ ଏବେ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ ରହିଛି। ତାକୁ କିଏ କେଉଁଭଳି ଭାବରେ ବ୍ୟବହାର କରିବ ତାରି ଉପରେ ହିଁ ବିଜ୍ଞାନର ବରଦାନ ନିର୍ଭର କରିବ।

ଟାଟାଷ୍ଟିଲ, ମେରାମୁଣ୍ଡଲୀ, ଢେଙ୍କାନାଳ
ଦୂରଭାଷ : ୭୯୭୮୯୨୭୭୬୫

# ଏରସମା ଥାନାର ବିଭିନ୍ନ ସ୍ଥାନରେ ସାଇବର ସଚେତନତା କାର୍ଯ୍ୟକ୍ରମ



ଏରସମା, (ମହାଭାରତ) : ଏରସମା ପୋଲିସ ପକ୍ଷ ରୁ ନାରଦିଆ, ଗଡବିଶୁନ୍ପୁର, ଗୋଡ଼ା ଓ ପଞ୍ଚାୟତରେ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ନାରଦିଆ ପଞ୍ଚାୟତର ପଞ୍ଚପଲ୍ଲୀ ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମରେ ଏରସମା ଥାନା ଅଧିକାରୀ ପ୍ରେମଜିତ ଦାସ, ସ୍ଥାନୀୟ ସରପଂଚ ସୀମାଇଁ ଚରଣ ଭୋଳ, ସମିତି ସଭ୍ୟ ପ୍ରଫୁଲ୍ଲ ପାଲ , ବରିଷ୍ଠ ନାଗରିକ କ୍ଷେତ୍ର ମୋହନ ଦାସ ଯୋଗଦେଇ କୌଣସି ଅଜ୍ଞାତ ଲୋକଙ୍କୁ ଓଟିପି ଦେବା ନାହିଁ । କିମ୍ବା ଲୋଭରେ ବଶ ବ୍ରତୀ ହୋଇ କାହାକୁ ବ୍ୟାଙ୍କ୍ ଖାତାର ବିବରଣୀ ଦେବା କଥା ନୁହେଁ । ବୋଲି କହିଥିଲେ । ସଚେତନ ହେବା ସଜାଗ ହେବା ନାଟକ ମାଧ୍ୟମରେ ଉପସ୍ଥିତ ଲୋକ ମାନଙ୍କୁ ସଚେତନ କରାଯାଇଥିଲା । ସେହିଭଳି ଗୋଡ଼ା ହାଟ ପଡିଆରେ ସାଇବର ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ ଏରସମା ଆଇ ଆଇ ସି ପ୍ରେମଜିତ ଦାସ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ନାୟକ, ସମାଜସେବୀ ପ୍ରଦୀପ୍ତ ସାହୁ ଯୋଗଦେଇ ଉପସ୍ଥିତ ଲୋକମାନଙ୍କୁ ସାଇବର ଠକେଇ ଉପରେ ସଚେତନ କରିଥିଲେ ଏ କାର୍ଯ୍ୟକ୍ରମରେ ଶରତ ବିଶ୍ୱାଳ, ପ୍ରଦୀପ୍ତ ସାହୁ, କୈଳାସ ବେହେରାଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ ଏ ଶେଷରେ ଦୁଃଖୀରାମ ସ୍ୱାଇଁ ସ୍ମୃତି ପ୍ରତିଷ୍ଠାନ ପକ୍ଷରୁ ନାଟକ ପରିବେଷଣ କରି ସଚେତନ କରାଯାଇଥିଲା । ଏରସମା ଥାନାର ଏସ ଆଇ ବିଶ୍ୱଜିତ୍ ଗଡନାୟକ୍, ଏ ଏସ ଆଇ ଶୁଶାନ୍ତ କୁମାର ଆଚାର୍ଯ୍ୟ ଓ ସମସ୍ତ କର୍ମଚାରି ଉପସ୍ଥିତ ଥିଲେ ।

# ମକ୍ ପୋଲ୍ ସମୟରେ ଭୋଟିଂ ମେସିନ୍ର ଶତ ପ୍ରତିଶତ ସଠିକତା ସୁନିଶ୍ଚିତ ହେଲା



ନୂଆପଡା, (ମହାଭାରତ): ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସର ମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ଟ୍ରେନିଂ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ନେସନାଲ ହାଇସ୍କୁଲ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଓ ୱାଟର ସେଡ ସମ୍ମିଳନୀ କକ୍ଷରେ ଏହି ତାଲିମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସ୍ତରୀୟ ଓ ମାଷ୍ଟର ଟ୍ରେନର ମାନେ ପ୍ରିଯାଇଡିଂ ଓ ପୋଲିଂ ଅଧିକାରୀ ମାନଙ୍କୁ ଇଭିଏମ୍ କଣ୍ଟ୍ରୋଲ ୟୁନିଟ ଓ ଭିଭିପାଟ କାର୍ଯ୍ୟକାରିତା ସମ୍ବନ୍ଧରେ ବ୍ୟବହାରିକ ତାଲିମ୍ ପ୍ରଦାନ କରିଥିଲେ ଏ ଜିଲ୍ଲାପାଳ ମଧୁସୁଦନ ଦାଶ ତାଲିମ୍ କକ୍ଷ ମାନଙ୍କରେ ଉପସ୍ଥିତ ରହି ପ୍ରଶ୍ନୋତ୍ତର ମାଧ୍ୟମରେ ଅଧିକାରୀ ମାନଙ୍କ ଦ୍ୱାରା ଆଗତ ସମସ୍ତ ସମସ୍ୟା ର ସମାଧାନ କରିଥିଲେ । ତାଲିମ ସମୟରେ ପ୍ରିଜାଇଡିଂ ଅଫିସର ମାନେ ୧୦୦ଟି ମକ୍ ଭୋଟ ଦେଇ ଏବଂ ଏହାକୁ ଭିଭିପାଟ ସ୍ଲିପ୍ ସହିତ ମିଳାଇ ମକ୍ ଡ୍ରିଲ୍ କରିଥିଲେ । ମକ୍ ପୋଲ୍ ସମୟରେ ଭୋଟିଂ ମେସିନ୍ ର ଶତ ପ୍ରତିଶତ ସଠିକତା ସୁନିଶ୍ଚିତ ହେଲା ଏଏହାପରେ ଉଦ୍ଦିଷ୍ଟ ଫର୍ମାଟରେ ସେମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ତାଲିମ୍ , ଭୋଟିଂ ମେସିନ ର କାର୍ଯ୍ୟ ଦକ୍ଷତା , ମକ୍ ପୋଲର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତା ଓ ପାରଦର୍ଶିତା କୁ ଶତ ପ୍ରତିଶତ ସୁନିଶ୍ଚିତ କରାଯାଇଛି ଏ ଜିଲ୍ଲାପାଳ କହିଛନ୍ତି ଯେ ଜିଲ୍ଲାର ମତଦାତା ମାନେ ସୁନିଶ୍ଚିତ ରୁହନ୍ତୁ ଯେ ସେମାନେ ଯେଉଁ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟିଂ ମେସିନ ରେ ସୁଇଚ ଦବାଇବେ ତାଙ୍କର ମୂଲ୍ୟବାନ ଭୋଟ ଟି ସେହି ପ୍ରାର୍ଥୀ ହିଁ ପାଇବେ । ବିଧାନସଭା ଉପ ନିର୍ବାଚନ ସଂପୂର୍ଣ୍ଣ ସ୍ୱଚ୍ଛତା ଓ ପାରଦର୍ଶିତା ସହିତ ଅନୁଷ୍ଠିତ ହେବ ।

# ଏଏମ୍/ ଏନଏସ ପୋର୍ଟସ୍ ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କୁ ପରୀକ୍ଷା ପ୍ରସ୍ତୁତି ଉପକରଣ ବଣ୍ଟନ



ପାରାଦୀପ, (ମହାଭାରତ): ଯୁବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୈକ୍ଷିକ ଉତ୍କର୍ଷତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଏକ ପ୍ରଶଂସନୀୟ ପ୍ରୟାସ ସ୍ୱରୂପ, ଏଏମ୍/ଏନଏସ ପୋର୍ଟସ୍ ଏହାର ପ୍ରମୁଖ ପ୍ରକଳ୍ପ 'ପଢେଗା ଭାରତ' ଅଧୀନରେ ପାରାଦ୍ୱୀପର ମା ଅମ୍ବିକା ହାଇସ୍କୁଲରେ ପରୀକ୍ଷା ପ୍ରସ୍ତୁତି ଉପରେ ଏକ ଅଧିବେଶନ ଆୟୋଜନ କରିଥିଲା । ଯେଉଁଠାରେ ଆଗାମୀ ଦଶମ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ସ୍କୁଲର ୫୪ ଜଣ ଛାତ୍ରଛାତ୍ରୀଙ୍କୁ ଅଭ୍ୟାସ ପରୀକ୍ଷା ପତ୍ର ପ୍ରଦାନ କରାଯାଇଥିଲା । ଅକ୍ଟୋବର ୩୧, ୨୦୨୫ରେ ଅନୁଷ୍ଠିତ ଏହି ଅଧିବେଶନର ଲକ୍ଷ୍ୟ ଥିଲା ଅଭ୍ୟାସ ପରୀକ୍ଷା ପତ୍ର ବଣ୍ଟନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରିବା, ସେମାନଙ୍କ ପ୍ରସ୍ତୁତିକୁ ମଜବୁତ କରିବା, ପରୀକ୍ଷା ସମ୍ବନ୍ଧୀୟ ଚାପ ପରିଚାଳନା କରିବା ଏବଂ ସେମାନଙ୍କ କ୍ୟାରିଅରର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ପୂର୍ବରୁ ଆତ୍ମବିଶ୍ୱାସ ସୃଷ୍ଟି କରିବା । ଶୈକ୍ଷିକ ପ୍ରସ୍ତୁତି ବ୍ୟତୀତ, ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବଶାଳୀ ଅଧ୍ୟୟନ କୌଶଳ, ସମୟ ପରିଚାଳନା ଦକ୍ଷତା ଏବଂ ପରୀକ୍ଷା ପ୍ରତି ଏକ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା । ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପର କ୍ଲଷ୍ଟର ରିସୋର୍ସ ସେଣ୍ଟର ସଂଯୋଜକ (ସିଆରସିସି) ସୁକାନ୍ତ କୁମାର ସ୍ୱାଇଁ, ଏଏମ୍/ଏନଏସ ପୋର୍ଟସର ଅର୍ଥ ବିଭାଗ ମୁଖ୍ୟ ପ୍ରସାନ୍ତ ବେହେରା ଏବଂ ମା ଅମ୍ବିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ଭ୍ରମରବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ବେହେରା ଦୃଢ଼ ଶୈକ୍ଷିକ ଭିତ୍ତିଭୂମିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ, 'ଏହି ପରୀକ୍ଷାଗୁଡ଼ିକ ପ୍ରତ୍ୟେକ ଛାତ୍ରର ଭବିଷ୍ୟତ ପାଇଁ ଏକ ପାହାଚ । ସଠିକ୍ ପ୍ରସ୍ତୁତି, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସ ସହିତ, ସଫଳତା ସ୍ୱାଭାବିକ ଭାବରେ ଆସିଥାଏ ।' ସେହିପରି ସୁକାନ୍ତ କୁମାର ସ୍ୱାଇଁ ଛାତ୍ରଛାତ୍ରୀ ମାନଙ୍କୁ ଶାନ୍ତ ଏବଂ ଏକାଗ୍ର ରହିବାକୁ ଉତ୍ସାହିତ କରିଥିଲେ, ପରୀକ୍ଷା ସମୟରେ ସେମାନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସାହାଯ୍ୟ କରିବା ପାଇଁ ମାନସିକ ପ୍ରସ୍ତୁତି ଏବଂ ଚାପ ପରିଚାଳନା ପାଇଁ ରଣନୀତି ଉପରେ ଆଲୋକପାତ କରିଥିଲେ । 'ପଢେଗା ଭାରତ' ପଦକ୍ଷେପ ମାଧ୍ୟମରେ, କମ୍ପାନୀ ଅର୍ଥପୂର୍ଣ୍ଣ ଶିକ୍ଷଣ ସୁଯୋଗ ସୃଷ୍ଟି କରିଚାଲିଛି ଯାହା ଶିକ୍ଷାଗତ ଦକ୍ଷତା ଏବଂ ଜୀବନ କୌଶଳ ଉଭୟକୁ ଗଠନ କରିଥାଏ ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ରୁ ପ୍ରକାଶ ।

# ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ ଦିବସରେ ଦିବ୍ୟ ଜ୍ୟୋତି କ୍ଲବ କଟକ ଚାମ୍ପିୟନ



ଦେବଗଡ (ମହା ଭାରତ ) ତା ୨/୧୧/ ଦେବଗଡ ଜିଲ୍ଲା ବାରକୋଟ ବ୍ଲକ କଲା ମିନି ଷ୍ଟାଡିଅମ ରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶେଷ ହୋଇ ଯାଇଛି. ।ପ୍ରଥମ ଦିବସ ରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ଦେବଗଡ ଓ ଝାରସୁଗୁଡା ମଧ୍ୟରେ ହୋଇଥିଲା , ଦେବଗଡ ଏକ ଶୂନ ଗଲ ରେ ଝାରସୁଗୁଡା କୁ ପରାସ୍ତ କରିଥିଲା । ପୁରୁଷ ଟୁର୍ନାମେଣ୍ଟ ୩୧ ତାରିଖରୁ ୨ତାରିଖ ପର୍ଯନ୍ତ ଅନୁଷ୍ଠିତ ହୋଇଥିଲା, ଏହି ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଦେବଗଡ ଜିଲ୍ଲା ପ୍ରକଳ୍ପ ନିର୍ଦେଶକ ରାଜେନ୍ଦ୍ର ମିଞ୍ଜ, ନିମନ୍ତ୍ରିତ ଅତିଥି ଜେନେରାଲ ମେନେଜର ଶ୍ରୀ ମେଟାଲିକ ବଡ଼ବିଲ ର ବିଜୟ କୁମାର ନା ଏ କ,କ୍ଷ ସ ମ ହଭୟସବ ସମ୍ବଲପୁର ବିଦ୍ୟା ଧର ଜେନା, ଲେବର ୟୁନିଅନ ପ୍ରେସିଡେଣ୍ଟ ବ୍ରଜରାଜନଗର କାକିଚରଣ ପ୍ରଧାନ, ଓ ଉପଦେଷ୍ଟା ଦେବଗଡ ଜିଲ୍ଲା ବି ଯେ ପି ସଭାପତି ଅରୁଣ କୁମାର ସାହୁ,ବରିଷ୍ଟ କ୍ରୀଡା ବିତ ସୁରେଶ ପ୍ରଧାନ ଓ ଜାତୀୟ ଖେଳାଳି ରୋଶନ ଖାନ ଖେଳ ପରିଚାଳନା କରିଥିଲେ ଶେଷରେ ବିଜୟ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଖେଳ ର ପ୍ରଥମ ଦିବସ ରେ ଶୁକ୍ର ବାର ଦିନ ସମ୍ବଲପୁର ସୁନ୍ଦରଗଡ ମଧ୍ୟ ରେ ଖେକ ହୋଇଥିଲା ହେଲେ ସୁନ୍ଦରଗଡ ସମ୍ବସ୍ୱଲପୁର ଦଳ କୁ ଦୁଇ ଶୂନ ଗଲ ଦେଇ ଫାଇନାଲ କୁ ଉତୀର୍ଣ୍ଣ ହୋଇଥିଲା. ସେଇପରି ଶନିବାର ଦିନ କଟକ ଝାରସୁଗୁଡା ମଧ୍ୟରେ ଖେଳ ହୋଇଥିଲା କିନ୍ତୁ କଟକ ଝାରସୁଗୁଡା ଦଳ କୁ ଚାରି ଶୂନ ଗଲ ରେ ପରାସ୍ତ କରି ଫାଇନାଲ କୁ ଉତୀର୍ଣ୍ଣ ହୋଇଥିଲା ଆଜିର ଏହି ଫାଇନାଲଖେଳରେ କଟକ ଦିବ୍ୟଜ୍ୟୋତି କ୍ଲବ ଓ ସୁଦରଗଡ଼ କେଳାନୀ ଙ୍କ ମଧ୍ୟରେଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ହେଲେ କଟକ ଦିବ୍ୟ ଜ୍ୟୋତି କ୍ଲବ, ସୁଦରଗଡ ଦଳ କୁ ପାଞ୍ଚ, ଶୂନ ଗଲ ଦେଇ ଆ ଜି ର ଚମ୍ପିୟାନ ଆଖ୍ୟା ଅର୍ଜନ କରିଛନ୍ତି ।

# କାମେଶ୍ୱରପୁର ଗ୍ରାମରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କାମେଶ୍ୱରପୁର ଗ୍ରାମରେ ମହିମା ବ୍ରହ୍ମଧ୍ୱନୀ ବୃହତ ମହିମା ମେଳା ଓ ବିଶ୍ୱ ଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇ ଛି । ଏହି ଅବସରରେ ପାଟଣା ମହିମା ଅଲେଖ ଭକ୍ତ ଅଲେଖ ପାତ୍ର ଙ୍କ ନେତୃତ୍ୱ ରେ ବିଶ୍ୱ ଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ଯଜ୍ଞ କୁ ଜିଲ୍ଲା କୋଣ ଅନୁକୋଣ ରୁ ସାଧୁ ସନ୍ତ ଙ୍କ ଦ୍ୱାରା ମହିମା ଅଲେଖ ଭଜନ ରେ ଗ୍ରାମ କମ୍ପି ଛି । ଏହି ମହିମା ଅଲେଖ ମେଳା ଅବସରରେ ପାଟଣା ଅଞ୍ଚଳ ରୁ ବହୁ ମହିମା ଅଲେଖ ଭକ୍ତ ସହ ଗ୍ରାମବାସୀ ଙ୍କ ସମାଗମ ହୋଇ ଛି । ଯଜ୍ଞ ରେ ମହିମା ଅଲେଖ ଭକ୍ତ ଓ ଗ୍ରାବାସୀମ ମାନେ ଘିଅ ଦାନ ସହ ନଡିଆ ପୂଜନ କରିଛନ୍ତି । ଏହି ମହିମା ଅଲେଖ ମେଳା ରେ ଉପସ୍ଥିତ ଭକ୍ତ ଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇ ଛି ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମାବେଶ ଆୟୋଜିତ

ଦଶପଲ୍ଲା, (ମହାଭାରତ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଯୁବ ସମାବେଶ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ସଂଘ ଚାଳକ ହରପ୍ରସାଦ ରଣସିଂହ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମନୋଜ କୁମାର ପ୍ରଧାନ (ଓଡ଼ିଶା ପୂର୍ବ ପ୍ରାନ୍ତ ମହାବିଦ୍ୟାଳୟ ପ୍ରମୁଖ) ଯୋଗଦେଇ ଯୁବ ଶକ୍ତି କିପରି ସୁବିନିଯୋଗ ହେଉ ସେଥିପାଇଁ ମାର୍ଗଦର୍ଶନ କରାଇଥିଲେ । ମଞ୍ଚରେ ଦଶପଲ୍ଲା ଖଣ୍ଡ ସଂଘ ଚାଳକ ଯୁଗଳ କିଶୋର ପ୍ରଧାନ ସଂଯୋଜନା କରୁଥିବା ବେଳେ ଭଗବାନ ଦେହୁରୀ ମହୋଦୟ ମଞ୍ଚ ପରିଚାଳନା କରିଥିଲେ । ନୟାଗଡ଼ ଜିଲ୍ଲା ଦଶପଲ୍ଲା ଖଣ୍ଡ ଅଞ୍ଚଳର ସେବକ ଓ ଯୁବକମାନେ ଉତ୍ସାହ ସହକାରେ ରେ ଯୋଗଦେଇଥିଲେ । ସମାଜରେ ଯୁବ ଶକ୍ତିଙ୍କ ଭୂମିକା, ଦେଶ ନିର୍ମାଣରେ ନୈତିକ ମୂଲ୍ୟ ଓ ଶିଷ୍ଟାଚାର ର ଗୁରୁତ୍ୱକୁ କେନ୍ଦ୍ରବିନ୍ଦୁ କରି ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରାଯିବା ସହିତ ସେବା, ସାମାଜିକ ସମର୍ପଣ, ଦୃଢ଼ ଚରିତ୍ର ଗଠନ ଓ ଜାତୀୟ ଏକତାର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । "ଯୁବମାନେ ଦେଶର ଭବିଷ୍ୟତ । ସେମାନେ ନିଜ ଜୀବନରେ ଶିଷ୍ଟାଚାର, ଦେଶପ୍ରେମ ଓ ସମାଜସେବାକୁ ଧ୍ୟେୟରୂପେ ଗ୍ରହଣ କଲେ ଦେଶ ଅଧିକ ଶକ୍ତିଶାଳୀ ଓ ସଂଘବଦ୍ଧ ହେବ" ବୋଲି ଅତିଥି ମାନେ ନିଜ ବକ୍ତବ୍ୟରେ କହିଥିଲେ । ସମାବେଶ ଶେଷରେ ସେବକ ଓ ଯୁବମାନଙ୍କ ପାଇଁ ଅନୁଶାସିତ ଶାରୀରିକ ବ୍ୟାୟାମ ଓ ସଂଘ ଶିକ୍ଷାର କିଛି ପ୍ରଦର୍ଶନ ବି କରାଯାଇଥିଲା । ସଭାର ସଫଳ ସମାପନୀ ଅବସରରେ ସଂଘ ପକ୍ଷରୁ ଆୟୋଜକମାନଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

# ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ କୋର୍ଟରେ ହାଜର ହେଲେ ମହିମା ମିଶ୍ର ଏବଂ ବାପି ସର୍ଖେଲ



ପାରାଦୀପ/କୁଜଙ୍ଗ,(ମହାଭାରତ) : ସିଓ୍ୱଜ୍ ସିଫିଂ ଆଣ୍ଡ୍ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏସ୍ଏସପିଏଲ) ର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ମାମଲାରେ ସୋମବାର ଦିନ ଶିଳ୍ପପତି ମହିମାନନ୍ଦ ମିଶ୍ର ଏବଂ ପୂର୍ବତନ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ ଓରଫ ବାପି ସର୍ଖେଲ କୁଜଙ୍ଗର ଅତିରିକ୍ତ ସେସନ୍ସ ଜଜ୍ କୋର୍ଟରେ ହାଜର ହୋଇଛନ୍ତି । ୨୦୧୬ ମସିହାରେ ହୋଇଥିବା ହାଇପ୍ରୋଫାଇଲ୍ ହତ୍ୟା ମାମଲାରେ ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିବା ଜଣାପଡ଼ିଛି । କୋର୍ଟ ସେମାନଙ୍କ ସାକ୍ଷ୍ୟ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ଜାମିନ ବଣ୍ଡ ଗ୍ରହଣ ପାଇଁ ନଭେମ୍ବର ୨୪ ଏବଂ ୨୫ ତାରିଖ ଧାର୍ଯ୍ୟ କରିଛନ୍ତି ବୋଲି ସୂଚନା ମିଳିଛି । ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସଏଲ)ର ପରିଚାଳନା ନିର୍ଦ୍ଦେଶକ ମହିମାନନ୍ଦ ମିଶ୍ରଙ୍କୁ ହତ୍ୟାର ମାଷ୍ଟରମାଇଣ୍ଡ ବୋଲି ଅଭିଯୁକ୍ତ କରାଯାଇଥିଲା ଏବଂ ପୂର୍ବତନ କଂଗ୍ରେସ ନେତା ବାପି ସର୍ଖେଲଙ୍କୁ ଏହି ମାମଲାରେ ସହ-ଅଭିଯୁକ୍ତ ଭାବେ ଅଭିଯୁକ୍ତ କରାଯାଇଥିଲା । ସୂଚନାଥାଉକି ପାରାଦୀପର ମଧୁବନର ମାଉସୀମା ମନ୍ଦିର ନିକଟସ୍ଥ କଲୋନୀ ରାସ୍ତାରେ ମହେନ୍ଦ୍ର ସ୍ୱାଇଁ (୪୫) ତାଙ୍କ କାରରେ ଅଫିସ ଯାଉଥିବା ସମୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଦୁଇ ଜଣ ମୋଟରସାଇକେଲ ଆରୋହୀ ତାଙ୍କ ଗାଡ଼ିକୁ ଅଟକାଇଥିଲେ, ନିକଟରୁ ତାଙ୍କ ଉପରେ ଗୁଳି ଚଳାଇଥିଲେ ଏବଂ ବୋମା ଫିଙ୍ଗି ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ବିଜୁ ପଟ୍ଟନାୟକ ସ୍ମାରକୀ ହସ୍ପିଟାଲକୁ ନେବା ବାଟରେ ମହେନ୍ଦ୍ର ସ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ, ରାଜ୍ୟ ଅପରାଧ ଶାଖା ତଦନ୍ତ ଆରମ୍ଭ କରିଥିଲା ଏବଂ ପରେ ଡିସେମ୍ବର ୨୦୧୬ ରେ ମହିମା ମିଶ୍ରଙ୍କୁ ଥାଇଲ୍ୟାଣ୍ଡରୁ ଗିରଫ କରାଯାଇଥିଲା । ତାଙ୍କୁ ଜୁନ ୧୯, ୨୦୧୮ ରେ ନ୍ୟାୟିକ ହାଜତରୁ ମୁକ୍ତ କରାଯାଇଥିଲା, କିନ୍ତୁ ସୁପ୍ରିମକୋର୍ଟ ତାଙ୍କୁ ଓଡ଼ିଶା ହାଇକୋର୍ଟ ଦ୍ୱାରା ଦିଆଯାଇଥିବା ଜାମିନକୁ ପ୍ରତ୍ୟାହାର କରିବା ପରେ ୨୦୧୮ ମସିହା ସେପ୍ଟେମ୍ବର ୨୯ ତାରିଖରେ ପୁନର୍ବାର ମହିମା ମିଶ୍ରଙ୍କୁ ଗିରଫ କରାଯାଇଥିଲା । ପରବର୍ତ୍ତୀ ସମୟରେ, ହାଇକୋର୍ଟର ଏକକ ଖଣ୍ଡପୀଠ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ପୁଣି ଥରେ ଜାମିନ ପ୍ରଦାନ କରିଥିଲେ ଏବଂ ଟ୍ରାଏଲ୍ କୋର୍ଟକୁ ତାଙ୍କ ମୁକ୍ତି ପାଇଁ ସର୍ତ୍ତାବଳୀ ନିର୍ଣ୍ଣୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ, ସହ-ଅଭିଯୁକ୍ତ ବାପି ସର୍ଖେଲଙ୍କୁ ୧୭ ଏପ୍ରିଲ୍ ୨୦୧୭ରେ ହାଇକୋର୍ଟ ୧ ଲକ୍ଷ ଟଙ୍କା ଜାମିନ ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ଜାମିନ ପ୍ରଦାନ କରିଥିଲେ । ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ମାମଲାରେ ମହିମା ମିଶ୍ର ଏବଂ ସର୍ଖେଲ ଉଭୟଙ୍କ କୁଜଙ୍ଗର ଅତିରିକ୍ତ ସେସନ୍ସ ଜଜ୍ କୋର୍ଟରେ ବିଚାର ଜାରି ରହିଛି ।

# ଜେଲ୍ ଭିତରେ ପପୁର 'ଡନ୍ ପ୍ଲାନ୍': ଜେଲ୍ କର୍ତ୍ତୃପକ୍ଷ ଓ ସଦର ଥାନା ପୁଲିସ ଏବେ ବେଶ୍ ସତର୍କ



ନୟାଗଡ଼, (ମହାଭାରତ) : ନୟାଗଡ଼ ଜେଲ୍ରେ ଘଟିଥିବା ଗ୍ୟାଙ୍ଗୱାରକୁ ନେଇ ଏବେ ଜେଲ୍ କର୍ତ୍ତୃପକ୍ଷ ଓ ସଦର ଥାନା ପୁଲିସ ବେଶ୍ ସତର୍କ ହୋଇଛନ୍ତି । ଜେଲ୍ ସୁପରିଟେଣ୍ଡେଣ୍ଟ୍ ବାବୁଲି ବାରିକଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୁଲିସ ୩୫ ଜଣଙ୍କ ନାଁରେ ମାମଲା ରୁଜୁ କରିଛି । ଏହି ନାମ ଗୁଡ଼ିକ ମଧ୍ୟରେ, ଫତେଗଡ଼ ଥାନା ଅଧୀନ ଭଗବାନପୁର ଗାଁର ଅଖିଳ ସାହୁଙ୍କୁ ପ୍ରାଣାନ୍ତକ ଆକ୍ରମଣ ଅଭିଯୋଗରେ ଗିରଫ ହୋଇଥିବା ବିଷ୍ଣୁ ପ୍ରସାଦ ସାହୁ ଓରଫ ପପୁ ଏବଂ ନିକଟରେ ଟାଉନ ଥାନା ପୁଲିସ ଗିରଫ କରିଥିବା ମେଳାମ୍ଭ ଗାଁର ମାନସ ସାହୁ ରହିଛନ୍ତି । ଏହି ଦୁଇ ଜଣ ହିଁ ଜେଲ୍ ?ରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଯୋଜନା ଚଳାଇଥିବା ଜଣାଯାଇଛି । ଏଣୁ ଜେଲ୍ ମଧ୍ୟରେ ଏହି ଦୁଇ ଜଣଙ୍କ ଗତିବିଧି ? ଉପରେ ପୁଲିସ ତୀକ୍ଷଣ ନଜର ରଖିଛି । ସୂଚନାନୁସାରେ, ଅଖିଳଙ୍କୁ ଆକ୍ରମଣ କରିଥିବା ପପୁ ବିରୋଧରେ ଜିଲ୍ଲା ଓ ଅନ୍ୟ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି । ଭୁବନେଶ୍ୱରରେ ଜଣେ ଯୁବକଙ୍କୁ ମଧ୍ୟ ଖଣ୍ଡାରେ ସେ ହାଣିଥିଲା । ତା'ର ଅପରାଧିକ ଇତିହାସକୁ ନଜର ପକାଇଲେ, ସର୍ବଦା ନିଜର ଦବଦବା ଦେଖାଇବା ପାଇଁ ଅନ୍ୟକୁ ଖଣ୍ଡାରେ ଆକ୍ରମଣ କରିଥାଏ । ସେତେବେଳେ ଅଖିଳଙ୍କୁ ସେ ଯେଉଁଭଳି ଢଙ୍ଗରେ ହାଣିଥିଲା, ଏହା ଅତ୍ୟନ୍ତ ହୃଦୟବିଦାରକ ଥିଲା । ପପୁକୁ ଧରିବା ପାଇଁ ତତ୍ ?କାଳୀନ ଏସପି ରାହୁଲ ଜୈନ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତାକୁ ଗଞ୍ଜାମରୁ ଗିରଫ କରିଥିଲେ । ନିଜର ପୁରୁଣା ସ୍ୱଭାବରୁ ପପୁ ଜେଲରେ କାହାରିକୁ ଖାତିର କରୁନଥିବା ଜଣାପଡ଼ିଛି । ଏଥିରେ ତାକୁ ଠକ ମାନସ ସାହାଯ୍ୟ କରୁଛି । ଜେଲରେ ଥିବା କୌଣସି ନିୟମ କାନୁନକୁ ପପୁ ମାନିବାକୁ ନାରାଜ । ବାହାର ଖାଦ୍ୟ, ନିଶା ସାମଗ୍ରୀ ଓ ଟେଲିଫୋନରେ ଅଧିକ ସମୟ ଗପିବା ପାଇଁ ସେ ସର୍ବଦା ଜେଲ୍ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଉଛି । ଗତ ସପ୍ତାହ ଶନିବାର ସନ୍ଧ୍ୟାରେ ପରସା ଯାଇଥିବା ଖାଦ୍ୟକୁ ନେଇ ସେ ଜେଲରେ କାର୍ଯ୍ୟରତ ଦୁଇ ୱାର୍ଡରଙ୍କ ସହ ଝଗଡ଼ା କରିଥିଲା । ଏମିତିକି ତାଙ୍କ ବେକକୁ ମଧ୍ୟ ଚିପି ନାନା ପ୍ରକାର ଧମକ ଦେଇଥିଲେ । ଏହାପରେ ସୁପରିଟେଣ୍ଡେଣ୍ଟ୍ ଶ୍ରୀ ବାରିକ ସେଠାରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ମାତ୍ର ଏହାର ପରଦିନ ସକାଳୁ ସେଲ୍ ଖୋଲାଯିବା ସମୟରେ ଜେଲ୍ କର୍ତ୍ତୃପକ୍ଷ ପପୁକୁ ଗଣ୍ଡଗୋଳ ସମ୍ପର୍କରେ ପଚରାଉଚରା କରିଥିଲେ । ଏହି ସମୟରେ ପପୁ ନିୟନ୍ତ୍ରଣରେ ଥିବା କିଛି କଏଦୀ ଓ ଆଉ ଏକ ଗୋଷ୍ଠୀର କଏଦୀ ମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ପରସ୍ପରକୁ ଇଟା ପଥର ମାଡ଼ କରିଥିଲେ । ଏହାକୁ ରୋକିବା ପାଇଁ ଜେଲର, ୱାର୍ଡର ଓ ସୁପରିଟେଣ୍ଡେଣ୍ଟ୍ ପ୍ରୟାସ କରୁଥିବା ବେଳେ ସେମାନେ ମଧ୍ୟ ଆହତ ହୋଇଥିଲେ । ଜେଲରେ ଦୁଇ ଗ୍ୟାଙ୍ଗ୍ ? ମଧ୍ୟରେ ରୀତିମତ ଲଢ଼େଇ ଚାଲୁ ରହିଛି । ଯାହାକି ଜେଲ୍ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇ ଦେଇଛି । ଆବଶ୍ୟକ ପଡ଼ିଲେ ଏହି ଦୁଇ ଗ୍ୟାଙ୍ଗର ମୁଖିଆ ସାଜିଥିବା କଏଦୀଙ୍କୁ ଭିନ୍ନ କୌଣସି ଜେଲକୁ ସ୍ଥାନାନ୍ତର କରିବା ପାଇଁ କର୍ତ୍ତୃପକ୍ଷ ଯୋଜନା କରୁଥିବା ଜଣାପଡ଼ିଛି ।

## ଠିକାଦାରଙ୍କ ମନମାନି ବିଦ୍ୟାଳୟ ମଧ୍ୟରେ ପଶିଲା ୬ ଫୁଟ ପାଣି ଶିକ୍ଷାଦାନ ବାଧାପ୍ରାପ୍ତ




ଆସିକା (ମହାଭାରତ): ଆସିକା ପୁରୁଣା ବସଷ୍ଟାଣ୍ଡ ସ୍ଥିତ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ଅଙ୍ଗନବାଡି ଗୃହ ନିର୍ମାଣରେ ଠିକାଦାର ଙ୍କ ମନମାନି ଯୋଗୁଁ ବିଦ୍ୟାଳୟ ମଧ୍ୟରେ ୬ ଫୁଟ ପାଣି ଜମି ରହିବା ଯୋଗୁଁ ଶିକ୍ଷଦାନ ବାଧାପ୍ରାପ୍ତ ହୋଇଛି। ପ୍ରକାଶ ଥାଉକି ଆସିକା ବସଷ୍ଟାଣ୍ଡ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୯୨ ମସିହାରେ ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟ ରେ ମୋଟ ୩୫ଜଣ ଛାତ୍ର ଛାତ୍ରୀ ଓ ଦୁଇ ଜଣ ଶିକ୍ଷୟତ୍ରୀ ଙ୍କ ନେଇ ଚାଲୁଥିଲା ବେଳେ ଉକ୍ତ ବିଦ୍ୟାଳୟ ମଧ୍ୟରେ ପ୍ରଧାନଶିକ୍ଷୟତ୍ରୀଙ୍କ ଅଜାଣତରେ ବିନା ଅନୁମତିରେ ଠିକାଦାର ଜଣକ କଳିଙ୍ଗ ରୋଡ଼ ଅଙ୍ଗନବାଡି ଗୃହ ନାମରେ ଗୋଟିଏ ଅଙ୍ଗନବାଡି ଗୃହ ନିର୍ମାଣ ସକାଶେ ବିଦ୍ୟାଳୟର ୪୦ଫୁଟ ଲମ୍ବା ପାଚେରୀ ଭଙ୍ଗା ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ନିୟମ ପ୍ରକାରେ ଗୋଟିଏ ବିଦ୍ୟାଳୟ ମଧ୍ୟରେ ଯଦି କିଛି ଉନ୍ନତି ମୂଳକ କାର୍ଯ୍ୟ କରାଯାଏ ତେବେ ଉକ୍ତ ବିଦ୍ୟାଳୟ ର ପରିଚାଳନା କମିଟି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉକ୍ତ ୱାର୍ଡ ର କାଉନସିଲର ଙ୍କ ମିଳିତ ବୈଠକ କରାଯାଏ ଏହି ବୈଠକରେ ରେଜୁଲେସନ ପରୀତ କରାଯାଇ ଏହାପରେ କାର୍ଯ୍ୟ ଆରମ୍ଭ କରିବା କଥା କିନ୍ତୁ ସେ ସବୁ କିଛି କରାନଯାଇ ମନମୁଖୀ ଭାବେ ଠିକାଦାର ଜଣକ ଉକ୍ତ ଅଙ୍ଗନବାଡି ଗୃହ କାର୍ଯ୍ୟ ନିର୍ମାଣ ନିମନ୍ତେ ପାଚେରୀ ଭାଙ୍ଗିଥିବା ପ୍ରକାଶ କରିଛନ୍ତି। ଯାହାଦ୍ୱାରା ୨୭ ଅକ୍ଟୋବର ଠାରୁ ସମ୍ଭାବ୍ୟ ବାତ୍ୟା ମୋଁଥା ପ୍ରଭାବରେ ଲାଗିଥିବା ଲଗାଣ ବର୍ଷା ରେ ବିଦ୍ୟାଳୟ ମଧ୍ୟରେ ୬ଫୁଟ ପାଣି ପଶି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟାହ୍ନ ଭୋଜନ ସକାଶେ ରଖାଯାଇଥିବା ଚାଉଳ, ଡାଲି,ରାସନ ସାମଗ୍ରୀ ସହିତ ଛାତ୍ର ଛାତ୍ରୀ ମାନଙ୍କ ଲାଗି ରଖାଯାଇଥିବା ବହିପତ୍ର, ଟେବୁଲ ଚେୟାର ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ପ୍ରକାଶ ଥାଉକି ରାଜ୍ୟ ସରକାର ବର୍ତ୍ତମାନ ଶିକ୍ଷା ସହିତ ଖେଳକୁଦ କୁ ଅଗ୍ରାଧିକାର ଦେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ଉକ୍ତ ବିଦ୍ୟାଳୟଟିରେ ଥିବା ଖେଳପଡ଼ିଆ ଟିକୁ ନଷ୍ଟ କରି କିଭଳି ଭବେ କୋମଳମତି ଶିଶୁମାନଙ୍କ ଭବିଷ୍ୟତ ସହ ଖେଳି ଉକ୍ତ ବିଦ୍ୟାଳୟ ହତା ମଧ୍ୟରେ ଗୋଟିଏ ଅଙ୍ଗନବାଡି ଗୃହ କେଉଁ ଅଧିକାରୀ ଙ୍କ ନିର୍ଦ୍ଦେଶରେ ନିର୍ମାଣ କରାଯାଇଛି। ତାହା ଅବିଭାବକ ଓ କ୍ରୀଡ଼ାବିତ ମାନଙ୍କ ମଧ୍ୟରେ ଆଲୋଚନାରେ ବିଷୟ ପାଲଟିଛି। ତୁରନ୍ତ ଉକ୍ତ ଠିକାଦାର ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହିତ ଭଙ୍ଗା ଯାଇଥିବା ପାଚେରୀ କୁ ନିର୍ମାଣ କରିବା ପାଇଁ ଅବିଭାବକ ମାନେ ଦାବୀ କରିଛନ୍ତି।

## ଅସହାୟ ପରିବାର କୁ ସହାୟତା କଲେ ଯୁବଗୋଷ୍ଠୀ






କାକଟପୁର(ମହାଭାରତ): ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଣ୍ଡୁକି ଗ୍ରାମର କେତେକ ଯୁବ ସମାଜସେବୀ କାକଟପୁର ଅଞ୍ଚଳ ରେ ଜଣେ ଅସହାୟ ପରିବାର କୁ ସହଯୋଗ ର ହାତ ବଢ଼ାଇଛନ୍ତି, କାକଟପୁର ପଞ୍ଚାୟତ ଶ୍ରୀ ରାମପୁର ଗ୍ରାମ ର ଗୋଟିଏ ପରିବାର ର ବାପା, ମା ଓ ଦୁଇ ପିଲା ଙ୍କୁ ନେଇ ପରିବାର ବେଶ ହସଖୁସିରେ ଦିନ କାଟୁଥିଲେ, ଘରର ମୁଖିଆ ରଞ୍ଜନ ଖଟୋଇ ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ ମାତ୍ର ହଟାତ ତାଙ୍କ ର ମୃତ୍ୟୁ ହୋଇଥିଲା ।ଯାହାକି ଫଳରେ ଉକ୍ତ ପରିବାର ର ସମ୍ପୂର୍ଣ୍ଣ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି, ଏହି ସମୟ ରେ ଦେବଦୁତ ଭଳି ମାଣ୍ଡୁକି ଗ୍ରାମ ର ୱାର୍ଡ ସଭ୍ୟ ଜୟନ୍ତ କୁମାର ସ୍ୱାଇଁ, ସମାଜସେବୀ ହରିହର ରଥ ଓ କାର୍ତ୍ତିକ କୁମାର ପରିଡା ଘରେ ପହଞ୍ଚି ଉକ୍ତ ପରିବାର କୁ ଆର୍ଥିକ ସହାୟତା ଦେବା ସହ କିଛି ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି, ଯୁବକ ମାନଙ୍କ ଏହି କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ମହଲ ରେ ପ୍ରଶଂସା କରାଯାଇଛି ।

## ଏମଭି ୭୯ରେ ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି(ମହାଭାରତ): ଏମଭି ୭୯ ଡକ୍ଟର ଶ୍ୟାମାପ୍ରସାଦ ଯୁକ୍ତ ଦୁଇ କନିଷ୍ଠ ମହାବିଦ୍ୟାଳୟ ପରିସରରେ ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମଭି ୭୯ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ପରିଚାଳନାରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମରେ ସାଇବର୍ ଅପରାଧୀଙ୍କ ବିଭିନ୍ନ କୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା। ସୋସିଆଲ୍ ମିଡିଆ ଅପବ୍ୟବହାର, ଅନଲାଇନ୍ ଠକେଇ, କେୱାଇସି ଅପଡେଟ୍, ଡିଜିଟାଲ୍ ଆରେଷ୍ଟ, ଅନଲାଇନ୍ ରୋଜଗାର ପ୍ରତିଶ୍ରୁତି ଆଦି ମାଧ୍ୟମରେ ଜନସାଧାରଣଙ୍କୁ ଲୁଟ୍ ହେଉଥିବା ବିଷୟରେ ସଚେତନ କରାଯାଇଥିଲା। ସରକାରଙ୍କ ପଦକ୍ଷେପ ଯଥା ସାଇବର୍ ପୋଲିସ୍ ଶକ୍ତିଶାଳୀକରଣ ଓ ସୁରକ୍ଷିତ ଡିଜିଟାଲ୍ ପରିବେଶ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ଭିକାରୀ କରିଦେଲେ ସାଇବର୍ ଠକ୍' ଶୀର୍ଷକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ହୋଇଥିଲା। ସାଇବର୍ ସୁରକ୍ଷା ଅଭିଯାନ, ଓଡ଼ିଶା ୨୦୨୫ ପକ୍ଷରୁ ପ୍ରାମାଣିକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଡିଜିଟାଲ୍ ସୁରକ୍ଷା ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।




# ଗ୍ରାମାଞ୍ଚଳରେ ସମସ୍ୟା ଉତ୍କଟ : ପ୍ରହସନ ପାଲଟିଛି ଡିଜିଟାଲ ଇଣ୍ଡିଆ

## ଜିଲ୍ଲାର ଶତାଧିକ ଗ୍ରାମରେ ନାହିଁ ନେଟ୍‌ୱାର୍କ





ନୟାଗଡ଼, ( ମହାଭାରତ ) : ରାଜ୍ୟ ରାଜଧାନୀ ଠାରୁ ମାତ୍ର ୧୦୦ କିମି ଦୂରରେ ଅବସ୍ଥିତ ନୟାଗଡ଼ ଜିଲ୍ଲାର ଜିଲ୍ଲାର ଗ୍ରାମାଞ୍ଚଳରେ ଡିଜିଟାଲ ଇଣ୍ଡିଆ ଲୋକଙ୍କ ପାଇଁ ଧୂଆଁବାଣ ପାଲଟିଛି। ଜିଲ୍ଲାର ଅଧିକାଂଶ ସ୍ଥାନରେ ନେଟ୍‌ୱାର୍କ ସମସ୍ୟା ରହିଥିବା ବେଳେ ଗଣିଆ, ଓଡ଼ଗାଁ, ରଣପୁର ଓ ଦଶପଲ୍ଲା ବ୍ଲକର ଶତାଧିକ ଗ୍ରାମ ପାଇଁ ମୋବାଇଲ ସେବା ଭେଳିକି ସଦୃଶ୍ୟ ହୋଇଛି। ରଣପୁର ବ୍ଲକର ବନ୍ଧମୁଣ୍ଡା ପଞ୍ଚାୟତ, ନରେନ୍ଦ୍ରପୁର ପଞ୍ଚାୟତ ବଧୂପାଟଣା ମୌଜାର ନୂଆଗାଁ, ରାଜସୁନାଖଳା ପଞ୍ଚାୟତ କୋଟଗଡ଼, ପୋକଶୁଙ୍ଗା ମୌଜା, ଶୁରୁକାବାଡ଼ି ପଞ୍ଚାୟତର ହାତୀବାରି, କାଳିଆଷଣ୍ଢ ଅଞ୍ଚଳରେ ନେଟ୍‌ୱାର୍କ ନଥିବା ଜଣାଯାଇଛି। ସେହିଭଳି ଭାବେ ଚନ୍ଦ୍ରପୁର ଜଙ୍ଗଲିଆ ଅଞ୍ଚଳରେ ସମାନ ସମସ୍ୟା ଦେଖିବାକୁ ମିଳିଛି। ଦଶପଲ୍ଲା ବ୍ଲକର କଳସାଖମଣ, ନୂଆଗାଁ ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ଗ୍ରାମ ଆଦୌ ନେଟ୍‌ୱାର୍କ ସୁବିଧା ନଥିବା ଜଣାଯାଇଛି। ସେହିଭଳି ଭାବେ ଚଢେୟାପଲ୍ଲୀ, ଦୁଡ଼ା, କୁଜାମେଣ୍ଡି, ତୁମାଣ୍ଡି, ପୋଖରୀଗୋଛା ପଞ୍ଚାୟତ କିଛି କିଛି ଗ୍ରାମ ନୋ ନେଟ୍‌ୱାର୍କ ଜୋନ ରହିଛି। ବିଏସ୍‌ଏନ୍‌ଏଲ୍ ଟାୱାର ଅଧା ସମୟ କାମ କରୁନାହିଁ। ଗଣିଆ ବ୍ଲକର ବଡ଼ସିଲିଙ୍ଗା ପଞ୍ଚାୟତର ୨୦ରୁ ଉର୍ଦ୍ଧ ଗ୍ରାମରେ ଆଦୌ ନେଟ୍‌ୱାର୍କ ନଥିବା ଜଣାଯାଇଛି। ଏହି ଗ୍ରାମ ଗୁଡ଼ିକ ମଧ୍ୟରୁ ୧୦ରୁ ଉର୍ଦ୍ଧ ଗ୍ରାମରେ କେକେବିଏନ୍ ମାଓ ସଂଗଠନ ବିଭିନ୍ନ ସମୟରେ ଆଶ୍ରୟ ନେବା ତଥା ସଂଗଠନ କରିବାର ସୂଚନା ମଧ୍ୟ ରହିଛି। ସେହିଭଳି ଭାବେ ଛାମୁଣ୍ଡିଆ ପଞ୍ଚାୟତର ୧୦ରୁ ଉର୍ଦ୍ଧ୍ୱ ଗ୍ରାମ ନୋ ନେଟ୍‌ୱାର୍କ ଜୋନରେ ରହିଛି। ବାଇଶୀପଲ୍ଲୀ ଅଭୟାରଣ୍ୟକୁ ଲାଗି ରହିଥିବା ଏହି ଦୁଇ ପଞ୍ଚାୟତ ବାସୀ ଅନ୍‌ଲାଇନ ଶିକ୍ଷା ଏବଂ ବ୍ୟାଙ୍କିଙ୍ଗ ରେ ନେଣଦେଣ ନେଇ ଯାବତୀୟ ସମସ୍ୟା ଭୋଗ କରୁଛନ୍ତି। ଓଡ଼ଗାଁ ବ୍ଲକର ବାଣ୍ଟପୁର, କଜଲାଇପଲ୍ଲୀ ପଞ୍ଚାୟତର କିଛି ଗ୍ରାମ ଏବଂ ନୂଆଗାଁ ବ୍ଲକର କେତେକ ପଞ୍ଚାୟତରେ ନେଟ୍‌ୱାର୍କ ଆସୁନଥିବା ଦେଖାଯାଇଛି। ଜିଲ୍ଲାରେ ଶତାଧିକ ଗ୍ରାମ ଏବେ ବି ଅନ୍‌ଲାଇନ ସେବା ପାଇବାରୁ ବଞ୍ଚିତ ହେଉଥିବା ଜଣାଯାଇଛି। ଆଦିବାସୀ ବହୁଳ ଅଞ୍ଚଳରେ ରୋଗ ଘରପୋଡ଼ି ତଥା ଜରୁରୀକାଳୀନ ସହାୟତା ପାଇଁ ଫୋନଟିଏ କରିବାକୁ ଲୋକ ମାନେ କେଉଁଠି ପାହାଡ଼ ଉପରେ ଚଢୁଛନ୍ତି ତ ପୁଣି କେତେବେଳେ ଦୁଇ ରୁ ଚାରି କିଲୋମିଟର ବାଟ ଦୌଡୁଛନ୍ତି। ଏହି ନୋ ନେଟ୍‌ୱାର୍କ ଜୋନ ଗୁଡ଼ିକରେ ସବୁଠାରୁ ସାଂଘାତିକ ସମସ୍ୟା ଭୋଗୁଛନ୍ତି ଅଙ୍ଗନବାଡ଼ି କର୍ମୀ ଏବଂ ସରକାରୀ ଅଧିକାରୀୟ ସବୁକାମ ଅନଲାଇନ ମାଧ୍ୟମରେ କରାଯାଉଥିବା ବେଳେ ସେମାନଙ୍କ ପାଇଁ ଉତ୍କଟ ପରିସ୍ଥିତି ସୃଷ୍ଟି ହେଉଛି। ନୋ ନେଟ୍‌ୱାର୍କ ଜୋନରେ ବାସ କରୁଥିବା ଲୋକେ ଡିଜିଟାଲ ଯୁଗ ସହ ତାଳ ଦେଇ ପାରୁନଥିବା ଅନୁଭବ ହେଉଛି। ମନରେଗାରେ ଆସୁଥିବା ମଜୁରୀ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସହାୟତା ରାଶିଠାରୁ ଆରମ୍ଭକରି ବ୍ୟାଙ୍କ ଦେଣ ନେଣ ପାଇଁ ବହୁତ ହଇରାଣ ହେଉଥିବା ଦେଖାଯାଇଛି। ଦଶପଲ୍ଲା ବ୍ଲକର କେତେକ ଆଦିବାସୀ ଅ□ଳରେ ଏହି ସମସ୍ୟା ସବୁଠାରୁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ଗାଁରୁ ଅନ୍ୟ ଏକ ଗାଁକୁ ଯିବାକୁ ଏକାଧିକ ପାହାଡ଼ ଚଢ଼ିବାକୁ ପଡୁଥିବା ବେଳେ ସେମାନେ ଆବଶ୍ୟକୀୟ କାମ ପାଇଁ ହଇରାଣ ହେଉଛନ୍ତି। ଜିଲ୍ଲାର ନେଟ୍‌ୱାର୍କ ଜୋନରେ ରହୁଥିବା ଗାଁ ଗୁଡ଼ିକରେ ଅନଲାଇନ ଶିକ୍ଷା ମଧ୍ୟ ପ୍ରହସନ ପାଲଟିଛି। ଜିଲ୍ଲାରୁ ଏହି ସମସ୍ୟା କେବେ ଦୂରିଭୂତ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଗୁଡ଼ିକୁ ମଧ୍ୟ ବିଏସ୍‌ଏସ୍‌ଏଲ୍ ସୁବିଧା ମିଳିପାରୁନାହିଁ।

## କଇଁଛଙ୍କ ସୁରକ୍ଷା ପାଇଁ ନବମିତ୍ର ଆପ୍ କରିବ ଟ୍ରଲର ଟ୍ରାକିଂ

ଅସ୍ତରଙ୍ଗ (ମହାଭାରତ) : ଅଲିଭରିଡଲେ କଇଁଛ ଙ୍କ ପ୍ରଜନନ ଋତୁ ପାଇଁ ନଭେମ୍ବର ପହିଲା ରୁ ମେ ମାସ ପର୍ଯ୍ୟନ୍ତ ଯନ୍ତ୍ର ଚାଳିତ ଡ଼ଙ୍ଗା ଓ ଟ୍ରଲର କୁ ୨୦କିଲୋମିଟର ନିଷିଦ୍ଧାଞ୍ଚଳ ରେ ମାଛ ମାରିବାକୁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିବା ପରେ ଏବେ ଗୋଟେ ପଟେ ଅସ୍ତରଙ୍ଗ ମତ୍ସ୍ୟ ସମ୍ପଦ ବିଭାଗ ଓ ବନ ବିଭାଗ ଆନୁକୂଲ୍ୟରେ ରେ ନବମିତ୍ର ଆପ୍ ମାଧ୍ୟମ ରେ ନିଷିଦ୍ଧାଞ୍ଚଳ ଟ୍ରଲର ମାନଙ୍କ ଉପରେ କଡା ନଜର ରଖାଯାଇଛି। ପ୍ରତ୍ୟେକ ଟ୍ରଲର ରେ ଟ୍ରାକର ଲଗାଯାଇଛି। ପ୍ରତ୍ୟେକ ଟ୍ରଲର ଙ୍କ ଗତିବିଧି ଉପରେ କଡା ନଜର ରଖାଯାଇଛି ।ଏହି ସମୟ ରେ ଭାରତ ମହାସାଗର ରୁ ବିରଳ ଅଲିଭ ରିଡଲେ କଇଁଛ ଅସ୍ତରଙ୍ଗ ଦେବୀ, କେଳୁଣୀ, ଗହୀର ମଥା, ଋଷିକୂଲ୍ୟା ପ୍ରଭୃତି ଉପକୂଳ ଅଞ୍ଚଳ କୁ ପ୍ରଜନନ ପାଇଁ ଆସି ଏଠି ଗଣ ଅଣ୍ଡାଦାନ କରନ୍ତି, ଏହି ସମୟ ରେ ଯନ୍ତ୍ର ଚାଳିତ ଡ଼ଙ୍ଗା ଓ ଟ୍ରଲର ମାନେ ଭୃକ୍ଷେପ ନକରି ବେ ଆଇନଭାବେ ଗଭୀରତା ଭିତରେ ମାଛ ମାରନ୍ତି ଯାହାର ସିଧା ସଳଖ ପ୍ରଭାବ ଏହି କଇଁଛ ଙ୍କ ଉପରେ ପଡେ, ଲକ୍ଷାଧିକ ପରିମାଣ ର କଇଁଛ ଆସି ଅଣ୍ଡା ଦେବା ପରେ ବିଭାଗ ତରଫରୁ ସେମାନଙ୍କୁ ସମୁଦ୍ର ରେ ସୁରକ୍ଷିତ ଭାବେ ଛାଡି ଦିଆଯାଏ, ସେମାନଙ୍କ ପାଇଁ ବନ ବିଭାଗ ତରଫରୁ ହାଚେରୀ ପ୍ରସ୍ତୁତ କରାଯାଇ ସୁରକ୍ଷା ମଧ୍ୟ କରାଯାଏ। ଏହି ସମୟ ରେ ଅମାନିଆ ଟ୍ରଲର ଙ୍କୁ ସହଜ ରେ ଧରିବାକୁ ବନ ବିଭାଗ ଓ ମତ୍ସ୍ୟ ସମ୍ପଦ ବିଭାଗ ର ଆନୁକୂଲ୍ୟରେ ରେ ଏକ ଆପ୍ ଯାହାର ନାମ ନବମିତ୍ର, ଏହି ଆପ୍ ମାଧ୍ୟମ ରେ ଟ୍ରାକ କରାଯାଉଛି, ପ୍ରତି ଘଣ୍ଟା କୁ ଥରେ ଉଭୟ ବିଭାଗ ଏହି ଆପ୍ ମାଧ୍ୟମ ରେ ସମ୍ପୂର୍ଣ୍ଣ ଅପଡେଟ ରହିବା ସହ ସାମୁଦ୍ରିକ ପଥ ରେ କଡା ନଜର ରଖିଛନ୍ତି, ଏହା ସହ ବନ ବିଭାଗ ତରଫରୁ ଏହି ଅତିଥି କଇଁଛ ଙ୍କ ସୁରକ୍ଷିତ ଅଣ୍ଡା ଦାନ ପାଇଁ ଥିବା ହାଚେରୀ କୁ ମରାମତି କରିବା ସହ ଅହୋରାତ୍ର ବନ କର୍ମଚାରୀ ଙ୍କୁ ପେଟ୍ରୋଲିଙ୍ଗ ରେ ନିୟୋଜିତ କରାଯାଇଛି। ଏହି ବାବଦରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର କୁହନ୍ତି ଚଳିତ ବର୍ଷ କଇଁଛ ଙ୍କ ସୁରକ୍ଷା ପାଇଁ ବନ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତି ରହିଛି, କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି ଟ୍ରଲର ମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।

## ଆଉ ଦିନକ ପରେ କଳିଙ୍ଗ ବାଲିଯାତ୍ରା : ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ



ପାରାଦୀପ(ମହାଭାରତ): ନଭେମ୍ବର ୪ ତାରିଖ ମଙ୍ଗଳବାର ଦିନ ସନ୍ଧ୍ୟାରେ କଳିଙ୍ଗ ବାଲିଯାତ୍ରା ଶୁଭାରମ୍ଭକୁ ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ତଥା କଳିଙ୍ଗ ବାଲିଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଉଦଘାଟନୀ ସମାରୋହରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବାଲିଯାତ୍ରା ମହୋତ୍ସବର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷ ପ୍ରାୟ ଦୁଇଶହ ରୁ ଉର୍ଦ୍ଧ ଷ୍ଟଲ ନିର୍ମାଣ କରାଯାଇଥିବା ବେଳେ ପାରାଦୀପ ର ବିଭିନ୍ନ ଶିକ୍ଷାନୁଷ୍ଠାନ ସେମାନଙ୍କର ପ୍ରଦର୍ଶନୀ ଷ୍ଟଲ ମାନ ସ୍ଥାପନ କରିଛନ୍ତି । ଏବଂ ବିଭିନ୍ନ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର ନାମୀ ଦାମୀ କଣ୍ଠଶିଳ୍ପୀ ଓ କଳାକାର ମାନେ ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଏଥର କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ନେଇ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟି ଉପାଧ୍ୟକ୍ଷ ନିରଞ୍ଜନ ବେହେରା ଙ୍କ ଠାରୁ ସୂଚନା ମିଳିଛି । ସେହିପରି, ବାଲିଯାତ୍ରା ମହୋତ୍ସବ ଉଦଘାଟନୀ ପରେ ମୁଖ୍ୟମନ୍ତ୍ରୀ ପାରାଦୀପରେ ରାତ୍ରିଯାପନ କରି ଏହା ପରଦିନ ନଭେମ୍ବର ୫ ତାରିଖ ସକାଳେ ପାରାଦୀପ ବନ୍ଦର ୱେଟବେସିନ ଠାରେ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ମୁଖ୍ୟମନ୍ତ୍ରୀଙ୍କ ଆଗମନ ପାଇଁ ପାରାଦୀପ ବନ୍ଦର ପକ୍ଷରୁ ରାସ୍ତା ମରାମତି, ବିଭିନ୍ନ ଛକ ପାର୍ଶ୍ୱ ପାଚେରୀ ଓ ଫୁଟପାଥ ର ରଙ୍ଗମରା କାର୍ଯ୍ୟ ଓ ଡିଭାଇଡରରେ ଜାଲି ଲଗା ଏବଂ ଆକର୍ଷଣୀୟ ବୃକ୍ଷରୋପଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି । ଏବଂ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋରସୋର ରେ ବନ୍ଦର ପ୍ରଶାସନ ପକ୍ଷରୁ ଚାଲିଥିବା ଦେଖିବାକୁ ମିଳିଛି ।ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ପାଇଁ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ନିର୍ଦ୍ଦେଶ କ୍ରମେ ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଓ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଙ୍କ ନେତୃତ୍ୱରେ ସୋଲମାନ ରାଜୁ, ପ୍ରମୁଖ ପୌରାଞ୍ଚଳ ର ସମସ୍ତ ୱାର୍ଡ ରେ ବୈଠକ କରି କର୍ମୀ ଓ ଜନସାଧାରଣଙ୍କୁ ଏକଜୁଟ କରୁଥିବା ଦେଖିବାକୁ ମିଳିଛି । ତେବେ ଚଳିତ ବାଲିଯାତ୍ରା ଓ ବୋଇତବନ୍ଦାଣ ପାଇଁ ପାରାଦୀପ ଏବେ ବେଶ ଚଳଚଞ୍ଚଳ ହୋଇପଡିଛି ।

## ଧୂମଧାମରେ ବିଶ୍ୱ ସଣ୍ଡେ ସ୍କୁଲ ଦିବସ ପାଳନ



ଲକ୍ଷ୍ମୀପୂର ,(ମହାଭାରତ): ସାରା ବିଶ୍ୱ ସହିତ ସମାନ ତାଳରେ, କୋରାପୁଟ ଜିଲ୍ଲାର କାକିରିଗୁମା ଥାନା ଅନ୍ତର୍ଗତ କେଲ୍ଲାର ଗ୍ରାମ ରେ ଏହିବର୍ଷ ବିଶ୍ୱ ସଣ୍ଡେ ସ୍କୁଲ ଦିବସକୁ ଅପାର ଉତ୍ସାହ, ଧାର୍ମିକ ଭକ୍ତି ଓ ଆନନ୍ଦ ମହୋତ୍ସବ ଭାବରେ ପାଳନ କରାଗଲା ।ସ୍ଥାନୀୟ ସଣ୍ଡେ ସ୍କୁଲ ଶିକ୍ଷକ ଶ୍ରୀ ସୁକୁମାର ଖୋସ୍ଲା ଓ ତାଙ୍କ ଧର୍ମପତ୍ନୀଙ୍କ ନେତୃତ୍ୱରେ ଏହି ଦିବସଟି ସାମୁଦାୟିକ ସମ୍ମିଳନ, ଶିଶୁମାନଙ୍କ ଉତ୍ସାହ ଓ ଧାର୍ମିକ ପରିବେଶ ମଧ୍ୟରେ ବିଶେଷ ଭାବରେ ପାଳିତ ହୋଇଥିଲା ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ସ୍ଥାନୀୟ ପେରିସ ପାଳକ ରେଭ. ପାଷ୍ଟର ଅଜୟ କୁମାର ଦୁଃଖୀ, ପ୍ରାଚୀନ ଅଜିତ ଖୋସ୍ଲା, ପ୍ରବୀଣ ଖୋସ୍ଲା, ଦାମଦର ଖୋସ୍ଲା, ଛବି ରାଣୀ ଖୋସ୍ଲା, ଗ୍ରାମ ମଣ୍ଡଳୀ ସଭାପତି ପ୍ରଫୁଲ୍ଲ ଖୋସ୍ଲା ଓ ସମ୍ପାଦକ ହାରଣ ଖୋସ୍ଲା ।ପେରିସ କମିଟି ଓ ଗ୍ରାମ ମଣ୍ଡଳୀର ସଦସ୍ୟମାନେ ମଧ୍ୟ ଉପସ୍ଥିତ ହୋଇ ପ୍ରାର୍ଥନା ଓ କେଣ୍ଡେଲ ଜଳାଇ ଉତ୍ସବର ଶୁଭାରମ୍ଭ କରିଥିଲେ। ପରେ ଜଇଲୁ ମଣ୍ଡଳୀ ଦ୍ୱାରା ରାଲି ଆୟୋଜିତ ହୋଇ ଗ୍ରାମ ପରିକ୍ରମା କରାଯାଇଥିଲା। ଅପରାହ୍ନ ସମୟରେ ଶିଶୁମାନଙ୍କ ନାଚ-ଗୀତ, ଧାର୍ମିକ ଡ୍ରାମା, ବାକ୍ୟ ପ୍ରତିଯୋଗିତା ଓ କୁଇଜ୍ ଅନୁଷ୍ଠାନ ହୋଇଥିଲା। ସଣ୍ଡେ ସ୍କୁଲ ପିଲାମାନଙ୍କ ଅପୂର୍ବ ପ୍ରସ୍ତୁତି ଓ ଉତ୍ସାହରେ ସମଗ୍ର ଗ୍ରାମ ଆନନ୍ଦ ରେ ମହିମାନ୍ୱିତ ହୋଇଯାଇଥିଲା। ଅବଶେଷରେ ମୁଖ୍ୟ ଅତିଥି ପାଷ୍ଟର ଅଜୟ କୁମାର ଦୁଖୀ ଶେଷ ପ୍ରାର୍ଥନା କରି ଶିଶୁମାନଙ୍କୁ ଆଶୀର୍ବାଦ ଦେଇ କାର୍ଯ୍ୟକ୍ରମର ସମାପନ କଲେ ।ଏହି ଉତ୍ସବରେ ଗ୍ରାମବାସୀ, ସଣ୍ଡେ ସ୍କୁଲ ଶିକ୍ଷକମାନେ ଓ ଶିଶୁମାନେ ଅପାର ଉତ୍ସାହ ସହିତ ଯୋଗଦେଇ, କେଲ୍ଲାର ଗ୍ରାମକୁ ଏକ ଧାର୍ମିକ ଓ ସାମାଜିକ ଆନନ୍ଦ ର ନିଦର୍ଶନ କରିଛନ୍ତି।

# ସି.ସି କ୍ୟାମେରା ଲଗାଇବେ କହି ଭୁଲିଗଲେ : ଗଳାବାଟ ଦେଇ ଖସୁଛନ୍ତି ଅପରାଧୀ




ଓଡ଼ଗାଁ, ( ମହାଭାରତ ) : ଓଡ଼ଗାଁରେ ଅପରାଧୀ ମାନେ ଅପରାଧ ଘଟାଇ ଗଳାବାଟ ଦେଇ ଖସୁଛନ୍ତି। ସେତିକି ନୁହଁ ନିଶା କାରବାର, ଦ୍ରୁତଗତିରେ ଗାଡ଼ି ଚାଳନା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏସବୁ ଅପରାଧ ରୋକିବାକୁ ଓଡ଼ଗାଁ ସହରରେ ସି.ସି କ୍ୟାମେରା ଜରୁରୀ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହା ସହିତ ଗଞ୍ଜାମ ଜିଲ୍ଲା ଓଡ଼ଗାଁକୁ ଛୁଇଁଥିବାରୁ ଅପରାଧୀ ମାନେ ଓଡ଼ଗାଁକୁ ଆସି ବିଭିନ୍ନ ଅଘଟଣ ଘଟାଇ ସହଜରେ ଖସି ଯାଉଛନ୍ତି। ଅପରାଧ ରୋକିବା ପାଇଁ ସି.ସି ଟିଭି ଲାଗିବା ଉପରେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ସହ ଏକ ବୈଠକ ହୋଇଥିଲା କିନ୍ତୁ ସେହି ପ୍ରସ୍ତାବ ଶୀତଳଭଣ୍ଡାରରେ ଥିବା କୁହାଯାଉଛି। ପ୍ରକାଶ ଥାଉକି, ଓଡ଼ଗାଁ ଥାନା ଅଞ୍ଚଳରେ ଚୋରି, ଡକାୟତି, ନିଶା କାରବାର, ଦ୍ରୁତଗତିରେ ଗାଡ଼ି ଚାଳନା କରି ଅପରାଧୀ ମାନେ ଅତି ଚତୁରତାର ସହ ଗଳାବାଟ ଦେଇ ଖସି ଯାଉଛନ୍ତି। ଏମାନଙ୍କୁ କାବୁ କରିବାକୁ ପୁଲିସ ନାକେଦମ ହୋଇଛି। ଦିନକୁ ଦିନ ଓଡ଼ଗାଁ ସହର ବୃଦ୍ଧି ପାଉଥିବାରୁ ଅପରାଧୀ ମାନେ କିଭଳି ଅପରାଧ ଘଟାଇ ଖସିବେ ସେହି ଯୋଜନା କରୁଛନ୍ତି। ଅତୀତରେ ଅନେକ ଅପରାଧୀଙ୍କୁ ପୁଲିସ କାବୁ କରି ନିଜ ହେପାଜତକୁ ଆଣିଛି। ଓଡ଼ଗାଁ ଥାନା ଅଞ୍ଚଳରେ ଅନେକ ଗଳିକନ୍ଦି ଥିବା ବେଳେ ଗଳିରୁ ଆଉ ଗୋଟିଏ ଗଳିକୁ ଯାଇ ମୁଖ୍ୟ ରାସ୍ତାରେ ବାହାରିବାର ସୁବିଧା ରହିଛି। ଏମିତିକି ପୁଲିସ ଚେକିଂ କରିବାର ସୁରାକ୍ ମିଳିଲେ ଅପରାଧୀ ମାନେ ସିନେମା ହଲ୍ ଛକଠାରୁ ବାହାଡ଼ାଝୋଲା ରାସ୍ତା ମହିପୁର ଦେଇ ନୟାଗଡ଼ କିମ୍ବା ଫୁଲବାଣୀକୁ ଖସିଯିବାର ସୁବିଧା ରହିଛି। ସେହିପରି ଆଉ ଗୋଟିଏ ରାସ୍ତା ରଘୁନାଥ ମନ୍ଦିରରୁ ଦରପଦା ଛକଠାରେ ବାହାରି ନୟାଗଡ଼ ଯିବାକୁ ବାଟ ରହିଛି ଓଡ଼ଗାଁରେ ଦିନକୁ ଦିନ ବିଭିନ୍ନ ଛକବଜାରରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଅପରାଧୀ ମାନେ ଓଡ଼ଗାଁକୁ ନିଜର ନିରାପଦ ସ୍ଥାନ ଭାବେ ବାଛି ନେଇ ବିଭିନ୍ନ ସମୟରେ ଅଘଟଣ ଘଟାଇ ଆସୁଛନ୍ତି। ଏମାନଙ୍କୁ ସାବାଡ଼୍ କରିବାକୁ ପୁଲିସ ପଇଁତରା ଦେଉଥିବା ବେଳେ ଅପରାଧୀ ଅଧିକ ଚାଲାକି କରି ଖସି ଯାଉଛନ୍ତି। ମୁଖ୍ୟତଃ ଓଡ଼ଗାଁ ଥାନା ଠାରୁ ୫ ଶହ ମିଟର ମଧ୍ୟରେ ଇଞ୍ଜିନିୟରିଂ କଲେଜ, ରଘୁନାଥ ସମବାୟ ମହାବିଦ୍ୟାଳୟ, ଘରୋଇ ମହାବିଦ୍ୟାଳୟ, କୋଚିଂ ସେ□ରକୁ ହଜାର ହଜାର ଛାତ୍ରଛାତ୍ରୀ ରାତି ପାହିଲେ ପାଠପଢ଼ିବାକୁ ଆସିଥାନ୍ତି। ସମସ୍ତଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପୁଲିସ ବାହିନୀ ଅହରହ କାର୍ଯ୍ୟ କରୁଥିଲେ ମଧ୍ୟ ଅପରାଧୀଙ୍କ ଟେର୍ ପାଇପାରୁନାହିଁ। ଅପରାଧ ମୂଳକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ କେନାଲ ଛକ ଠାରୁ ରଙ୍ଗଣିପାଟଣା ପର୍ଯ୍ୟନ୍ତ ସି.ସି କ୍ୟାମେରା ଲାଗିବା ଜରୁରୀ ହୋଇପଡ଼ିଛି। ଜିଲ୍ଲା ଓ ଜିଲ୍ଲା ବାହାରୁ ଅପରାଧୀ ମାନେ ଭଡ଼ାସୂତ୍ରରେ କିମ୍ବା ବ୍ୟବସାୟ ଉଦ୍ଦେଶ୍ୟରେ ଆସି ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏସବୁକୁ ରୋକିବା ଯେତିକି ଜରୁରୀ ଲୋକଙ୍କୁ ସୁରକ୍ଷା ଦେବା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ଓଡ଼ଗାଁ ସହରରେ ସି.ସି କ୍ୟାମେରା ଲାଗିବା ପରେ ସହଜରେ ଅପରାଧ ଘଟାଉଥିବା ବ୍ୟକ୍ତି ମାନଙ୍କୁ ଠାବ କରି ହେବ ବୋଲି ମତପ୍ରକାଶ ପାଇଛି। କିଛିଦିନ ତଳେ ପୁଲିସ ଓ ଲୋକ ପ୍ରତିନିଧି ମାନଙ୍କ ମଧ୍ୟରେ ସି.ସି ଟିଭି ଲାଗିବା ନେଇ ଆଲୋଚନା ହୋଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତୁରନ୍ତ ସି.ସି ଟିଭି ଲାଗିବାର ବ୍ୟବସ୍ଥା କଲେ ଅପରାଧୀ ମାନଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ଘଟଣାରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଆମେ ଅବଗତ ଅଛୁ ଅନୁଦାନ ଆସିଲେ ଆମେ ସି.ସି କ୍ୟାମେରା ଲଗାଇବାର ବ୍ୟବସ୍ଥା କରିବୁ ବୋଲି କହିଛନ୍ତି।

## ଶ୍ରୀକାକୁଲମ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଏଣ୍ଟ୍ରି ଉପରେ ରୋକ୍, ଦଳାଚକଟା ପରେ ପୋଲିସର ଆକ୍ସନ



ଆନ୍ଧ୍ରପ୍ରଦେଶ : ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ କାଶୀବୁଗାରେ ଥିବା ଶ୍ରୀ ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟା ଘଟଣାରେ ୧୦ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଯାଇଛି । ଘଟଣା ପରେ ପୋଲିସ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ନେଇ ପ୍ରତିବନ୍ଧକ ଲଗାଇଛି । ଘଟଣାରେ ଅନେକ ଶ୍ରଦ୍ଧାଳୁଙ୍କ ହାଡ଼ ଭାଙ୍ଗିଥିବା ବେଳେ ଅନେକଙ୍କୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେବା କାରଣରୁ ହସପିଟାଲରେ ଭର୍ତ୍ତି ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ମନ୍ଦିରର ଏକମାତ୍ର ଦ୍ୱାର ବନ୍ଦ ଥିଲା, ଯେଉଁ ଶ୍ରଦ୍ଧାଳୁ ପ୍ରଥମେ ଦର୍ଶନ କରିବା ପାଇଁ ଭିତରକୁ ଯାଇଥିଲେ, ସେମାନେ ଗ୍ରୀଲ ଭାଙ୍ଗିବା କାରଣରୁ ସିଡ଼ି ତଳେ ଅପେକ୍ଷା କରିଥିବା ଲୋକଙ୍କ ଉପରେ ଖସିପଡିଥିଲେ । ଫଳରେ ବଡ଼ ଅଘଟଣ ଘଟିଥିଲା । ଶ୍ରୀକାକୁଲମ ଜିଲ୍ଲାର ପୋଲିସ ଅଧିକ୍ଷକ କେ ବି ମହେଶ୍ୱର ରେଡ୍ଡୀ କହିଛନ୍ତି, ଆମେ ଏଭଳି ସ୍ଥିତି ଦେଖି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବେଶରେ ପ୍ରତିବନ୍ଧକ ଲଗାଯାଇଛି । ସେ ଆହୁରି କହିଛନ୍ତି, ମନ୍ଦିରର ଆୟୋଜକ କାର୍ଯ୍ୟକ୍ରମ ପୂର୍ବରୁ ପୋଲିସ ସୁରକ୍ଷା ପାଇଁ ଆବେଦନ କରିନଥିଲେ । ମନ୍ଦିର କିମ୍ବା ଧାର୍ମିକ ସଂସ୍ଥାରେ ଭିଡ଼ ପ୍ରବନ୍ଧନ ପାଇଁ ପୋଲିସକୁ ପୂର୍ବରୁ ସୂଚନା ଦେବା ଉଚିତ ଥିଲା । କିନ୍ତୁ ମନ୍ଦିର ପ୍ରଶାସନ ସେମିତି କିଛି କରିନଥିଲା । ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ଏକ ସ୍ୱଚାଳିତ ମନ୍ଦିର । ତେଣୁ ଏଠାରେ ଏତେମାତ୍ରାରେ ଭିଡ଼ ପାଇଁ ପ୍ରଶାସନ କିଛି ଜାଣିନଥିଲା ।

କାର୍ତ୍ତିକ ମାସ ଏକାଦଶୀ ଥିବାରୁ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ପାଇଁ ପୋଲିସ ଠାରୁ ଅନୁମତି ନିଆଯାଇନଥିଲା । ଏପରିକି କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା ।

## କେନିଆରେ ବଡ଼ ଧରଣର ଭୂସ୍ଖଳନ : ୨୧ ମୃତ, ୩୦ ନିଖୋଜ



ନୈରୋବୀ : କେନିଆର ପଶ୍ଚିମ ରିଫ୍ଟ ଭ୍ୟାଲିରେ ବଡ଼ ଧରଣର ଭୂସ୍ଖଳନ ହୋଇଛି । ଯାହା ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଯାହା ଫଳରେ ଏଥିରେ ପ୍ରାୟ ୨୧ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ୩୦ ଜଣ ନିଖୋଜ ରହିଛନ୍ତି । ଏଥିସହ ୧୦୦୦ରୁ ଅଧିକ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ଏପରି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ସୂଚନାନୁଯାୟୀ, ଭୂସ୍ଖଳନ ଯୋଗୁଁ ଅନେକ କ୍ଷୟକ୍ଷତି ଘଟିଛି । ଅନେକ ଲୋକଙ୍କ ଜୀବନ ଯାଇଥିବାବେଳେ ଅଧିକାଂଶ ଆହତ ଏବଂ ନିଖୋଜ ରହିଛନ୍ତି । ଭୂସ୍ଖଳନ ଯୋଗୁଁ ସମସ୍ତଙ୍କ ଜୀବନଜୀବିକା ଅସ୍ତବ୍ୟସ୍ତ ହୋଇ ପଡିଛି । ଏହାରି ମଧ୍ୟରେ ସରକାର ଏଲଡୋରେଟ ସହରର ଏକ ହସ୍ପିଟାଲରେ ଆହତଙ୍କୁ ବିମାନରେ ସ୍ଥାନାନ୍ତର କରିଛନ୍ତି । ଅନ୍ୟପଟେ ଏକ ଶବ୍ଦ ଶୁଣି ତୁରନ୍ତ ପିଲାମାନଙ୍କ ସହିତ ଘର ବାହାରକୁ ଦୌଡି ପଳାଇ ଆସିଥିଲେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ପ୍ରବଳ ବର୍ଷା ସତ୍ତ୍ୱେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆପଣଙ୍କୁ ଜଣାଇ ରଖୁଛୁ ଯେ, ପୂର୍ବରୁ ଚେସୋଙ୍ଗୋଚରେ ଭୂସ୍ଖଳନ ହୋଇଥିଲା । ଯେଉଁଥିରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା ।

ନିକଟରେ ପାପୁଆ ନ୍ୟୁ ଗିନିର ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ଘଟିଥିଲା । ଯେଉଁଥିରେ ପ୍ରାୟ ୨୧ ଜଣଙ୍କର ମୃତ୍ୟୁ ଘଟିବା ସହ ଘରଦ୍ୱାର ନଷ୍ଟ ହୋଇଥିଲା । ଏଭଳି ଘଟଣା ପ୍ରାୟ ବିଳମ୍ବିତ ରାତି ୨ ଟା ସମୟରେ ଦେଖିବାକୁ ମିଳିଥିଲା ।

## ଲାଇସେନ୍ସ ରଦ୍ଦ ହେବା ପରେ ମଧ୍ୟ ବିମାନ ଉଡ଼ାଇଥିଲେ ପାଇଲଟ, ଡିଜିସିଏ କରୁଛି ଯାଞ୍ଚ




ନୂଆଦିଲ୍ଲୀ : ଏୟାର ଇଣ୍ଡିଆ ଏୟାରଲାଇନ୍ସର ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଏୟାର ଇଣ୍ଡିଆର ସିଡ୍ୟୁଲିଂ ଏବଂ ରୋଷ୍ଟରିଂକୁ ନେଇ ସମସ୍ୟା ଏବେ ବି ଜାରି ରହିଛି । ରେଗୁଲେଟର ଏହାକୁ ନେଇ ୫ ମାସ ପୂର୍ବରୁ କଡ଼ା ଭର୍ତ୍ସନା କରିଥିଲେ । ଏହି ମାମଲାରେ ଜଣେ ପାଇଲଟ ଏବଂ ସହ ପାଇଲଟଙ୍କୁ ଫ୍ଲାଇଂ ଡିଟ୍ୟୁରୁ ହଟାଯାଇଥିଲା । କିନ୍ତୁ ପୂର୍ବ ମାସରୁ ଦୁହେଁ ଗୋଟିଏ ଗୋଟିଏ ଉଡ଼ାଣ ଭରିଥିଲେ ବୋଲି ଏୟାରଲାଇନ୍ସ ଜାଣିବାକୁ ପାଇଛି । ଏହି ମାମଲାରେ ଇଂଲିଶ ଲାଙ୍ଗୁଏଜ ପ୍ରୋଫିସିଏନ୍ସୀ(ରଖଚ) ଲାଇସେନ୍ସ ଏକ୍ସପାୟର ହୋଇଯାଇଛି । ଅନ୍ୟ ମାମଲାରେ ସହ ପାଇଲଟ ଜଣକ ଆନୁଆଲ ପାଇଲଟ ପ୍ରୋଫିସିଏନ୍ସୀ ଚେକ୍ ଇନଷ୍ଟ୍ରୁମେଣ୍ଟ ରେଟିଂ ଟେଷ୍ଟ କ୍ଲିଅର କରିପାରିନାହାନ୍ତି । ଏବେ ଡିଜିସିଏ ଏହାକୁ ନେଇ ଯାଞ୍ଚ କରୁଛି । ଆଉ ଏୟାରଲାଇ ଠାରୁ ରିପୋର୍ଟ ମାଗିଛି । ଏୟାର ଇଣ୍ଡିଆ ପ୍ରବକ୍ତା କହିଛନ୍ତି, ଫାଷ୍ଟ ଅଫିସରଙ୍କ ଟ୍ରେନିଂ ଚେକରେ ଅସନ୍ତୁଷ୍ଟ ପରଫରମାନ୍ସ କରିବା ପରେ ବିମାନ ଅପରେଟ କରିବା ଘଟଣା ଜଣାପଡିଥିଲା । ଯାହାପରେ ଏହି ଭୁଲ ଜଣାପଡିଥିଲା । କ୍ରୁ ସିଡ୍ୟୁଲର ଏବଂ ପାଇଲଟଙ୍କୁ ଅଫ ରୋଷ୍ଟର କରିଦିଆଯାଇଥିଲା । ଆଗକୁ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇ ଡିଜିସିଏକୁ ରିପୋର୍ଟ କରିବାକୁ କୁହାଯାଇଛି ।

## ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ, ବାହୁବଳୀ ଅନନ୍ତ ସିଂହ ଗିରଫ

ପାଟନା : ବିହାରରେ ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ । ବାହୁବଳୀ ଅନନ୍ତ ସିଂହଙ୍କୁ ପାଟନା ପୋଲିସ ଗିରଫ କରିଛି । ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ପୋଲିସ ଗିରଫ କରିଛି । ଦୁଲାରଚାନ୍ଦ ହତ୍ୟାକାଣ୍ଡରେ ଅନନ୍ତ ସାମିଲ ଥିବା ଅଭିଯୋଗ ହୋଇଥିଲା । ତାଙ୍କୁ କାରଗିଲ ମାର୍କେଟରେ ତାଙ୍କୁ ଗିରଫ କରାଯାଇଛି । ପାଟନା ଏସଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତାଙ୍କ ବାସଭବନ ନିକଟରେ ପହଞ୍ଚିଥିଲା । ପୋଲିସ ବର୍ତ୍ତମାନ ଅନନ୍ତ ସିଂହଙ୍କୁ ଅଧିକ ପଚରାଉଚରା ପାଇଁ ପାଟନାକୁ ନେଇଛି ।

ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ଅନନ୍ତ ସିଂହଙ୍କ ନାମ ଆସିବା ପରଠାରୁ ତାଙ୍କ ଗିରଫଦାରୀ ନିଶ୍ଚିତ ବୋଲି କୁହାଯାଉଥିଲା । ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାର ତଦନ୍ତ ଏବେ ବିହାର ପୋଲିସର ଅପରାଧ ତଦନ୍ତ ବିଭାଗ (ଉଓଉ)କୁ ହସ୍ତାନ୍ତର କରାଯାଇଛି । ପାଟନା ଜିଲ୍ଲାପାଳ କହିଛନ୍ତି ଯେ, ପ୍ରଶାସନ ସ୍ଥିତି ଉପରେ ନଜର ରଖିଛି । ୪୮ ଘଣ୍ଟା ଧରି କ୍ୟାମ୍ପ କରି ସ୍ଥିତି ନିୟନ୍ତ୍ରଣକୁ ଅଣାଯାଇଛି । ଘଟଣାରେ ସଂପୃକ୍ତ ସବୁ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ଆକ୍ସନ ହେବ । ଗତକାଲି ୮୦ ଜଣଙ୍କୁ ଗିରଫ କରାଯାଇଥିଲା, ଏବଂ ଆଜି ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ।

ସୂଚନାଯୋଗ୍ୟ, ଅକ୍ଟୋବର ୩୦ ତାରିଖରେ ମୋକାମାରେ ଜେଡିୟୁ ଓ ଜନ ସୁରଜ ପାର୍ଟି ପ୍ରାର୍ଥୀଙ୍କ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା । ଦୁଇ ଦଳର ସମର୍ଥକ ପଥର ଫିଙ୍ଗାଫିଙ୍ଗି ହୋଇଥିଲେ । ଅନେକ ଆହତ ହୋଇଥିଲେ । ଘଟଣାରେ ଜନ ସୁରଜ ସମର୍ଥକ ୭୫ ବର୍ଷୀୟ ଦୁଲାରଚାନ୍ଦ ଯାଦବ ଜୀବନ ଚାଲିଯାଇଥିଲା । ଉଭୟ ପକ୍ଷ ଏକ ଅଭିଯୋଗ ଦାଖଲ କରିଥିଲେ । ପ୍ରମାଣ, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଏବଂ ମୃତକଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆଧାରରେ ଜଣାପଡିଥିଲା କି, ଆଦର୍ଶ ଆଚରଣ ସଂହିତା ଉଲ୍ଲଂଘନ କରାଯାଇଥିଲା । ଆଉ ଘଟଣା ଜେଡିୟୁ ପ୍ରାର୍ଥୀ ଅନନ୍ତ ସିଂହଙ୍କ ଉପସ୍ଥିତିରେ ଘଟିଥିବା ଯାଞ୍ଚରୁ ଜଣାପଡିଥିଲା ।

## ମେକ୍ସିକୋ ସୁପରମାର୍କେଟରେ ଭୟଙ୍କର ଅଗ୍ନିକାଣ୍ଡ, ୨୩ ମୃତ




ମେକ୍ସିକୋ : ମେକ୍ସିକୋର ସୋନୋରା ରାଜ୍ୟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ୨୩ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ୧୨ ଜଣ ଆହତ ହୋଇଛନ୍ତି । ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି ଆଶଙ୍କା କରାଯାଉଛି । ରାଷ୍ଟ୍ରପତି ସେନବାଉମ୍ ପୀଡିତଙ୍କ ପରିବାରକୁ ସହାୟତା ଯୋଗାଇଥିବା ସୂଚନା ମିଳିଛି । ସୂଚନାନୁଯାୟୀ, 'ଡେ ଅଫ୍ ଦ ଡେଡ୍' ଉତ୍ସବ ପାଳନ କରୁଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା । ଯେଉଁ ଉତ୍ସବରେ ପରିବାରବର୍ଗ ସେମାନଙ୍କ ଦିବଂଗତ ପ୍ରିୟଜନଙ୍କୁ ମନେ ପକାଇଥାନ୍ତି । ଏହି ଦୁର୍ଘଟଣା ଉତ୍ସବକୁ ଦୁଃଖରେ ପରିଣତ କରିଥିଲା । ହର୍ମୋସିଲୋ ସହରର ଡିସକାଉଣ୍ଟ କାଉଣ୍ଟରରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଧୂଆଁ ବ୍ୟାପିବାରୁ ଅଧିକାଂଶ ଲୋକଙ୍କର ନିଶ୍ୱାସ ନେବାରେ ଅସୁବିଧା ହେବା ଯୋଗୁଁ ମୃତ୍ୟୁ ଘଟିଛି ଯାହା ଆଟର୍ଣ୍ଣି ଜେନେରାଲ ଗୁସ୍ତାଭୋ ସାଲାସ କହିଛନ୍ତି । ଏହା ବ୍ୟତୀତ ସେ କହିଛନ୍ତି ଯେ, ଫୋରେନସିକ୍ ଟିମ୍ ମୃତଦେହଗୁଡ଼ିକର ଯାଞ୍ଚ ଆରମ୍ଭ କରିଛନ୍ତି । ବୈଦ୍ୟୁତିକ ତ୍ରୁଟି ଯୋଗୁଁ ଅଗ୍ନିକାଣ୍ଡ ଘଟିଛି ବୋଲି କୁହାଯାଉଛି । ଏହାରି ମଧ୍ୟରେ ବିସ୍ଫୋରଣ ଘଟିଛି କି ନାହିଁ ସେ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ସହରର ଅଗ୍ନିଶମ ବାହିନୀର ମୁଖ୍ୟ କହିଛନ୍ତି । କିନ୍ତୁ ଏହା ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ହର୍ମୋସିଲୋର ପୌରପାଳିକା ସ୍ପଷ୍ଟ କରିଛନ୍ତି ।

ଏହାରି ମଧ୍ୟରେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସାନୋରାର ରାଜ୍ୟପାଳ ଆଲଫୋନସ୍ୱୋ ଡୁରାଜୋ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସୋସିଆଲ ମିଡିଆରେ ଏକ ଭିଡିଓ କରି ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ରାଜ୍ୟପାଳଙ୍କ ସମେତ ମେକ୍ସିକୋର ରାଷ୍ଟ୍ରପତି ଢରେ ପୋଷ୍ଟ କରି ପରିବାର ପ୍ରତି ସେ ମଧ୍ୟ ସମବେଦନା ଜଣାଇଛନ୍ତି । ଅନ୍ୟପଟେ ଉଦ୍ଧାର କାର୍ଯ୍ୟରେ ୪୦ ଜଣ ଟିମ୍ ସଦସ୍ୟ ଏବଂ ୧୦ ଟି ଆମ୍ବୁଲାନ୍ସ ପହଞ୍ଚିଛି । ଆହତଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି ଅଗ୍ନିଶମ ବାହିନୀ ଟିମ୍ । କିନ୍ତୁ ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କ ସନ୍ଧାନ ବର୍ତ୍ତମାନ ସୁଦ୍ଧା ଜାରି ରହିଛି ।

## ପ୍ଲାଷ୍ଟିକ ବୋତଲ ବ୍ୟବହାର ଉପରେ ଲଗାଇଲେ ରୋକ୍ କର୍ଣ୍ଣାଟକ ସରକାର



କର୍ଣ୍ଣାଟକ : ପରିବେଶ ସୁରକ୍ଷା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ । ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ବୈଠକରେ ପ୍ଲାଷ୍ଟକ୍ ପାଣି ବୋତଲର ବ୍ୟବହାର ନକରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେଇଛନ୍ତି । ଯାହାଦ୍ୱାରା ପ୍ଲାଷ୍ଟିକ ଅପଚୟର ସମସ୍ୟାକୁ ରୋକାଯାଇପାରିବ ।

ସୂଚନାନୁଯାୟୀ, ପୂର୍ବରୁ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଲାଗୁ କରାଯିବା ଉଚିତ୍ । ଏହି ନିୟମ ପାଳନ କରିବାକୁ ସମସ୍ତ ବିଭାଗର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସରକାରୀ କାର୍ଯ୍ୟକ୍ରମ ଏବଂ ବୈଠକରେ ନନ୍ଦିନୀ କ୍ଷୀରର ଉତ୍ପାଦ ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି ମୁଖ୍ୟମନ୍ତ୍ରୀ । ଆହୁରି ମଧ୍ୟ କହିଛନ୍ତି ଯେ, ଏବେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆୟୋଜିତ ହେଉଥିବା ବୈଠକରେ ଚା, କଫି, କ୍ଷୀର କେବଳ ନନ୍ଦିନୀ ବ୍ରାଣ୍ଡର ଉତ୍ପାଦ ହେବ । ସରକାରଙ୍କ ଏଭଳି ନିଷ୍ପତ୍ତି କେବଳ ପ୍ଲାଷ୍ଟିକ ପ୍ରଦୂଷଣକୁ ହ୍ରାସ କରିବ ନାହିଁ ବରଂ ରାଜ୍ୟର ଦୁଗ୍ଧ ଶିଳ୍ପକୁ ମଧ୍ୟ ମଜବୁତ କରିବ । ତେଣୁ ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଚଳନ୍ତା ଟ୍ରେନରେ ଆକ୍ରମଣ ୧୦ ଆହତ, ୨ ଗିରଫ



ଲଣ୍ଡନ : ଲଣ୍ଡନ ଯାଉଥିବା ଚଳନ୍ତା ଟ୍ରେନରେ ଯାତ୍ରୀଙ୍କ ଉପରେ ଆକ୍ରମଣ । ଶନିବାର ସନ୍ଧ୍ୟାରେ ଏହି ଘଟଣା ଯୋଗୁଁ ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଘଟଣାରେ ଦୁଇ ସନ୍ଦିଗ୍ଧଙ୍କୁ ମଧ୍ୟ ଗିରଫ କରାଯାଇଛି । ତେବେ ଚଳନ୍ତା ଟ୍ରେନରେ ଏପରି ଘଟଣା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିଲା । ସୂଚନା ମୁତାବକ, ଶନିବାର ସନ୍ଧ୍ୟା ୭ଟା୪୦ ସମୟରେ ଟ୍ରେନଟି କେମ୍ବ୍ରିଜସାୟର ଦେଇ ଅତିକ୍ରମ କରୁଥିଲା । ଏହା ହଣ୍ଟିଂଡନ୍ ପାଖରେ ପହଁଚିବା ପରେ ପୋଲିସ ଏହାକୁ ଅଟକାଇଥିଲା । ପ୍ରଥମେ ସନ୍ଦିଗ୍ଧ ଦୁଇ ଜଣଙ୍କୁ ଗିରଫ କରାଯିବା ସହ ଆହତଙ୍କୁ ହସ୍ପିଟାଲକୁ ପଠାଯାଇଥିଲା । ପୋଲିସର କହିବାନୁସାରେ କେଉଁ କାରଣ ପାଇଁ ଟ୍ରେନରେ ଛୁରାମାଡ ହୋଇଥିଲା ତାହା ଜଣାପଡିନାହିଁ । ତଦନ୍ତ ଜାରି ରହିଛି । ଯାତ୍ରୀଙ୍କ ପାଖରେ ଥିବା ଭିଡିଓ ଫୁଟେଜକୁ ଯାଞ୍ଚ କରାଯାଉଛି । ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର ଏବଂ ଗୃହ ସଚିବ ଶବାନା ମହମୁଦ ଏହି ଘଟଣାକୁ ଭୟଙ୍କର ବୋଲି କହିଛନ୍ତି ଏବଂ ଗୁଜବରୁ ଦୂରେଇ ରହିବାକୁ ଲୋକଙ୍କୁ ନିବେଦନ କରିଛନ୍ତି । ଏହି ଘଟଣାକୁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଘଟଣା ଖୁବ୍ ଚିନ୍ତାଜନକ । ସେ ପୀଡିତଙ୍କ ସହ ଅଛନ୍ତି । ଆହତଙ୍କୁ ତୁରନ୍ତ ଜରୁରୀ ସେବା ପ୍ରଦାନ କରାଯାଇଥିଲା ।

## ଦିଲ୍ଲୀର ୧୩ ସ୍ଥାନରେ ଏକ୍ୟୁଆଇ ୪୦୦ ପାର



ନୂଆଦିଲ୍ଲୀ: ରବିବାର ଦିଲ୍ଲୀର ବାୟୁ ମାନ 'ଅତି ଖରାପ୍ ?' ଶ୍ରେଣୀରେ ରହିଛି । ସିପିସିବି (କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) କହିଛି ଯେ ଦିଲ୍ଲୀରେ ଅଧିକାଂଶ ଅଞ୍ଚଳରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) 'ସାଂଘାତିକ' ଶ୍ରେଣୀ ଅତିକ୍ରମ କରିଛି । କିଛି ସ୍ଥାନରେ ଏକ୍ୟୁଆଇ ୪୦୦ ଟପିଛି । ସିପିସିବି ଦ୍ୱାରା ବିକଶିତ ସମୀର ଆପ୍ ଅନୁଯାୟୀ ଆଜି ସକାଳ ୭ଟାରେ ଦିଲ୍ଲୀରେ ଏକ୍ୟୁଆଇ ୩୭୭ ଥିଲା । ଉତ୍ତର ଦିଲ୍ଲୀର ୱାଜିରପୁର ଏବଂ ଦକ୍ଷିଣ ଦିଲ୍ଲୀର ଆରକେପୁରମ୍ ସହରର ସବୁଠାରୁ ପ୍ରଦୂଷିତ ଅଞ୍ଚଳ । ଏଠାରେ ଏକ୍ୟୁଆଇ ଯଥାକ୍ରମେ ୪୩୨ ଏବଂ ୪୨୫ ରହିଛି । ସିପିସିବି ଅନୁଯାୟୀ ଏକ୍ୟୁଆଇ ୦ରୁ ୫୦ ମଧ୍ୟରେ ରହିବା ଭଲ । ୫୧ରୁ ୧୦୦ ମଧ୍ୟରେ ରହିବା ସନ୍ତୋଷଜନକ, ଏକ୍ୟୁଆଇ ୧୦୧ରୁ ୨୦୦ ମଧ୍ୟରେ ରହିବା ମଧ୍ୟମ, ୨୦୧ରୁ ୩୦୦ ମଧ୍ୟରେ ରହିବା ଖରାପ, ୩୦୧ରୁ ୪୦୦ ମଧ୍ୟରେ ରହିବା ଅତି ଖରାପ ଏବଂ ଏକ୍ୟୁଆଇ ୪୦୧ରୁ ୫୦୦ ମଧ୍ୟରେ ରହିବା ସାଂଘାତିକ । ସିପିସିବିର ସମୀର ଆପ୍ ? ଅନୁଯାୟୀ ୧୩ଟି ଅଞ୍ଚଳରେ ଏକ୍ୟୁଆଇ ୪୦୦ ଉପରେ ରହିଛି । ବୁରାଡ଼ିରେ ଏକ୍ୟୁଆଇ ୪୧୨, ବାୱନାରେ ୪୧୩, ଦ୍ୱାରକା ସେକ୍ଟର ୮ରେ ୪୦୭, ଜାହାଙ୍ଗୀରପୁରୀରେ ୪୦୨, ମୁନ୍ଦକାରେ ୪୦୪, ନେହରୁ ନଗରରେ ୪୦୩, ପଞ୍ଜାବୀ ବାଗରେ ୪୦୩, ପୁସାରେ ୪୦୪, ଚାନ୍ଦିନୀ ଚେ?କରେ ୪୧୪, ରୋହିଣୀରେ ୪୧୫, ସିରି ଫର୍ଟରେ ୪୦୩, ବିବେକ ବିହାରର ଏକ୍ୟୁଆଇ ୪୦୭ ରହିଛି । ତଥ୍ୟ ଅନୁଯାୟୀ ମାତ୍ର ୩ଟି ଅଞ୍ଚଳ ଏନ୍ଏସଆଇଜି ଦ୍ୱାରକାରେ ଏକ୍ୟୁଆଇ ୨୫୪, ଆଇଏଚ୍ ?ବିଏସ୍ ? ଦିଲଶାଦ ଗାର୍ଡେନରେ ୨୭୦ ଏବଂ ଦିଲ୍ଲୀ ଟେକନିକାଲ ୟୁନିଭର୍ସିଟିରେ ଏକ୍ୟୁଆଇ ୨୯୨ ସହ ଏଠାରେ ବାୟୁର ମାନ ଖରାପ୍ ଶ୍ରେଣୀରେ ରହିଛି । ଦିଲ୍ଲୀର ପ୍ରମୁଖ ପାଣିପାଗ କେନ୍ଦ୍ର ସଫଦରଜଙ୍ଗରେ ଆଜି ଥଣ୍ଡା ପବନ ସହ ଦୃଶ୍ୟମାନ ମାତ୍ର ୯୦୦ ମିଟର ମଧ୍ୟରେ ଥିଲା । ପାଲମରେ ଦୃଶ୍ୟମାନ ୧୩୦୦ ମିଟର ଥିଲା ।

## ୬୨ ବର୍ଷରେ ପାଦ ଦେଲେ ନୀତା ଅମ୍ବାନୀ...

ନୂଆଦିଲ୍ଲୀ : ଆଜି ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସ୍ତ୍ରୀ ନୀତା ଅମ୍ବାନୀଙ୍କ ଜନ୍ମଦିନ । ରିଲାଏନ୍ସ ଫାଉଣ୍ଡେଶନ ଏବଂ ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ଏବଂ ପ୍ରତିଷ୍ଠାତା ଅଛନ୍ତି ନୀତା । ବଡ଼କଥା ହେଉଛି ନୀତା ତାଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ ଏବଂ ସମାଜସେବା ପାଇଁ ବେଶ୍ ? ଜଣାଶୁଣା । ସେ ଜଣେ ଫ୍ୟାସନ ଆଇକନ ମଧ୍ୟ । ଅନେକ ସମୟରେ ତାଙ୍କର ଲୁକ୍ ? ଭାଇରାଲ୍ ହୁଏ ଏବଂ ଜାତୀୟ ଗଣମାଧ୍ୟମରେ ହେଡଲାଇନ୍ ପାଲଟେ । ରିଲାଏନ୍ସ ଫାଉଣ୍ଡେସନ୍ ?ର ଚେୟାରପର୍ସନ୍ ନୀତା ଅମ୍ବାନୀ ଆଜି ୬୨ ବର୍ଷରେ ପାଦ ଦେଇଥିବା ବେଳେ ତାଙ୍କୁ ଦେଶ ବିଦେଶରୁ ଶୁଭେଚ୍ଛାର ସୁଅ ଛୁଟିଛି । କାରଣ ତାଙ୍କର ବିଭିନ୍ନ ସଂଗଠନ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ କ୍ରୀଡ଼ା କ୍ଷେତ୍ରରେ ଅନେକ ଯୋଗଦାନ ଜାରି ରଖିଛନ୍ତି । ଖାଲି ଏତିକି ନୁହେଁ ନୀତା ଅମ୍ବାନୀ ଉଷସକ୍ସଙ୍କଭଷବସ ଇଞ୍ଜଭବଭସ ଓଭ–ଷ୍ଠରକ୍ସଭବସ୍ପସକ୍ଟଭବକ୍ଷ ଝମଷକ୍ଟକ୍ଷ ସ୍ଥାପନ କରି ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ଆଣିଛନ୍ତି ।

# ତୃତୀୟ ଟି-୨୦ରେ ଭାରତ ବିଜୟୀ







ହୋବାର୍ଟ,୨ା୧୧: ଭାରତ-ଅଷ୍ଟ୍ରେଲିଆ। ୩ୟ ଟି-୨୦ରେ ୫ ୱିକେଟରେ ବିଜୟ ହାସଲ କରିଛି ଟିମ-ଇଣ୍ଡିଆ। ଏହା ସହିତ ଏହି ସିରଜ ଏବେ ୧-୧ରେ ବରାବର ହୋଇଯାଇଛି। ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ। ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୮୬ ରନ କରିଥିଲା। ଦଳ ପକ୍ଷରୁ ଟିମ ଡେଭିଡ୍ ୭୪ ରନ କରିଥିବାବେଳେ ମାର୍କସ ଷ୍ଟୋଇନିସ୍ ୬୪ ଓ ମାଥ୍ୟୁ ସର୍ଟ ୨୬ରନ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀର ସିଂ ୩ଟି ଓ ବରୁଣ ଚକ୍ରବର୍ତ୍ତି ୨ଟି ୱିକେଟ ନେଇଥିଲେ। ସେହିପରି ଶିବମ ଦୁବେ ଗୋଟିଏ ୱିକେଟ ନେଇଥିଲେ ।ଏହାର ଜବାବରେ ଭାରତ ୫ ୱିକେଟ୍ ?ରେ ମ୍ୟାଚ୍ ଜିତି ଯାଇଥିଲା। ଦଳ ୧୮.୩ ଓଭରରେ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା।।

ଯଦିଓ ୱାଶିଂଟନ ସୁନ୍ଦର ଅପରାଜିତ ରହି ସର୍ବାଧିକ ୪୯ ରନ୍ କରିଥିଲେ, ତଥାପି କୁହାଯାଇପାରେ ଭାରତୀୟ ଦଳର ସମସ୍ତ ବ୍ୟାଟର ଭଲ ଖେଳିଛନ୍ତି। ଏମିତି ବି କୁହାଯାଇପାରେ, ସମସ୍ତେ ମିଶି ମ୍ୟାଚ୍ ଜିତାଇଛନ୍ତି। ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ଓପନିଂ କରିବାକୁ ଆସିଥିଲେ। ସେମାନେ ଦଳକୁ ଭଲ ପ୍ରାରମ୍ଭ ଦେଇଥିଲେ। ୩.୩ ଓଭରରେ ୩୩ ରନ୍ ହୋଇଥିବା ବେଳେ ଅଭିଷେକ ବର୍ମା ଆଉଟ୍ ହୋଇଥିଲେ। ସେ ୧୬ଟି ବଲ୍‌ରୁ ୨ଟି ଚୌକା ଓ ୨ଟି ଛକା ସହାୟତାରେ ୨୫ ରନ୍ କରିଥିବା ବେଳେ ନାଥନ ଇଲିସଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ସତ୍ତ୍ୱେ ରନ୍ ହାର ପ୍ରଭାବିତ ହୋଇନଥିଲା। ଶୁମବନ ଗିଲ ଓ ଅଧିନାୟକ ସୂର୍ଯ୍ୟକାନ୍ତ ଯାଦବ ମ୍ୟାଚ୍‌କୁ ଆଗେଇ ନେଇଥିଲେ। ୫.୩ ଓଭରରେ ଗିଲ୍ ଆଉଟ୍ ହୋଇଥିଲେ। ସେ ୧୫ ରନ୍ କରି ଆଉଟ୍ ହେବା ବେଳକୁ ଦଳର ସ୍କୋର ୬୧ ରନ୍‌ରେ ପହଞ୍ଚିଥିଲା।

ଶୁବମନ ଆଉଟ୍ ହେବା ପରେ ୪ ନମ୍ବରରେ ଆସିଥିବା ତିଳକ ବର୍ମା ମଧ୍ୟ ଭଲ ଖେଳିଥିଲେ। ୭.୩ ଓଭରରେ ଦଳର ସ୍କୋରର ୭୬ ହୋଇଥିବା ବେଳେ ସୂର୍ଯ୍ୟକୁମାର ଯାଦବ ଆଉଟ୍ ହୋଇଥିଲେ। ସେ ୧୧ ବଲ୍‌ରୁ ୨୪ ରନ୍(୧ ଚୌକା, ୧ ଛକା) କରିଥିଲେ। ଅକ୍ଷର ପଟେଲ ୧୨ଟି ବଲ୍‌ରୁ ୧୭ ରନ୍ କରି ଆଉଟ୍ ହୋଇଥିଲେ ।ତାଙ୍କ ପରେ ଆସିଥିବା ୱାଶିଂଟନ ସୁନ୍ଦରଙ୍କ ପ୍ରଦର୍ଶନ ଅତି ସୁନ୍ଦର ଥିଲା। ତିଳକ ବର୍ମା ୨୯ ରନ୍ କରିଥିବା ବେଳେ ଆଉଟ୍ ହୋଇଥିଲେ। ଏହା ପରେ ଜୀତେଶ ଶର୍ମା ଓ ୱାଶିଂଟନ ସୁନ୍ଦରଙ୍କ ଯୋଡି କ୍ରିଜ୍ ?ରେ ଜମି ଯାଇଥିଲା। ଦୁହେଁ ଭାରତକୁ ବିଜୟ ଦ୍ୱାର ନିକଟରେ ପହଞ୍ଚାଇ ଦେଇଥିଲେ। ୱାଶିଂଟନ ସୁନ୍ଦର ୨୩ଟି ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୪୯ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟପକ୍ଷରେ ଜୀତେଶ ୧୩ଟି ବଲ୍‌ରୁ ୨୨ ରନ୍ କରି ନଟ୍ ଆଉଟ୍ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଇଲିସ ୩ଟି ୱିକେଟ୍ ନେଇଥିବା ବେଳେ ଜାଭିୟର ବାର୍ଟଲେଟ୍ ଓ ମାରକସ ଷ୍ଟୋଇନିସ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୬ ରନ୍ କରିଥିଲା। ଦଳର ପ୍ରାରମ୍ଭ ଭଲ ନଥିଲା। ପ୍ରଥମ ଓଭରରେ ଦଳ ଟ୍ରାଭିସ ହେଡଙ୍କୁ ହରାଇଥିଲା। ସେ ୬ ରନ୍ କରି ଅର୍ଶଦୀପ ସିଂହଙ୍କ ବଲ୍ ?ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ୨.୪ ଓଭରରେ ଦଳ ଜୋଶ ଇଂଲିସଙ୍କ ୱିକେଟ୍ ହରାଇଥିଲା। ସେ ମାତ୍ର ୧ ରନ୍ କରିଥିବା ବେଳେ ଅର୍ଶଦୀପ ସିଂହଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ।

ତେବେ ଟିମ୍ ଡାଭିଡ କ୍ରିଜ୍‌କୁ ଆସିବା ପରେ ସ୍ଥିତିରେ ବଡ ସୁଧାର ଆସିଥିଲା। ସେ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଅଧିନାୟକ ମିଚେଲ ମାର୍ଶଙ୍କ ସହ ମିଶି ସେ ଟିମ୍‌ର ରନକୁ ଆଗେଇ ନେଉଥିବା ବେଳେ ସେଥିରେ ବ୍ରେକ୍ ଦେଇଥିଲେ ବରୁଣ ଚ଼କ୍ରବର୍ତ୍ତୀ। ତାଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ ମିଚେଲ ମାର୍ଶ। ସେ ୧୧ ରନ୍ କରି ଆଉଟ୍ ହୋଇଥିଲେ। ସେ ୮.୨ ଓଭରରେ ଆଉଟ୍ ହୋଇଥିବା ବେଳେ ୮.୩ ଓଭରରେ ଦଳକୁ ପୁଣି ଲାଗିଥିଲା ଝଟକା। ଆସୁ ଆସୁ ଆଉଟ୍ ହୋଇଯାଇଥିଲେ ମିଚେଲ ଓୱେନ। ସେ ଖାତା ଖୋଲିପାରି ନଥିଲେ। ତାଙ୍କୁ ବୋଲ୍ଡ କରିଦେଇଥିଲେ ବରୁଣ ଚ଼କ୍ରବର୍ତ୍ତୀ।

କିନ୍ତୁ ମାରକସ ଷ୍ଟୋଇନିସ ଆସିବା ପରେ ପୁଣି ଦଳ ପାଇଥିଲା ବଳ। ଟିମ୍ ଡାଭିଡ ଓ ମାରକସ ମିଶି ଦଳୀୟ ସ୍କ ?ରକୁ ଆଗେଇ ନେଇଥିଲେ। ଏହି ଯୋଡି କ୍ରିଜ୍‌ରେ ଜମି ଯାଇଥିବା ବେଳେ ୧୩ ଓଭରରେ ପଡିଥିଲା ଡାଭିଡଙ୍କ ୱିକେଟ୍ । ଶିବମ ଦୁବେଙ୍କ ବଲରେ ତିଲକ ବର୍ମାଙ୍କ ହାତରେ ସେ ହୋଇଥିଲେ କ୍ୟାଚ୍ ? ଆଉଟ୍। ସେ ୩୮ଟି ବଲ୍ ?ରେ ୮ ଚୌକା ଓ ୫ ଛକା ବଳରେ ୭୪ ରନ୍ କରିଥିଲେ। ତେବେ ସେ ଆଉଟ୍ ହେବା ସତ୍ତ୍ୱେ ଦଳକୁ ଫରକ ପଡି ନଥିଲା। ମାରକସ୍ ଭଲ ଖେଳିଥିଲେ। ସେ ୩୯ଟି ବଲ୍‌ରେ ୮ ଚୌକା ଓ ୨ ଛକା ବଳରେ ୬୪ ରନ୍ କରିଥିବା ବେଳେ ୧୯.୩ ଓଭରରେ ଅର୍ଶଦୀପ ସିଂହଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରେ ମ୍ୟାଟ୍ ଶର୍ଟ ୧୫ଟି ବଲ୍‌ରୁ ୨୬ ରନ୍ କରି ନଟ୍ ଆଉଟ୍ ରହିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୩ଟି ୱିକେଟ୍ ନେଇଥିବା ବେଳେ ବରୁଣ ଚ଼କ୍ରବର୍ତ୍ତୀ ୨ ଓ ଶିବମ ଦୁବେ ଗୋଟିଏ ୱିକେଟ୍ ନେଇଥିଲେ। ଅର୍ଶଦୀପ ସିଂହଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା ।ସୂଚନାଯୋଗ୍ୟ, ଏହି ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ଆହୁରି ୨ଟି ମ୍ୟାଚ୍ ବାକି ଅଛି।

## ରାଉରକେଲାରେ ଓଡ଼ିଶା ନାଭାଲ ଟାଟା ୧୪ ବର୍ଷରୁ କମ୍ ବାଳକ ହକି

ରାଉରକେଲା, ୧।୧୧: ଓଡ଼ିଶା ନାଭାଲ ଟାଟା ୧୪ ବର୍ଷରୁ କମ୍ ବୟସ ବାଳକ ହକି ତୃଣମୂଳ ଚାମ୍ପିଅନସିପ-୨୦୨୫ର ଚତୁର୍ଥ ସଂସ୍କରଣ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ଏକ ଉତ୍ସାହପୂର୍ଣ୍ଣ ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଂଟର (ଓଏନଟିଏଚଏଚପିସି) ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆୟୋଜିତ ଏହି ଚାମ୍ପିଅନସିପରେ ରାଜ୍ୟର ବିଭିନ୍ନ ହକି ତାଲିମ କେନ୍ଦ୍ର (ଏଚଟିସି) ଓ ତୃଣମୂଳ କେନ୍ଦ୍ରରୁ ୩୫ଟି ଦଳ ଏବଂ ୩୫୦ରୁ ଅଧିକ ଯୁବ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୨୦୨୫ ଅକ୍ଟୋବର ୨୯ରୁ ନଭେମ୍ବର ୮ ପର୍ଯ୍ୟନ୍ତ ଚାଲିବ। ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ।

ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉପ ନିର୍ଦ୍ଦେଶକ (କ୍ରୀଡ଼ା) ସୁଦୀପ୍ତ କୁମାର ନାୟକଙ୍କ ସମେତ ଓଡ଼ିଶା ସରକାରଙ୍କ ପାନପୋଷର ହକି ପ୍ରଶିକ୍ଷକ ପିଟର ସୋରେଙ୍ଗ ଓ ବରିଷ୍ଠ ହକି ପ୍ରଶିକ୍ଷକ କାଳୁ ଚରଣ ଚୌଧୁରୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି କ୍ରୀଡ଼ା ଉପ ନିର୍ଦ୍ଦେଶକ ଶ୍ରୀ ନାୟକ ତୃଣମୂଳସ୍ତରରେ ପ୍ରତିଭାବାନ ଖେଳାଳିମାନଙ୍କୁ ସମୃଦ୍ଧ କରିବା ପାଇଁ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। କ୍ରୀଡ଼ାରେ ଅନୁଶାସନ, ଦଳଗତ କାର୍ଯ୍ୟ ଏବଂ ଅଧ୍ୟବସାୟର ଗୁରୁତ୍ୱ ଉପରେ ଶ୍ରୀ ନାୟକ ଆଲୋକପାତ କରିଥିଲେ। ଜାତୀୟ ସଙ୍ଗୀତ ଗାନ ସହିତ ସମାରୋହ ସମାପ୍ତ ହୋଇଥିଲା। ଚଳିତ ବର୍ଷର ସଂସ୍କରଣରେ ୮ଟି ପୁଲ୍ (ଏ–ଏଚ୍) ରହିଛି, ଯେଉଁଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏକାଧିକ ଦଳ ଏବଂ ଝାଡ଼ଖଣ୍ଡରୁ ଗୋଟିଏ ଦଳ ଚାମ୍ପିଅନସିପ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମ୍ୟାଚ୍‌ଗୁଡ଼ିକ ଷ୍ଟାଡିୟମର ଉଭୟ ପିଚରେ ପ୍ରତିଦିନ ସକାଳ ୬:୩୦ରୁ ଖେଳା ଯାଉଛି। ପ୍ରତ୍ୟେକ ପୁଲରେ ଶୀର୍ଷ ଦଳଗୁଡ଼ିକ କ୍ୱାର୍ଟର ଫାଇନାଲ୍, ସେମିଫାଇନାଲ୍ ଏବଂ ନଭେମ୍ବର ୮ରେ ହେବାକୁ ଫାଇନାଲରେ ପ୍ରବେଶ କରିବେ। ଏହି ଟୁର୍ଣ୍ଣାମେଂଟ ପାଇଁ ୨୦୨୫ ନଭେମ୍ବର ୮ରେ ଫାଇନାଲ୍ ମ୍ୟାଚ୍ ଏବଂ ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ନାଭାଲ ଟାଟା ୧୪ ବର୍ଷରୁ କମ୍ ବୟସ ବାଳକ ହକି ତୃଣମୂଳ ଚାମ୍ପିଅନସିପର ଚତୁର୍ଥ ସଂସ୍କରଣର ଚାମ୍ପିଅନମାନଙ୍କୁ ସମ୍ବର୍ଦ୍ଧିତ/ପୁରସ୍କୃତ କରାଯିବ ।ଏହି ଚାମ୍ପିଅନସିପ୍ ଓଡ଼ିଶା ଏବଂ ଭାରତକୁ ଉଚ୍ଚତରସ୍ତରରେ ପ୍ରତିନିଧିତ୍ୱ କରିବାର ସମ୍ଭାବନା ଥିବା ଯୁବ ପ୍ରତିଭାବାନ ଖେଳାଳିମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମୃଦ୍ଧ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରୁଛି।




## ଭୁବନେଶ୍ୱର, ଚେନ୍ନାଇ ଓ ରାଞ୍ଚିରେ ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର,୨।୧୧: ଆସନ୍ତା ଜାନୁଆରୀ ମାସରେ କଳିଙ୍ଗ ଷ୍ଟାଡିୟମକୁ ଫେରିବ ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ) ୨୦୨୬ ସଂସ୍କରଣ ଜାନୁଆରୀ ୩ ତାରିଖରୁ ଆରମ୍ଭ ହେବ। ଏହା ୩ଟି ଭେନ୍ୟୁରେ ଖେଳାଯିବ। ଚେନ୍ନାଇରେ ଜାନୁଆରୀ ୩ରୁ ୯ ତାରିଖ, ରାଞ୍ଚିରେ ଜାନୁଆରୀ ୧୧ରୁ ୧୬ ତାରିଖ ଏବଂ ଭୁବନେଶ୍ୱରରେ ଜାନୁଆରୀ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ।ପୁରୁଷ ଲିଗରେ ମୋଟ୍ ଫାଇନାଲ ପର୍ଯ୍ୟନ୍ତ ୩୩ଟି ମ୍ୟାଚ୍ ରହିଛି। ଲିଗ, କ୍ୱାଲିଫାୟର ୧, ଏଲିମିନେଟର, କ୍ୱାଲିଫାୟର-୨, ପୋଜିସନ ମ୍ୟାଚ୍ ଏବଂ ଫାଇନାଲ ମ୍ୟାଚ ଭୁବନେଶ୍ୱରରେ (ମୋଟ୍ ୧୩ଟି ମ୍ୟାଚ୍) ରହିଛି। ଏଥର କୌଣସି ମ୍ୟାଚ ରାଉରକେଲାରେ ଖେଳାଯିବାର ସୂଚୀ ନାହିଁ। ମହିଳା ଲିଗର ମ୍ୟାଚ ଗୁଡ଼ିକ କେବଳ। ରାଞ୍ଚିରେ ଖେଳାଯିବ। ଡିସେମ୍ବର ୨୮ରୁ ଆରମ୍ଭ ହୋଇ ଜାନୁଆରୀ ୧୦ ତାରିଖରେ ଉଦ୍‌ଯାପିତ ହେବ। ମହିଳାରେ ମୋଟ୍ ୧୩ଟି ମ୍ୟାଚ୍ ରହିଛି।

## ବଲାଙ୍ଗିର ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ

ବଲାଙ୍ଗିର,୨।୧୧: ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଆଂଚଳିକ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଉପରଝର ଠାରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ୍ ତିଯୋଗୀତା ଗତକାଲି ଉଦଘାଟିତ ହୋଇଯାଇଛି । ତିନିଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗୀତାର ଉଦଘାଟନୀ ଉତ୍ସବରେ ଦେଓଗାଁ ବ୍ଲକ ଶିକ୍ଷା ଅଧିକାରୀ ମମତା ମହାଡ଼ିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରଦୀ କୁମାର ନାଗ ଯୋଗ ଦେଇଥିଲେ, ଅନ୍ୟ ସମ୍ମାନିତ ଅତିଥି ଭାବରେ ତୁରେକେଲା ବ୍ଲକ ଶିକ୍ଷା ଅଧିକାରୀ ଗୌତମ ଟେଲ, ବଲାଙ୍ଗିର ଫୁଟବଲ ପ୍ରଶିକ୍ଷକ ପରାଶର ବାଗ, ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମି ବିଶ୍ୱାଳ, ପର୍ଯ୍ୟବେକ୍ଷକ ଭାବରେ ସୁନୀଲ କୁମାର ବିଶ୍ୱାଳ, ଦେଓଗାଁ ବ୍ଲକର ଏଜିଇଓ ଚୈତନ୍ୟ ଧରୁଆ ଓ ଦେଓଗାଁ ବ୍ଲକ କ୍ରିଡା ସଂଗଠନର ସମ୍ପାଦକ ଉମେଶ ଚନ୍ଦ୍ର ପାଣିଗ୍ରାହୀ ମଂଚାସୀନ ଥିଲେ । ପ୍ରାରମ୍ଭିକ ପର୍ଯ୍ୟୟରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ବାରିକ ସ୍ୱାଗତ ଅଭିଭାଷଣ କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀ କୁମାର ପାତ୍ର ବିବରଣୀ ପାଠ କରିଥିଲେ । ଏଥିରେ ବଲାଙ୍ଗିର ଜିଲ୍ଲାର ୧୪ ଗୋଟି ବ୍ଲକର ୧୭ ବର୍ଷରୁ କମ ବୟସର ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି ସର୍ବମୋଟ ୩୧୯ ଜଣ ଖେଳାଳି, ୩୧ ଜଣ ମେନେଜର ଓ ୩୧ ଜଣ ଅଫିସିଆଲ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ଉଦ୍ଦେଶ୍ୟ କେବଳ ପୁରସ୍କାର ଲାଭ ନୁହେଁ ବରଂ ଶୃଙ୍ଖଳା ସହ ସୁସ୍ଥ ଜୀବନ ମୂଲ୍ୟବୋଧ ହିଁ ଏହାର ପ୍ରଧାନ ଉଦ୍ଦେଶ୍ୟ ବୋଲି ଅତିଥିଗଣ ମାନେ ମତବ୍ୟକ୍ତ କରିଥିଲେ । ମନୋନୀତ ଖେଳାଳି ମାନେ ଆସନ୍ତା ନଭେମ୍ବର ମାସରେ ବଲାଙ୍ଗିର ଜିଲ୍ଲାରେ ହେବାକୁ ଥିବା ରାଜ୍ୟ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗୀତାରେ ବଲାଙ୍ଗିର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ । କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକର ସମସ୍ତ ପ୍ରଧାନଶିକ୍ଷକ, କ୍ରିଡା ଶିକ୍ଷକ, ଶିକ୍ଷକ ତଥା ଉପରଝର ଗ୍ରାମବାସୀ ସହଯୋଗ କରିଥିଲେ । ମଂଚ ପରିଚାଳନା ହେମନ୍ତ ପ୍ରଧାନ ଓ ଧନ୍ୟବାଦ ଅର୍ପଣ ସନ୍ଧ୍ୟା ରାଣୀ ଛତ୍ରିଆ କରିଥିଲେ ।

## ବିବାହ କଲେ ରାଣୀ ରାମ୍ପାଲ

ନୂଆଦିଲ୍ଲୀ, ୨।୧୧: ଭାରତୀୟ ହକି ଆଇକନ ତଥା ପୂର୍ବତନ ଅଧିନାୟିକା ରାଣୀ ରାମ୍ପାଲଙ୍କ ବିବାହ ରବିବାର ସମ୍ପନ୍ନ ହୋଇଛି। ସେ ଜଣେ ଚର୍ଟେଡ ଆକାଉଣ୍ଟାଣ୍ଟ ପଙ୍କଜ ସରୋହାଙ୍କୁ ବିବାହ କରିଛନ୍ତି। ବିବାହ ଉତ୍ସବରେ ଉଭୟଙ୍କ ପରିବାର ଏବଂ ବନ୍ଧୁ ପରିଜନ ଉପସ୍ଥିତ ଥିଲେ ।ରାଣୀ ରାମନାଲ ହେଉଛନ୍ତି ଭାରତର ଜଣେ ଅନ୍ୟତମ ଜଣାଶୁଣା ସେଲିବ୍ରିଟି ଆଥଲେଟ। ତାଙ୍କ ଅଧିନାୟକତ୍ୱରେ ଭାରତୀୟ ମହିଳା ହକି ଦଳ ବିଶ୍ୱସ୍ତରରେ ଅନେକ ମାଇଲଖୁଣ୍ଟ ହାସଲ କରିଛି। ବିବାହ ପାଇଁ ନବବିବାହିତ ଦମ୍ପତିଙ୍କୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

## ଜାତୀୟ ସ୍ତରରେ ଖେଳିବେ ମାଲକାନଗିରି ଜିଲ୍ଲାର ଛାତ୍ର

ମାଲକାନଗିରି,୨।୧୧: ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ, ରାଲେଗାଡ଼ା ପଂଚାୟତ କଣ୍ଟାଗୁଡ଼ା ଗ୍ରାମର ମୋସେ ଖରା ପିତା ପିତା କମୁଲୁ ଖରା । ସେ ବାଲିମେଲା ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର +୨ କଳା ର ପ୍ରଥମ ବର୍ଷ ଛାତ୍ର। ତା ୧୧.୧୦.୨୫ ରୁ ୧୪.୧୦.୨୫ ରିଖ ମଧ୍ୟରେ ଭଦ୍ରକ ଜିଲ୍ଲା ହନୁମାନ ଜୀଉ ଉଚ୍ଚ ବିଦ୍ୟାଳୟ, ରେଲୱେ ପଡ଼ିଆ, ଚରମ୍ପା ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି ଜାତୀୟ କ୍ରୀଡ଼ା ପାଇଁ ମନୋନୀତ ହୋଇଛନ୍ତି । ଏଣୁ ସେ ତା ୧୧.୧୧.୨୫ ରୁ ୧୫.୧୧.୨୫ ରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ବରେଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତର ଭଲିବଲ ପ୍ରତିଯୋଗିତା ରେ ଭାଗ ନେବେ।

ତାଙ୍କର ଏହି କୃତିତ୍ୱ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜ ପାଣିଗ୍ରାହୀ, ସହକାରୀ ଜିଲ୍ଲା ଶିକ୍ଷାଧିକାରିଣୀ ମଞ୍ଜୁଲତା ଭୋଇ, ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଭାଗୀରଥି ବେହେରା, ଜିଲ୍ଲା ଶାରିରିକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷାଧିକାରୀଙ୍କ ବରିଷ୍ଠ ସହାୟକ ଅନନ୍ତ ଚରଣ ବେହେରା, କନିଷ୍ଠ ସହାୟକ ପି ଭାନୁ ପ୍ରକାଶ ରାଓ, ଜିଲ୍ଲା ମଧ୍ୟାହ୍ନ ଭୋଜନ ପ୍ରୋଗାମର ଅରୁଣ ପଟ୍ଟନାୟକ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଉଜ୍ଜଳ ଭବିଷ୍ୟତ କାମନା ସହିତ ଅଭିନନ୍ଦନ ଜଣାଇ ଛନ୍ତି ।ସେ କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ କୁମାର ଟେଲ, ସରକାରୀ ଉଚ୍ଚ ବିଦ୍ୟାଳୟ କର୍ତ୍ତନପାଲ୍ଲୀ, କ୍ରୀଡ଼ା ଶିକ୍ଷକ ସନିଆ ମାଡ଼କାମୀ, ବିଜୁପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖି ଏହି ସଫଳତ ପ୍ରାପ୍ତ କରି ପାରିଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ଜିଲ୍ଲାର କ୍ରୀଡ଼ା ପ୍ରେମୀ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

## ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା : ଇଞ୍ଜିନିୟରିଂ ଦଳ ଚାମ୍ପିଅନ୍

ସମ୍ବଲପୁର, ୦୧ ନଭେମ୍ବର (ହି.ସ.)ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ, ସମ୍ବଲପୁର ୨୫ ରୁ ୩୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସମ୍ବଲପୁରର ରେଳବାଇ ଷ୍ଟାଡିୟମରେ ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା-୨୦୨୫ ସଫଳତାର ସହ ଆୟୋଜନ କରିଥିଲା। ମଣ୍ଡଳର ବିଭିନ୍ନ ବିଭାଗର ପ୍ରତିନିଧିତ୍ୱ କରୁଥିବା ମୋଟ ଆଠଟି ଦଳ ସପ୍ତାହବ୍ୟାପୀ ଏହି ପ୍ରତିଯୋଗିତାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ।ସମାପନୀ ସମାରୋହରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ବିନ୍ଦୁ ଚୌଧରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।ସମ୍ବୋଧନରେ ଶ୍ରୀ ଚୌଧୁରୀ ସମସ୍ତ ଅଂଶଗ୍ରହଣକାରୀ ଦଳର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ରେଳ କର୍ମଚାରୀଙ୍କ ମଧ୍ୟରେ ଦଳଗତ ମନୋଭାବ, ଶୃଙ୍ଖଳା ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡା ଏବଂ ଶାରୀରିକ ସୁସ୍ଥତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ବିଜେତା ଏବଂ ଉପ ବିଜେତା ଦଳକୁ ପୁରସ୍କାର ଏବଂ ଟ୍ରଫି ବଂଟନ କରିଥିଲେ ।ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ୍ ଇଞ୍ଜିନିୟରିଂ ଦଳ ଏବଂ ଇଲେକ୍ଟ୍ରିକାଲ୍ ଦଳ ମଧ୍ୟରେ ଖେଳାଯାଇଥିଲା। ଏହି ରୋମାଂଚକର ମୁକାବିଲାରେ ଇଞ୍ଜିନିୟରିଂ ଦଳ ୧-୦ ସ୍କୋର ସହିତ ବିଜୟୀ ହୋଇଥିଲା ।ବ୍ୟକ୍ତିଗତ ପୁରସ୍କାର କ୍ରମାନ୍ୱୟରେ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ସରୋଜ ପ୍ରଧାନ (ଇଞ୍ଜିନିୟରିଂ ଦଳ)ଟୁର୍ଣ୍ଣାମେଂଟର ଶ୍ରେଷ୍ଠ ଖେଳାଳି: ରିକି ଟପ୍ପୋ (ଇଲେକ୍ଟ୍ରିକାଲ୍ ଦଳ)ଶ୍ରେଷ୍ଠ ଡିଫେଣ୍ଡର: ରଞ୍ଜିତ ସ୍ୱାଇଁ (ପରିଚାଳନା ଦଳ) ।ଶ୍ରେଷ୍ଠ ଗୋଲ କିପର: ପ୍ରମୋଦ ପାଣିଗ୍ରାହୀ (ଇଞ୍ଜିନିୟରିଂ ଦଳ)ଙ୍କୁ ସମ୍ମାନିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ କ୍ରୀଡା ଅଧିକାରୀ ରିତେଶ ମେହେର ସଂଯୋଜନା କରିଥିଲେ। ମହିଳା କଲ୍ୟାଣ ସଂଗଠନ ର ସଦସ୍ୟଓ, ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ପଡ଼ିଆରେ ପ୍ରଦର୍ଶିତ ଉତ୍ସାହୀ ପ୍ରତିଯୋଗିତା ଏବଂ ଜୀବନ୍ତ କ୍ରୀଡା ମନୋଭାବ ଉପଭୋଗ କରିଥିଲେ ଏବଂ ଦଳଗୁଡ଼ିକୁ ଉତ୍ସାହର ସହିତ ଉତ୍ସାହିତ କରିଥିଲେ, ଯାହା ଟୁର୍ଣ୍ଣାମେଂଟକୁ ଏକ ମହାନ ସଫଳତା ଦେଇଥିଲା।

## କୁଲଦୀପ ଅଷ୍ଟ୍ରେଲିଆର ଟି୨୦ ସ୍କ୍ୱାଡ୍‌ରୁ ରିଲିଜ

ମୁମ୍ବାଇ,୨।୧୧: ଭାରତୀୟ କ୍ରିକେଟ୍ ଦଳର ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବଙ୍କୁ ଅଷ୍ଟ୍ରେଲିଆ। ବିପକ୍ଷ ଚାଲିଥିବା ୨୦ ସିରିଜ୍‌ର ବାକି ଦୁଇଟି ମ୍ୟାଚ୍ ପାଇଁ ଦଳରୁ ମୁକ୍ତ କରାଯାଇଛି ।ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ୍ ପାଇଁ ପ୍ରସ୍ତୁତି ନିମନ୍ତେ ତାଙ୍କୁ ଏହି ନିଷ୍ପତ୍ତି କ୍ରମେ ଛଡ଼ାଯାଇଛି।



ବିସିସିଆଇ (ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ, ଡିସେମ୍ବର ୧୪ରୁ ଆରମ୍ଭ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ୍ ପାଇଁ କୁଲଦୀପଙ୍କୁ ରେଡ୍-ବଲ୍ ଫର୍ମାଟ୍‌ରେ ଅଭ୍ୟାସ କରାଇବାକୁ ଦଳ ପରିଚାଳନା କମିଟି ଅନୁରୋଧ କରିଥିଲେ। ଏହି କାରଣରୁ କୁଲଦୀପ ଯାଦବଙ୍କୁ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ) ଦକ୍ଷିଣ ଆଫ୍ରିକା ଏ ବିପକ୍ଷରେ ଭାରତ ଏ ଦଳର ଦ୍ୱିତୀୟ ଚାରି-ଦିବସୀୟ (ଅନଅଫିସିଆଲ୍ ଟେଷ୍ଟ) ମ୍ୟାଚ୍ ପାଇଁ ସାମିଲ କରାଯାଇଛି ।ଏହି ମ୍ୟାଚ୍ ନଭେମ୍ବର ୬ ତାରିଖରୁ ଆରମ୍ଭ ହେବ।

ଭାରତର ସଂଶୋଧିତ ୨୦ ସ୍କ୍ୱାଡ୍ (୪ର୍ଥ ଓ ୫ମ ୨୦): ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ (ଉପ-ଅଧିନାୟକ), ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା (ୱିକେଟ୍ କିପର), ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ, ହର୍ଷିତ ରାଣା, ସଞ୍ଜୁ ସାମସନ (ୱିକେଟ୍ କିପର), ରିଙ୍କୁ ସିଂହ,ୱାଶିଂଟନ୍ ସୁନ୍ଦର।

ଭାରତ ଏ ସ୍କାଡ୍ (୨ୟ ୪-ଦିବସୀୟ): ଋଷଭ ପନ୍ତ (ଅଧିନାୟକ) ୱିକେଟ୍ କିପର), କେ.ଏଲ୍. ରାହୁଲ, ଧ୍ରୁବ ଜୁରେଲ (ୱିକେଟ୍ କିପର), ସାଇ ସୁଦର୍ଶନ (ଉପ-ଅଧିନାୟକ), ଦେବଦତ୍ତ ପାଡ଼ିକ୍କଲ, ଋତୁରାଜ ଗାୟକ୍ୱାଡ୍, ହର୍ଷ ଦୁବେ, ତନୁଶ କୋଟିଆନ୍, ମାନବ ସୁଥାର, ଖଲିଲ ଅହମ୍ମଦ, ଗୁରନୁର ବ୍ରାର, ଅଭିମନ୍ୟୁ ଈଶ୍ୱରନ୍, ପ୍ରସିଦ୍ଧ କୃଷ୍ଣ, ମହମ୍ମଦ ସିରାଜ, ଆକାଶ ଦୀପ, କୁଲଦୀପ ଯାଦବ।

## ପାକିସ୍ତାନରେ ଶ୍ରୀଲଙ୍କା କ୍ରିକେଟ ବୋର୍ଡର ପ୍ରତିନିଧି

ଲାହୋର,୨।୧୧: ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍ଏଲ୍‌ସି)ର ଏକ ପ୍ରତିନିଧି ଦଳ ପାକିସ୍ତାନ ପଠାଇଛି କାରଣ ସେମାନଙ୍କ ଦଳ ପାକିସ୍ତାନରେ ଅନେକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ପ୍ରତିନିଧି ଦଳ ଇତିମଧ୍ୟରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଫିସିଆଲଙ୍କ ସହ ଆଲୋଚନା କରିଛି ସେମାନଙ୍କ କ୍ରିକେଟ ଦଳ ପାଇଁ କି ପ୍ରକାଶ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେ ସମ୍ପର୍କରେ ପିସିବି ଅଫିସିଆଲଙ୍କଠାରୁ ସେମାନେ ପଚାରି ବୁଝିଛନ୍ତି ଶ୍ରୀଲଙ୍କା ପ୍ରତିନିଧି ଦଳ ଲାହୋର, ରାୱଲପିଣ୍ଡି ଓ ଫୈସଲାବାଦର ମ୍ୟାଚ ସ୍ଥଳ ଗସ୍ତ କରିବେ, ଯେଉଁଠାରେ କି ମ୍ୟାଚଗୁଡ଼ିକ ଖେଳାଯିବ। ସେଠାରେ ସେମାନେ ଅୟୋଜକ ଏବଂ ପୋଲିସ ଅଫିସିଆଲଙ୍କ ସହ ଆଲୋଚନା କରିବେ। ୨୦୦୯ରେ ଲାହୋରରେ ଶ୍ରୀଲଙ୍କା ଦଳ ବସ୍ ଉପରେ ଆକ୍ରମଣପରେ ୧୦ ବର୍ଷ ପରେ ଅର୍ଥାତ ୨୦୧୯ରେ ଶ୍ରୀଲଙ୍କା ପ୍ରଥମ ଥର ପାକିସ୍ତାନରେ ଖେଳିବାକୁ ଆସିଥିଲା ଏହାପରେ ଶ୍ରୀଲଙ୍କା କ୍ରିକେଟ ଦଳ ଅନେକ ଥର ପାକିସ୍ତାନ ଟୁର୍‌ରେ ଆସିଛି।

## ଗିଲ୍ ଓ ଗମ୍ଭୀରଙ୍କୁ ନେଇ ଭବିଷ୍ୟବାଣୀ କଲେ ୱାର୍ଣ୍ଣର



ନୂଆଦିଲ୍ଲୀ,୨।୧୧: ଅଷ୍ଟ୍ରେଲିଆର ପୂର୍ବତନ ଖେଳାଳି ଡେଭିଡ ୱାର୍ନରଙ୍କ ତରଫରୁ ଏକ ଦାବି କରାଯାଉଛି କି ତାଙ୍କୁ ୨୦୨୭ବିଶ୍ୱକପ୍ ପର୍ଯ୍ୟନ୍ତ ଗେତମ ଗମ୍ଭୀର ଏବଂ ଶୁଭମନ ଗିଲଙ୍କ ଟିମରେ ସ୍ଥାନ ସୁରକ୍ଷିତ ଲାଗୁ ନାହିଁ।

ଭାଇରାଲ ପୋଷ୍ଟରେ ଡେଭିଡ ୱାର୍ନରଙ୍କ ପକ୍ଷରୁ କୁହାଯାଇଛି କି, ରୋହିତ ଶର୍ମା ଏବଂ ବିରାଟ କୋହଲୀଙ୍କଠାରୁ ଅଧିକ ମୋତେ ୨୦୨୭ବିଶ୍ୱକପରେ ଶୁଭମନ ଗିଲ୍ ଏବଂ ଗେତମ ଗମ୍ଭୀରଙ୍କ ସ୍ଥାନ ଉପରେ ସନ୍ଦେହ ହେଉଛି । ସୋସିଆଲ ମିଡ଼ିଆରେ ଡେଭିଡ ୱାର୍ନରଙ୍କ ପକ୍ଷରୁ ଏହି ବୟାନ ଭାଇରାଲ ହେବାରେ ଲାଗିଛି ।ମାତ୍ର ୱାର୍ନର କମେଣ୍ଟ୍ରି ସମୟରେ ଏହା କହିଛନ୍ତି କି ନାହିଁ ଏହା ସ୍ପଷ୍ଟ ହେଉନାହିଁ । ବିରାଟ କୋହଲୀ ଅଷ୍ଟ୍ରେଲିଆ। ବିପକ୍ଷରେ ପ୍ରଥମ ଦୁଇ ୱାନଡେ ମ୍ୟାଚରେ ବିନା କେଣସି ଖାତା ଖୋଲି ଆଉଟ ହୋଇଯାଇଥିଲେ। ସିଡନୀରେ ସେ ୭୪ରନର ପାଳି ଖେଳିଥିଲେ ଅନ୍ୟପଟେ ରୋହିତ ଶର୍ମା ୨୦୨ରନ୍ କରି ଏହି ସିରିଜରେ ସବୁଠାରୁ ଅଧିକ ରନ୍ କରିଥିବା ବ୍ୟାଟର ହୋଇଛନ୍ତି ।ସେ ସିଡନୀରେ ୧୨୧ରନ୍ ଏବଂ ଏଡିଲେଡରେ ୭୩ରନର ପାଳି ଖେଳିଥିଲେ। ରୋହିତ ଶର୍ମା ଏବଂ ବିରାଟ କୋହଲୀ ଟି-୨୦ ଏବଂ ଟେଷ୍ଟ ଫର୍ମାଟରୁ ସନ୍ନ୍ୟାସ ନେଇ ସାରିଛନ୍ତି ଉଭୟେ ଏବେ କେବଳ ଏକ ଦିବସୀୟ ଫର୍ମାଟରେ ଖେଳୁଛନ୍ତି। ଟିମ୍ ଇଣ୍ଡିଆର ଆଗାମୀ ୱାନଡେ ସିରିଜ ଦକ୍ଷିଣ ଆଫ୍ରିକା ସହ ହେବାକୁ ରହିଛି ରୋହିତ ଏବଂ ବିରାଟ ଉକ୍ତ ସିରିଜରେ ଖେଳୁଥିବା ନଜର ଆସିପାରନ୍ତି। ଭାରତ ବନାମ ଦକ୍ଷିଣ ଆଫ୍ରିକା ୱାନଡେ ସିରିଜ ୩୦ନଭେମ୍ବର-୬ଡିସେମ୍ବର ପର୍ଯ୍ୟନ୍ତ ଚାଲିବ।

## ଆଲିସା ହିଲିଙ୍କ ଅବସର ଇଙ୍ଗିତ

ନୂଆଦିଲ୍ଲୀ: ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ୍ ଅଷ୍ଟ୍ରେଲିଆ। ଭାରତଠାରୁ ନଅଟି ବଲ୍ ବାକି ଥାଇ ପାଞ୍ଚ କେଟରେ ପରାସ୍ତ ହୋଇଛି। ଅଷ୍ଟ୍ରେଲିୟ ଅଧିନାୟିକା ଆଲିସା ହିଲି ସଙ୍କେତ ଦେଇଛନ୍ତି ଯେ ଏହା ତାଙ୍କର ଶେଷ ୫୦ ଓଭର ବିଶ୍ୱକପ୍ ମ୍ୟାଚ୍ ହୋଇପାରେ ଭାରତୀୟ ଦଳ ନଭି ମୁମ୍ବାଇର ଡିଇ ପାଟିଲ ଷ୍ଟାଡିୟମରେ ସେମାନଙ୍କ ଇତିହାସରେ ସର୍ବାଧିକ ରନ୍ ପିଛା କରି ଅଷ୍ଟ୍ରେଲିଆର ରାଜୁର ଅନ୍ତ ଘଟାଇଛି ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ। ୪୯.୫ ଓଭରରେ ୩୩୮ ରନ କରି ଅଲଆଉଟ୍ ହୋଇଥିଲା ଜବାବରେ, ଭାରତ ୪୮.୩ ଓଭରରେ ପାଞ୍ଚ କେଟ ହରାଇ ଲକ୍ଷ୍ୟ ହାସଲ କରିଥିଲା।

ଆଲିସା ହିଲି ମ୍ୟାଚ୍ ପରେ କହିଥିଲେ, ମୁଁ ଭାବୁଛି ଏହି ଟୁର୍ଣ୍ଣାମେଣ୍ଟରେ ସମସ୍ତେ ଭଲ ଅବଦାନ ଦେଇଛନ୍ତି ସେଥିପାଇଁ ପରାଜିତ ଅଧିନାୟକ ହେବା ନିରାଶାଜନକ ଆମେ ଅନେକ ସୁଯୋଗ ସୃଷ୍ଟି କରିଥିଲୁ ଆମେ ଚାପ ସୃଷ୍ଟି କରିଥିଲୁ କିନ୍ତୁ ଆମେ ମ୍ୟାଚ୍ ଜିତିପାରିଲୁ ନାହିଁ ।

ଫୋବି ଲିଚ୍ଫିଲ୍ଡ (୧୧୯) ଏବଂ ଆଲିସା ପେରି (୭୭)ଙ୍କ ଚମତ୍କାର ଇନିଂସ ଯୋଗୁଁ ଅଷ୍ଟ୍ରେଲିଆ। ୩୩୮ ରନର ବିଶାଳ ସ୍କୋର କରିଥିଲା ଭାରତର ପ୍ରତିଆକ୍ରମଣ ପ୍ରଦର୍ଶନ ଜେମିମା ରୋଡ୍ରିଗେଜ (୧୨୭ଅ) ଏବଂ ହରମନପ୍ରୀତ କୌର (୮୯)ଙ୍କ ନେତୃତ୍ୱରେ ହୋଇଥିଲା ୮୨ ରନ୍‌ରେ ଥିବା ବେଳେ ହିଲି ଜେମିମାଙ୍କ କ୍ୟାଚ୍ ଛାଡ଼ି ଦେଇଥିଲେ ।ଏହା ଅଷ୍ଟ୍ରେଲିଆ। ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା, କାରଣ ଭାରତ ଟସ୍ ଜିତିବା ପରେ ହିଁ ରୋଡ୍ରିଗେଜ ବିରତି ନେଇଥିଲେ।

ପରବର୍ତ୍ତୀ ଦିନିକିଆ। ବିଶ୍ୱକପ୍ ପାଇଁ ତାଙ୍କର ଫେରିବାର କୌଣସି ଯୋଜନା ଅଛି କି ପଚରାଯିବାରୁ ୩୫ ବର୍ଷୀୟ ଆଲିସା ହିଲି ସ୍ପଷ୍ଟ ଭାବରେ ଉତ୍ତର ଦେଇଥିଲେ, ନା, ମୁଁ ସେତେବେଳେ ସେଠାରେ ରହିବି ନାହିଁ ଆସନ୍ତା ବର୍ଷ ଟି-୨୦ ବିଶ୍ୱକପ୍ ଆସୁଛି ଏବଂ ଆମ ଦଳ ଏଥିପାଇଁ ବହୁତ ଉତ୍ସାହିତ କିନ୍ତୁ ମୁଁ ଭାବୁଛି ଆଗକୁ ଆମର ଦିନିକିଆ। କ୍ରିକେଟରେ ନିଶ୍ଚିତ ଭାବରେ କିଛି ପରିବର୍ତ୍ତନ ହେବ ।

ହିଲିଙ୍କ ସଙ୍କେତ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ ସେ ଦିନିକିଆ। ଫର୍ମାଟରୁ ଅବସର ନେବେ ଅଷ୍ଟ୍ରେଲିୟ ଅଧିନାୟକ ହିଲି ୧୨୩ ଦିନିକିଆ। ଖେଳିଛନ୍ତି ଏତିରେ ସେ ସାତଟି ଶତକ ଏବଂ ୧୮ ଅର୍ଦ୍ଧଶତକ ସହିତ ୩୫୬୩ ରନ କରିଛନ୍ତି ଚଳିତ ବିଶ୍ୱକପରେ ପାଞ୍ଚଟି ମ୍ୟାଚ୍‌ରେ ହିଲି ୨୯୯ ରନ୍ କରିଥିଲେ।

ଆଲିସା ହିଲି ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ ଯେ ଅଷ୍ଟ୍ରେଲିଆର ଯୁବ ପିଢ଼ି ଉତ୍କୃଷ୍ଟ ଏବଂ ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ କରିବେ ସେ କହିଥିଲେ, ଯେତେବେଳେ ଆପଣ ମୋ ବୟସର ଖେଳାଳିମାନଙ୍କୁ ଅନ୍ୟତ୍ର ଯିବାର ଦେଖିବେ, ପରବର୍ତ୍ତୀ ପିଢ଼ି କିପରି ଖେଳନ୍ତି ତାହା ଦେଖିବା ଏକ ଭିନ୍ନ ଅଭିଜ୍ଞତା ହେବ ଫୋବି ଲିଚ୍ଫିଲ୍ଡ ଭାରତ ବିପକ୍ଷରେ ଏକ ଚମତ୍କାର ଶତକ ହାସଲ କରିଥିଲେ ତାଙ୍କ ଖେଳ ଦେଖିବା ମଜାଦାର ଥିଲା ବିଶ୍ୱକପ୍ ପୂର୍ବରୁ ଆଗାମୀ ଚାରି ବର୍ଷ ବହୁତ ରୋମାଞ୍ଚକର ହେବ ।

ହିଲି ଆହୁରି କହିଛନ୍ତି, ଆଜି ଆମେ କରିଥିବା ଭୁଲରୁ ଆମେ ଶିଖିବୁ ଆମେ ଆଗକୁ ବଢ଼ିବୁ ଏବଂ ଭଲ ହେବୁ ଯଦି କିଛି ଯୁବପିଢ଼ିଙ୍କୁ ନିଜକୁ ପ୍ରମାଣିତ କରିବାର ସୁଯୋଗ ଦିଆଯାଏ ତେବେ ଏହା ଅଷ୍ଟ୍ରେଲିଆ। କ୍ରିକେଟ୍ ପାଇଁ ଏକ ଭଲ କଥା ହେବ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆର ବିଦାୟ ଏକ ଅଧ୍ୟାୟ ବନ୍ଦ କରିଦେଇପାରେ, କିନ୍ତୁ ହିଲିଙ୍କ କଥାରେ, ଏହା ପରବର୍ତ୍ତୀ ପାଇଁ ଦ୍ୱାର ଖୋଲିଦେଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ